بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସାପ୍ତାହିକ ବଦର

The Weekly କାଦିଆନ BADAR Qadian ODIA

ସଂଖ୍ୟା 16

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

19 ଏପ୍ରିଲ୍ 2018  19 ଶାହାଦତ୍ 1397 ହି.ଶ  02 ଶାବାନ୍ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوا

اسۡتَعِيۡنُوۡا بِالصَّبۡرِ وَالصَّلٰوةِ ؕ

اِنَّ اللّٰهَ مَعَ الصّٰبِرِيۡنَ

(سورۃ البقرہ:154)

ଅନୁବାଦ - ହେ ଲୋକମାନେ ! ଯେଉଁମାନେ ବିଶ୍ୱାସ ସ୍ଥାପନ କରିଅଛ ଧୈର୍ଯ୍ୟ ଓ ପ୍ରାର୍ଥନା ଦ୍ୱାରା (ଅଲ୍ଲାଃଙ୍କର) ସାହାଯ୍ୟ ଭିକ୍ଷା କର । ଅଲ୍ଲାଃ ବାସ୍ତବରେ ଧୈର୍ଯ୍ୟଶୀଳ ମାନଙ୍କ ସହିତ ଥାଆନ୍ତି ।

ସୁରା ବକ୍ରା: ୧୫୪

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଏପରି କୌଣସି କୌମ୍ (ଜାତି/ସମ୍ପ୍ରଦାୟ) ନାହାଁନ୍ତି ଯେଉଁଠି ମୋ ନିଦର୍ଶନ ପ୍ରକାଶ ନହୋଇଛି ଓ ଏପରି କୌଣସି ଫିର୍‌କା (ଗୋଷ୍ଠୀ) ନାହିଁ ଯିଏ ମୋ ନିଦର୍ଶନ ଗୁଡିକର ସାକ୍ଷୀ ନଥିବେ । ଯଦି ଏହି ନିଦର୍ଶନ ଗୁଡିକର ସାକ୍ଷ ଦଶ କରୋଡ୍ ମଧ୍ୟ କୁହାଯିବ ତେବେ କିଛି ବେଶୀ ହେବନାହିଁ କିନ୍ତୁ ବିରୋଧି ମାନଙ୍କର ଅବସ୍ଥାକୁ ଦେଖି କାନ୍ଦ ଲାଗୁଛି କି ସେମାନେ ଏଥିରୁ କୌଣସି ଲାଭ ଉଠାଇଲେ ନାହିଁ । ଯେଉଁ ନିଦର୍ଶନ ଗୁଡିକର ତାଙ୍କୁ ଦେଖାଇ ଦିଆଯାଇଛି ଯଦି ତାହା ହଜ୍‌ରତ୍ ଇଶା ଇବ୍‌ନେ ମରିୟମ୍‌ଙ୍କ ସମୟରେ ୟୁହୁଦୀମାନଙ୍କୁ ଦେଖାଇ ଦିଆଯାଇଥାଆନ୍ତା ତେବେ ସେମାନେ ଜୁରିବତ୍ ଆଲୈହିମୁଜ୍ ଜିଲ୍ଲତୁ ସଦୃଶ ହୋଇନଥାନ୍ତେ ଏବଂ ଯଦି ଲୁତ୍‌ର କୌମ୍ ଉକ୍ତ ନିଦର୍ଶନ ଗୁଡିକୁ ଦେଖିଥାଆନ୍ତା ତେବେ ସେ ଗୋଟିଏ ବିଶାଳ ଭୂମିକମ୍ପ ଦ୍ୱାରା ପୃଥିବୀ ତଳେ ଦବି ଯାଇ ନଥାନ୍ତେ । କିନ୍ତୁ ସେମାନଙ୍କ ହୃଦୟକୁ ଦେଖି ଦୁଃଖ ଲାଗୁଛି କି ତାହା ସବୁ ପଥର ଠାରୁ ମଧ୍ୟ ଅଧିକ କଠିନ ପ୍ରମାଣିତ ହେଲା ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

**୧୨୮ ତମ ନିଦର୍ଶନ** - ୧୧ ଫେବୃଆରୀ ୧୯୦୬ ମସିହାରେ ବଙ୍ଗଳା ସମ୍ବନ୍ଧରେ ଗୋଟିଏ ପେଶ୍‌ଗୋଇ ଥିଲା ଯାହାର ଶବ୍ଦଗୁଡିକ ଏପରି ଥିଲା ''ପ୍ରଥମ ବଙ୍ଗଳା ସମ୍ବନ୍ଧରେ ଯେଉଁ ସବୁ ନିର୍ଦ୍ଦେଶ ଜାରି କରାଯାଇଥିଲା ଏବେ ସେମାନଙ୍କୁ ଶାନ୍ତ୍ୱନା ଦିଆଯିବ'' । ଏହାର ବ୍ୟାଖ୍ୟା ହେଉଛି ଏପରିକି ଯେପରିକି ସମସ୍ତେ ଜାଣନ୍ତି ସରକାର୍ ବଙ୍ଗ ବିଭାଜନ ସମ୍ବନ୍ଧରେ ନିର୍ଦ୍ଦେଶ ଜାରି କରିଥିଲେ ଓ ଏହି ନିର୍ଦ୍ଦେଶ ବଙ୍ଗାଳୀମାନଙ୍କ ମନକୁ ଏତେ ବ୍ୟଥିତ କରିଥିଲା କି ଯେପରି ସେମାନଙ୍କ ଘରେ ଶୋକର ଛାୟା ଖେଳିଯାଇଥିଲା । ଓ ସେମାନେ ବଙ୍ଗ ବିଭାଜନ ରୋକି ଯିବା ପାଇଁ ବହୁତ ଚେଷ୍ଟା ମଧ୍ୟ କଲେ କିନ୍ତୁ ଅସଫଳ ରହିଲେ । ବରଂ ଏହାର ବିପରୀତ ଫଳ ଏହା ହେଲା କି ସେମାନଙ୍କର ପାଟିତୁଣ୍ଡକୁ ସରକାରୀ ଅଫିସର୍‌ମାନେ ପସନ୍ଦ କଲେ ନାହିଁ ଏବଂ ସେମାନଙ୍କ ନିମନ୍ତେ ଉକ୍ତ ଅଫିସର୍ ମାନଙ୍କ ତରଫରୁ ଯେଉଁ ସବୁ କାର୍ଯ୍ୟକ୍ରମ କରାଗଲା ଆମେ ଏଠାରେ ଏହାର ବ୍ୟାଖ୍ୟା କରିବାକୁ ଉଚିତ୍ ମଣୁନାହୁଁ । ବିଶେଷ ରୂପେ ଫ୍ଲୋର୍ ଲେଫ୍‌ଟ୍‌ନାଂଟ୍ ଗଭର୍ଣ୍ଣର୍‌ଙ୍କୁ ସେମାନେ ନିଜର ମଲକୁଲ୍ ମୌତ୍ (ମୃତ୍ୟୁର ଫିରସ୍ତା) ରୂପେ ବିବେଚନା କଲେ । ଓ ସଂଯୋଗ ବଶତଃ ସେହି ସବୁ ଦିନ ଗୁଡିକରେ ବଙ୍ଗାଳୀ ଲୋକମାନେ ନିଜ ଅଫିସର୍‌ଙ୍କ ଦ୍ୱାରା ଦୁଃଖ ଭୋଗୁଥିଲେ । ଏବଂ ସର୍ଫ୍‌ଲୋର୍‌ଙ୍କ ବ୍ୟବସ୍ଥା ଯୋଗୁ ବହୁତ କଷ୍ଟ ଅନୁଭବ କରୁଥିଲେ । ମୋତେ ଉପରବର୍ଣ୍ଣିତ ଐଶିବାଣୀ ହେଲା । ଅର୍ଥାତ୍ ପ୍ରଥମେ ବଙ୍ଗ ନିମନ୍ତେ ଯାହା କିଛି ନିର୍ଦ୍ଦେଶ ଜାରି କରାଯାଇଥିଲା ଏବେ ସେମାନଙ୍କୁ ଶାନ୍ତ୍ୱନା ଦିଆଯିବ । ସୁତରାଂ ମୁଁ ଏହି ପେଶ୍‌ଗୋଇଟିକୁ ସେ ସମୟରେ ଛପାଇ ପ୍ରକାଶ କରିଦେଲି । ତେଣୁ ଏହି ପେଶ୍‌ଗୋଇଟି ଏପରି ପୂରଣ ହେଲା କି ବଙ୍ଗର ଲେଫ୍‌ଟ୍‌ନାଂଟ୍ ଗଭର୍ଣ୍ଣର୍ ଫ୍ଲୋର୍ ସାହେବ୍ ଯାହାଙ୍କ ହାତରେ ବଙ୍ଗାଳୀ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ଓ ଏତେ ମାତ୍ରାରେ ନିନ୍ଦା କରୁଥିଲେ କି ସେମାନଙ୍କର ଆହ୍ (ଅଭିଷାପ) ଆକାଶ ପର୍ଯ୍ୟନ୍ତ ପହଂଚି ସାରିଥିଲା, ଅଚାନକ (ଫ୍ଲୋର୍ ସାହେବ) ଇସ୍ତଫା ଦେଇଦେଲେ ଏବଂ ଯେଉଁ କାରଣ ଯୋଗୁ ଇସ୍ତଫା ଦେଲେ ସେହି କାଗଜ ଗୁଡିକ ପ୍ରକାଶ କରାଗଲା ନାହିଁ କିନ୍ତୁ ଫ୍ଲୋର୍ ସାହେବ୍‌ଙ୍କ ଇସ୍ତଫାରେ ବଙ୍ଗାଳୀମାନେ ଯେଉଁପରି ଖୁସିର ଅନୁଭବକୁ ପରିପ୍ରକାଶ କଲେ, ଯେପରିକି ବଙ୍ଗାଳୀ ଖବରକାଗଜରୁ ଜଣାପଡୁଛି, ସବୁଠାରୁ ବଳି ଏକଥାକୁ ସାକ୍ଷୀ ଦେଉଅଛି ଯେ ବଙ୍ଗାଳୀମାନେ ଫ୍ଲୋର୍‌ଙ୍କ ଅଲଗା ହୋଇଯିବା ଦ୍ୱାରା ନିଜର ଖୁସିକୁ ଅନୁଭବ କଲେ । ଓ ଫ୍ଲୋର୍‌ଙ୍କ ଇସ୍ତଫା ଦେବା ଦ୍ୱାରା ସେମାନଙ୍କ ଆନନ୍ଦର ଉତ୍ସବ ଓ ସାଧାରଣତଃ ସେମାନଙ୍କର ଖୁସିର ନାରା ଏ କଥାର ସାକ୍ଷ୍ୟ ଦେଉଥିଲା କି ବାସ୍ତବରେ ଫ୍ଲୋର୍‌ଙ୍କ ଅଲଗା ହୋଇଯିବା ଦ୍ୱାରା ସେମାନଙ୍କ ଶାନ୍ତ୍ୱନା ମିଳିଛି । ବରଂ ସମ୍ପୂର୍ଣ୍ଣ ରୂପେ ଶାନ୍ତ୍ୱନା ମିଳିଛି ଓ ସେମାନେ ଫ୍ଲୋର୍‌ଙ୍କ ଅଲଗା ହୋଇଯିବାକୁ ନିଜ ପାଇଁ ସରକାରଙ୍କର ଏକ ବଡ଼ ଅନୁଗ୍ରହ ବୋଲି ଭାବୁଛନ୍ତି । ତେଣୁ ଫ୍ଲୋର୍‌ଙ୍କ ଇସ୍ତଫାର କାରଣକୁ ସରକାର କୌଣସି କାରଣ ବଶତଃ ଲୁଚାଇ ରଖିଛନ୍ତି ସେହି କାରଣ ବଙ୍ଗାଳୀ ମାନଙ୍କ ଖୁସିକୁ ପରିପ୍ରକାଶ କରୁଅଛି ଏବଂ ଏହାଠାରୁ ବଳି ଏହି ପେଶ୍‌ଗୋଇକୁ ପୁରା ହେବାର ଆଉ କଣ ପ୍ରମାଣ ହେବ କି ବଙ୍ଗାଳୀମାନେ ଏପରି କାରବାଇ ଦ୍ୱାରା ଶାନ୍ତ୍ୱନା ଅନୁଭବ କରିବାର ନିଜେ ମାନୁଛନ୍ତି । ଏବଂ ସରକାରଙ୍କୁ ଧନ୍ୟବାଦ ଜଣାଉଛନ୍ତି । ମୋର ଏହି ପେଶ୍‌ଗୋଇଟି କେବଳ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ପତ୍ରିକାରେ ଛପାଯାଇନଥିଲା ବରଂ ପଞ୍ଜାବ୍‌ର ଅନେକ ଖବର କାଗଜରେ ମଧ୍ୟ ପ୍ରକାଶ କରାଯାଇଥିଲା । ଏପରିକି ନିଜେ ବଙ୍ଗଳାର କିଛି ନାମକରା ଖବରକାଗଜ ଗୁଡିକ ଏହି ପେଶ୍‌ଗୋଇକୁ ଛପାଇ ପ୍ରକାଶ କରିଥିଲେ ।

ଏହି ପେଶ୍‌ଗୋଇଟି ପୁରା ହୋଇଯିବାର ଆଉ ଏକ ପ୍ରମାଣ ହେଉଛି କି ଅମ୍‌ରତ୍ ବାଜାର୍ ପତ୍ରିକା ଯାହା କଲିକତାର ଗୋଟିଏ ଇଂରାଜୀ ଖବରକାଗଜ, ଯାହା ବଙ୍ଗାଳୀମାନଙ୍କର ସବୁଠାରୁ ଅଧିକ ପ୍ରସିଦ୍ଧ ଖବରକାଗଜ ଅଟେ, ସେହି ଲେଖାକୁ ଖବରକାଗଜ ସିଭିଲ୍ ଆଣ୍ଡ୍ ମିଲିଟାରୀ ଗେଜେଟ୍ ଲାହୋର୍ ୨ ଅଗଷ୍ଟ ୧୯୦୬ ପ୍ରକାଶନରେ ଦରଜ କରିଛି, ତାହା ହେଉଛି ଏପରି ''ଏହା ସମ୍ଭବତଃ ଏହାର ଅର୍ଥାତ୍ ଫ୍ଲୋର୍‌ଙ୍କ ଉତରାଧିକାରୀ (ନୁଆ ଲେଫ୍‌ଟ୍‌ନାଂଟ୍ ଗଭର୍ଣ୍ଣର୍) ବିଶେଷ ରୂପେ ଶାନ୍ତ୍ୱନା ମୂଳକ ପଲିସି ଗ୍ରହଣ କରିବ । ଏଥିରେ କୌଣସି ଶଙ୍କା ନାହିଁ ଯେ ଏହା ସମ୍ପୂର୍ଣ୍ଣ ରୂପେ ଆମ ଉଦ୍ଦେଶ୍ୟ ମୁତାବକ ଅଟେ ।

ଉପରବର୍ଣ୍ଣିତ ଖବରକାଗଜଟି ଉକ୍ତ ବାକ୍ୟରେ ମଧ୍ୟ ଏହା ପ୍ରକାଶ କରିଦେଇଛନ୍ତି କି ଅର୍ଥାତ୍ ସେ ଏ ସମ୍ବନ୍ଧରେ ନିଜର ସନ୍ତୁଷ୍ଟିକୁ ପ୍ରକାଶ କରିଛନ୍ତି । ଅର୍ଥାତ୍ ନିଶ୍ଚିତ ରୂପେ ଲେଫ୍‌ଟ୍‌ନାଂଟ୍ ଗଭର୍ଣ୍ଣର୍‌ଙ୍କ ପାଇଁ ଏହା ଉଚିତ୍ ହେବ ଯେ ସେ ବଙ୍ଗାଳୀମାନଙ୍କୁ ଶାନ୍ତ୍ୱନା ଦେବେ । ସୁତରାଂ ଉକ୍ତ ଖବରକାଗଜଟି ମଧ୍ୟ ପେଶ୍‌ଗୋଇକୁ ପୁରା ହେବା ପାଇଁ ଗୋଟିଏ ସାକ୍ଷୀ ଅଟେ ।

ପୁଣି ପରିଶେଷରେ ଆମେ ଏହି ପେଶ୍‌ଗୋଇଟିକୁ ପୁରା ହେବାର ଗୋଟିଏ ଜବର୍‌ଦସ୍ତ ଦଲିଲ୍ ଲେଖୁଅଛୁ ଏବଂ ତାହା ହେଉଛି ଏପରି- ଜଣେ ଅଂଗ୍ରେଜୀ ଅଫିସର୍ ଯିଏ ୫୦ ବର୍ଷ ପର୍ଯ୍ୟନ୍ତ ସରକାରଙ୍କର ଗୋଟିଏ ବଡ଼ ପଦବୀରେ ରହିଛନ୍ତି ସେ ଖବରକାଗଜ ସିଭିଲ୍ ଆଣ୍ଡ୍ ମିଲିଟାରୀ ଗେଜେଟ୍ ଲାହୋର୍ ୨୪ ଅଗଷ୍ଟ ୧୯୦୬ ରେ ଗୋଟିଏ ଲମ୍ବା ଚିଠି ଲେଖି ଏକଥା ପ୍ରକାଶ କରିଛନ୍ତି କି ସର୍ ଫ୍ଲୋର୍‌ଙ୍କ ଇସ୍ତଫା ବଙ୍ଗାଳୀ ବାବୁ ମାନଙ୍କ ଇଛା ମୁତାବକ ଥିଲା । ପୁଣି ଲେଖୁଛି ଏଥିରେ କୌଣସି ଶଙ୍କା ନାହିଁ କି ତାର ଅର୍ଥାତ୍ ଫ୍ଲୋର୍‌ଙ୍କ ଉତରାଧିକାରୀଙ୍କୁ ଏ ନିର୍ଦ୍ଦେଶ (ବଡ଼ ସରକାରଙ୍କ ତରଫରୁ) ମିଳିଛି ଏବଂ ସେ ତାକୁ ଗ୍ରହଣ କରିଛନ୍ତି କି ଖଳ ପ୍ରକୃତିର ବାବୁମାନଙ୍କ ସହିତ ଶାନ୍ତ୍ୱନାମୂଳକ ବ୍ୟବହାର କରିବେ ।

ଏବେ ଦେଖନ୍ତୁ କି କେତେ ସ୍ୱଷ୍ଟତାର ସହିତ ଏହି ପେଶ୍‌ଗୋଇଟି ପୂରଣ ହୋଇଗଲା । ଖୁଦା ତାଜା ନିଦର୍ଶନ ଦେଖାଇ ଚାଲିଛନ୍ତି । ଆହ୍ ! କେଡ଼େ ଅବୋଧ ହୃଦୟ କି ପୁଣି ମଧ୍ୟ ଗ୍ରହଣ କରୁନାହାଁନ୍ତି । ଆମେ ଏହି ବାରମ୍ବାର ହେଉଥିବା ନିଦର୍ଶନ ଦ୍ୱାରା ଏପରି ବିଶ୍ୱାସରେ ଭରିଯାଇଛୁ ଯେପରି ସମୁଦ୍ର ପାଣି ଦ୍ୱାରା ଭରି ରହିଛି । କିନ୍ତୁ ଦୁଃଖର କଥା କି ଆମ ବିରୋଧିମାନଙ୍କ ପାଇଁ ଏହି ପବିତ୍ର ପାଣିରୁ ଗୋଟିଏ ବୁନ୍ଦା ମଧ୍ୟ ଭାଗ୍ୟରେ ନାହିଁ । ଏହି ଦୁର୍ଭାଗ୍ୟପୁର୍ଣ୍ଣ ଅବସ୍ଥାର ଆକଳନ କରାଯାଇପାରିବ ନାହିଁ ।

ଏପରି କୌଣସି କୌମ୍ (ଜାତି/ସମ୍ପ୍ରଦାୟ) ନାହାଁନ୍ତି ଯେଉଁଠି ମୋ ନିଦର୍ଶନ ପ୍ରକାଶ ନହୋଇଛି ଓ ଏପରି କୌଣସି ଫିର୍‌କା (ଗୋଷ୍ଠୀ) ନାହିଁ ଯିଏ ମୋ ନିଦର୍ଶନ ଗୁଡିକର ସାକ୍ଷୀ ନଥିବେ । ଯଦି ଏହି ନିଦର୍ଶନ ଗୁଡିକର ସାକ୍ଷ ଦଶ କରୋଡ୍ ମଧ୍ୟ କୁହାଯିବ ତେବେ କିଛି ବେଶୀ ହେବନାହିଁ କିନ୍ତୁ ବିରୋଧି ମାନଙ୍କର ଅବସ୍ଥାକୁ ଦେଖି କାନ୍ଦ ଲାଗୁଛି କି ସେମାନେ ଏଥିରୁ କୌଣସି ଲାଭ ଉଠାଇଲେ ନାହିଁ । ଯେଉଁ ନିଦର୍ଶନ ଗୁଡିକର ତାଙ୍କୁ ଦେଖାଇ ଦିଆଯାଇଛି ଯଦି ତାହା ହଜ୍‌ରତ୍ ଇଶା ଇବ୍‌ନେ ମରିୟମ୍‌ଙ୍କ ସମୟରେ ୟୁହୁଦୀମାନଙ୍କୁ ଦେଖାଇ ଦିଆଯାଇଥାଆନ୍ତା ତେବେ ସେମାନେ ଜୁରିବତ୍ *ଆଲୈହିମୁଜ୍* ଜିଲ୍ଲତୁ ସଦୃଶ ହୋଇନଥାନ୍ତେ ଏବଂ ଯଦି ଲୁତ୍‌ର କୌମ୍ ଉକ୍ତ ନିଦର୍ଶନ ଗୁଡିକୁ ଦେଖିଥାଆନ୍ତା ତେବେ ସେ ଗୋଟିଏ ବିଶାଳ ଭୂମିକମ୍ପ ଦ୍ୱାରା ପୃଥିବୀ ତଳେ ଦବି ଯାଇ ନଥାନ୍ତେ । କିନ୍ତୁ ସେମାନଙ୍କ ହୃଦୟକୁ ଦେଖି ଦୁଃଖ ଲାଗୁଛି କି ତାହା ସବୁ ପଥର ଠାରୁ ମଧ୍ୟ ଅଧିକ କଠିନ ପ୍ରମାଣିତ ହେଲା । ପ୍ରତ୍ୟେକ ଅନ୍ଧାରଠାରୁ ଅଧିକା ସେମାନଙ୍କ ହୃଦୟର ଅନ୍ଧକାର ବଢ଼ିଗଲା । ଅସଲ କଥା ଏହା ହେଉଛି କି ଯେପରି କି ଏ ଯୁଗ ପ୍ରତ୍ୟେକ ପ୍ରକାରର ସାଂସାରିକ ସାଧନରେ ଉନ୍ନତି କରି ଚାଲିଛି ସେହିପରି କୁଫର୍ (ଅମାନ୍ୟକାରୀ) ଏବଂ ବେଇମାନିରେ ମଧ୍ୟ ଉନ୍ନତି କରିଚାଲିଛି । ତେଣୁ ଏହି ଉନ୍ନତି କରୁଥିବା କୁଫର୍ ଏହା ଚାହୁଁଛି କି କୌଣସି ସାଧାରଣ ଅଜାବ୍ (ଦଣ୍ଡ) ତା ଉପରେ ନ୍ୟସ୍ତ ନହେଉ ବରଂ ଏପରି ଅଜାବ୍ ଅବତୀର୍ଣ୍ଣ ହେଉ ଯାହା ସଂସାର ହେବା କାଳଠାରୁ ଆଜି ପର୍ଯ୍ୟନ୍ତ କେବେ ଅବତୀର୍ଣ୍ଣ ହୋଇନାହିଁ । ସେ ଯାହାହେଉ ଆମେ ଖୁଦାଙ୍କର ହଜାର ହଜାର କୃତଜ୍ଞତା ଜ୍ଞାପନ କରୁଅଛୁ କି ଯେଉଁ ଜ୍ୟୋତିକୁ ବିରୋଧିମାନେ ଗ୍ରହଣ କଲେନାହିଁ ଓ ଅନ୍ଧ ହୋଇ ରହିଲେ ସେହି ଜ୍ୟୋତି ଆମ ଦୃଷ୍ଟିକୋଣକୁ ଓ ଭଗବତ୍ ଜ୍ଞାନକୁ ବଢ଼ାଇବାର କାରଣ ହେଲା ।

*(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୩୦୯)*


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ଆଉ ଜଣେ ଝିଅ ପଚାରିଲେ କି ହଜୁର୍ କହିଥିଲେ ଚେହେରାରେ ଚିତ୍ର କରାଯାଏ ନାହିଁ ବୋଲି । ସେଥିଯୋଗୁଁ ଆମେ ଅହେମଦୀ ପିଲାମାନେ ମଧ୍ୟ ଏପରି କରୁନାହୁଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବହୁତ ଭଲକଥା ।

ଆଉଜଣେ ଝିଅ ପଚାରିଲେ ହଜୁର୍ ! ଆପଣ କହିଥିଲେ କି ନମାଜ ବହୁତ ଜରୁରୀ ଅଟେ । ମୁଁ ମଧ୍ୟ ନମାଜ୍ ପଢୁଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମାଶାଅଲ୍ଲାଃ ।

ଆଉଜଣେ ଝିଅ ପଚାରିଲେ କି ହଜୁର୍ ଖୁତ୍‌ବାରେ ବତାଇଥିଲେ କି ପିଲାମାନଙ୍କୁ ସୁନ୍ଦର ସୁନ୍ଦର କାହାଣୀ ଶୁଣାଇବା ଉଚିତ୍ । ମୋ ମା ମୋତେ ନବୀ ଓ ସାହାବା ମାନଙ୍କର କାହାଣୀ ଶୁଣାଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବହୁତ ଭଲ କରୁଛନ୍ତି । ମାଶାଅଲ୍ଲାଃ ।

ପୁଣି ଜଣେ ଝିଅ କହିଲେ କି ବିଗତ ବର୍ଷ ଯେବେ ଆପଣ ଜର୍ମାନୀ ଜଲ୍‌ସା ନିମନ୍ତେ ଆସିଥିଲେ ସେତେବେଳେ ଆପଣ ପିଲାମାନଙ୍କ ଆଡକୁ ଆସି ହାତ ହଲାଇଲେ । ସେ ସମୟରେ ମୋ ଆଖିରୁ ଅଶ୍ରୁ ବହିପଡ଼ିଲା । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ କହିଲେ-ବସିଯାଓ । ପୁଣି ପୁନର୍ବାର ଅଶ୍ରୁ ନଆସିଯାଉ ।

ଆଉ ଗୋଟିଏ ଝିଅ କହିଲେ-ପ୍ରିୟ ହଜୁର୍ ! ନାସ୍‌ରାତ୍‌ମାନେ ବହୁତ ଖୁସି ଅଛନ୍ତି କି ଆପଣ ଡେନ୍‌ମାର୍କ୍ ଆସିଛନ୍ତି । ଆଉ ଜଣେ ଝିଅ କହିଲେ କି ସେ ଯେତେବେଳେ ପାଂଚବର୍ଷର ଥିଲେ କାଦିଆନ୍ ଯାଇଥିଲା । ଏବେ ସେ ନଅ ବର୍ଷର । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏବେ କାଦିଆନ୍ ବହୁତ ବଦଳି ଗଲାଣି । ଚାରିବର୍ଷରେ ବହୁତ କିଛି ବଦଳି ଯାଇଛି । ତେଣୁ ପୁନର୍ବାର ନିଶ୍ଚିତ ଯାଓ ।

ଆଉଜଣେ ଝିଅ କହିଲେ କି ତା କୋଠରୀରେ ହଜୁର୍ ଅନୁଓ୍ୱର୍‌ଙ୍କର ଫଟୋ ଅଛି ଯାହାକୁ ସେ ସବୁବେଳେ ଦେଖୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ-ନମାଜ ପଢ଼ିବା ସମୟରେ ଫଟୋ ସମ୍ମୁଖରେ ରହିବା ଉଚିତ୍ ନୁହେଁ । ବରଂ ପଛରେ ରହିବା ଉଚିତ୍ ।

ନାସ୍‌ରାତ୍ ମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଉକ୍ତ କ୍ଲାସ୍ ୮:୪୫ ପର୍ଯ୍ୟନ୍ତ ଜାରି ରହିଲା ।

ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌କୁ ଗଲେ ଓ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୧୦ ଜଣ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଫରାଜ୍ ଅହେମଦ୍, ରାମିନ୍ ଚିମା, ଅଜିଜମ୍ ଫାରସ୍ ଅହେମଦ୍, ଅଜିଜା ଶମାଇଲା କାଫି ଖାନ୍, ଅଜିଜମ୍ ମଲିହା ଓ୍ୱକାସ୍, ଅଜିଜା ଆଇଶା ମୁଜଫର୍, ଅଜିଜା ତଜୟିନ୍ ମେହ୍‌ମୁଦ୍, ଅଜିଜା ମଲାଇକା କୁଦୁସ୍, ଅଜିଜା ମାହ୍‌ନୁର୍ କୁଦୁସ୍ ଓ ଅଜିଜା ମାହିନ୍ ଶେହ୍‌ଜାଦ୍ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ । (କ୍ରମଶଃ...)

(ବହଓ୍ୱାଲା ଅଖ୍‌ବାର୍ ବଦର୍ ୨ ଜୁନ୍ ୨୦୧୬)

*ପୃଷ୍ଠା- ୯ ର ଅବଶିଷ୍ଟାଂଶ ...*

ଗାଡ଼ରେ ନେଇ ପକାଇ ଦେଉଥିଲା । ଶେଷରେ ଦିନେ ସେ ଅର୍ଥାତ୍ ଉମ୍‌ରୋ ସେହି ମୁର୍ତିଟିକୁ ବହୁତ ସଫା ସୁତରା କରି ସଜାଇ ଦେଲେ ଓ ତା ପାଖରେ ଗୋଟିଏ ତରବାରି ରଖିଦେଲେ । ଏବଂ ସେ ମୂର୍ତିକୁ କହିଲେ କି ମୁଁ ଜାଣିନାହିଁ ତୁମ ସହିତ କିଏ ଏପରି ବ୍ୟବହାର କରୁଛି । କିନ୍ତୁ ଏବେ ମୁଁ ତୁମ ନିକଟରେ ତରବାରି ରଖିଦେଉଛି । ଏବେ ନିଜର ସୁରକ୍ଷା ତୁମେ ନିଜେ କର । ତା ପରଦିନ ଯେତେବେଳେ ଦେଖିଲେ ସେହି ମୁର୍ତୀଟି କୁଆଡ଼େ ଚାଲିଯାଇଥିଲା ଏବଂ ସେ ତାକୁ ଖୋଜି ଖୋଜି ଗୋଟିଏ ଅଳିଆଗଦା ଭିତରେ ଗୋଟିଏ ମଲା କୁକୁରର ବେକରେ ବନ୍ଧା ହୋଇଥିବାର ପାଇଲେ । ଉମର୍ ଏହାକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇଗଲେ । ଓ କହିଲେ କି **ସେହି ମୂର୍ତି ଯାହାକୁ ମୁଁ ନିଜ ଈଶ୍ୱର ମଣୁଅଛି ଯଦି ସେ ନିଜର ସୁରକ୍ଷା କରିପାରୁ ନାହିଁ ତେବେ ସେ ମୋର କ'ଣ ସୁରକ୍ଷା କରିବ ?** ସୁତରାଂ ସେ ସେହି ମୁର୍ତୀକୁ ସମ୍ବୋଧନ କରି କହିଲେ ଯଦି ତୁମେ ପ୍ରକୃତ ଈଶ୍ୱର ହୋଇଥାଆନ୍ତ ତେବେ କୁକୁରର ବେକରେ ପଡ଼ିନଥାନ୍ତ । ତେଣୁ ମୁଁ ମହାନ ବୈଭବ ଓ ଉଚ୍ଚ ସ୍ତରରେ ବସିଥିବା ଈଶ୍ୱରଙ୍କର ପ୍ରଶଂସା କରୁଛି ଯିଏ ସବୁକିଛି ପ୍ରଦାନ କରିଛନ୍ତି ଓ ନ୍ୟାୟ କରିଛନ୍ତି । କୁହାଯାଉଛି କି ଏହି ଅନ୍‌ସାରୀ ବ୍ୟକ୍ତି ଜଣକ ଅନ୍‌ସାରମାନଙ୍କ ଭିତରେ ସବୁଠାରୁ ଶେଷରେ ଇସ୍‌ଲାମ୍ ଗ୍ରହଣ କରି ମୁସଲମାନ ହୋଇଗଲେ । (ଅସଦୁଲ୍ ଗାବା ଖଣ୍ଡ-୭, ପୃଷ୍ଠା-୬୮୮..... ଲାହୋର୍)

ହଜୁର ଅନଓ୍ୱର ଅ.ବ କହିଲେ- ହଜୁର ସ.ଆଙ୍କର ନିଜ ସାହାବାଙ୍କ ସହ ଯେଉଁ ପ୍ରକାର ଭଲପାଇବା ଥିଲା ଏବଂ ଯେଉଳି ଆପଣଙ୍କ ପବିତ୍ର ଆଚରଣ ଦ୍ୱାରା ସେମାନଙ୍କର ନିଜ ପାଳନକର୍ତାଙ୍କ ସହ ସମ୍ପର୍କ ସ୍ଥାପନ ହେଲା । ପୁଣି ଅଲ୍ଲାଃ ମଧ୍ୟ କେତେକ ସ୍ଥଳେ ସେମାନଙ୍କ ସହ ସିଧାସଳଖ କିମ୍ବା ହଜୁର ସ.ଆଙ୍କ ମାଧ୍ୟମରେ (ପୁରସ୍କାର) ପ୍ରଦାନ କରିଥିଲେ । ଏଥିରୁ ମଧ୍ୟ ସାହାବାମାନଙ୍କର ପଦମର୍ଯ୍ୟାଦା ଓ ସ୍ତର ବିଷୟରେ ଜଣାପଡୁଛି ।

ହଜରତ ଅବି ବିନ୍ କାବ୍‌ଙ୍କର ଅଲ୍ଲାଃଙ୍କ ସହ ଯେଉଁ ନିବିଡ଼ତା ଥିଲା ସେ ସମ୍ବନ୍ଧରେ ବୁଖାରୀରେ ଗୋଟିଏ ରିଓ୍ୱାୟତ୍ ଆସିଛି କି ଏକଦା ହଜୁର ସ.ଆ ତାଙ୍କୁ କହିଲେ ଅଲ୍ଲାଃତାଲା ମୋତେ ଆଦେଶ ଦେଇଛନ୍ତି କି ମୁଁ ତୁମକୁ କୋରାନ ପାଠ କରି ଶୁଣାଇବି । ହଜରତ ଅବି ବିନ୍ କାବ୍ ଆଚମ୍ବିତ ହୋଇ ପଚାରିଲେ କ'ଣ ଅଲ୍ଲାଃତାଲା ମୋ ନାମ ନେଇ କହିଲେ ? ହଜୁର ସ.ଆ କହିଲେ ହଁ ତୁମ ନାମ ନେଇ କହିଛନ୍ତି, ଏଥିରେ ସେ ଭାବବିହ୍ୱଳ ହୋଇ କାନ୍ଦିବାକୁ ଲାଗିଲେ । ହଜୁର ସ.ଆ ତାଙ୍କୁ **ଲମ୍ ୟକୁନିଲ୍ ଲଯିନା କଫରୁ** ସୁରା ପାଠ କରି ଶୁଣାଇଲେ ଅର୍ଥାତ ସୁରେ ବୈୟନାଃ । (ସହି ବୁଖାରୀ କିତାବ୍ ତଫ୍‌ଶିରୁଲ୍ କୁରୁଆନ୍ ବାବ୍ କଲ୍‌ଲା ଲଇନ୍...ହଦିସ୍ ନଂ-୪୯୬୦-୪୯୬୧) ଏକଦା କେହି ଜଣେ ଉବୟ ବିନ୍ କାବ୍‌ଙ୍କୁ ପଚାରିଲେ (ହଜୁରଙ୍କଠାରୁ) ଏପରି କଥା ଶୁଣି ଆପଣ ଅତ୍ୟନ୍ତ ପ୍ରସନ୍ନ ହୋଇଥିବେ ନିଶ୍ଚିତ, ଏଥିରେ ସେ ଉତର ଦେଲେ ଯେତେବେଳେ ଅଲ୍ଲାଃତାଲା କହିଦେଲେ କି ତାଙ୍କ କୃପା ଓ ଦୟା ଆଚରଣକୁ ଦେଖି ଉତ୍ସାହିତ ହୁଅ ତେବେ ମୁଁ ଅବା କାହିଁକି ପ୍ରସନ୍ନ ହୋଇନଥାନ୍ତି । (ଅସଦୁଲ୍ ଗାବା ମୁତରଜିମ୍ ଖଣ୍ଡ-୧, ପୃଷ୍ଠା-୧୧୧, ଉବୟ ବିନ୍ କାବ୍.....ଲାହୋର୍) । ହଜ୍‌ରତ୍ ଉବୟ ବିନ୍ କାବ୍ ପବିତ୍ର କୋରାନ୍‌କୁ ବୁଝିବାର ବହୁତ ଜ୍ଞାନ ରଖିଥିଲେ । ଏକଦା ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ପଚାରିଲେ (ଯାହାକୁ ମୁଁ ଦୁଇ ତିନି ସପ୍ତାହ ପୂର୍ବେ ମୋ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି) କି ପବିତ୍ର କୋରାନ୍‌ରେ ଏପରି କେଉଁ ଆୟତ ଅଛି ଯାହାକୁ ସବୁଠାରୁ ଅଧିକ ମହାନ୍ କୁହାଯାଏ ? ଏହା ଶୁଣିବା ପରେ ସେ ପ୍ରଥମେ ଏହା କହିଲେ କି ଅଲ୍ଲାଃ ଏବଂ ତାଙ୍କର ରସୁଲ୍‌ଙ୍କୁ ଭଲ ଭାବେ ଜଣାଅଛି । ପୁଣି ଆଁ ହଜ୍‌ରତ୍ ସ:ଆ:ସ ପଚାରିବାରୁ ସେ କହିଲେ କି ତାହା ହେଉଛି ଆୟତୁଲ୍ କୁର୍‌ସି । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ଉପରେ ବହୁତ ଖୁସି ହୋଇ କହିଲେ ହେ ଉବୟେ ! ଅଲ୍ଲାଃତାଲା ତୁମ ଜ୍ଞାନକୁ ମୁବାରକ୍ କରନ୍ତୁ । ବାସ୍ତବରେ ଆୟତୁଲ୍ କୁର୍‌ସି ହିଁ ପବିତ୍ର କୋରାନ୍‌ର ମହାନ୍ ଆୟତ ଅଟେ । (ସୁନନେ ଅବୁ ଦାଉଦ୍, କିତାବୁଲ୍ ୟୁତର୍ ବାବ୍...ଆୟତୁଲ୍ କୁର୍‌ସି, ହଦିସ୍ ନଂ-୧୪୬୦) ଆଉ ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କର ଯେଉଁ ବର୍ଷ ମୃତ୍ୟୁ ହେଲା ଆପଣ ତାଙ୍କ ସହିତ ସାରା କୋରାନ୍ ପାଠ କରି ଶେଷ କଲେ । (କନଜୁଲ୍ ଆମାଲ୍, ଖଣ୍ଡ-୧୩, ପୃଷ୍ଠା-୨୬୬, ହଦିସ୍ ନଂ-୩୬୭୭୯....ବେରୁତ୍ ୧୯୮୫) । ହଜ୍‌ରତ୍ ଉମ୍‌ର୍‌ଙ୍କ ଅନୁମତିରୁ ସେ ଲୋକମାନଙ୍କୁ ପବିତ୍ର କୋରାନ୍‌ର ଜ୍ଞାନକୁ ଶିଖାଉଥିଲେ । ତଫ୍‌ସିର୍ ବତାଉଥିଲେ । (ସହି ବୁଖାରୀ, କିତାବ୍ ସଲାତୁଲ୍ ତରାଓ୍ୱିହ୍...ହଦିସ୍ ନଂ-୨୦୧୦)

ହଜୁର ଅନଓ୍ୱର ଅ.ବ କହିଲେ- ତେବେ ଏଭଳି (ଗୁଣବାନ) ଥିଲେ ସାହାବା ଯେ ଉନ୍ନତି କରି କରି ସର୍ବୋଚ୍ଚ ସ୍ତରକୁ ପହଂଚି ଯାଇଥିଲେ । ହଜରତ ମସିହ ମଉଦ ଆ.ସ କୁହନ୍ତି **"ଶେଷରେ ସାହାବାମାନେ ତାହା ପ୍ରାପ୍ତ କଲେ ଯାହା ଜଣେ ସଂସାରୀ କଦାପି ପ୍ରାପ୍ତ କରିପାରିନଥାଏ ଏବଂ ତାହା ଦେଖିଲେ ଯାହା କେହି ଦେଖିନଥିଲେ"** (ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୫୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍) ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକଦା ସାହାବାଙ୍କ ସମ୍ବନ୍ଧରେ କହୁଛନ୍ତି କି- "ସାହାବାଙ୍କ ସମୟକୁ ଦେଖିଲେ ଜଣାଯାଇଥାଏ କି ସେମାନେ ଅତ୍ୟନ୍ତ ସରଳ ଓ ନିଷ୍କପଟ ଲୋକ ଥିଲେ । ଯେପରି ଗୋଟିଏ ବାସନକୁ କଲଇ କରିଦେଲେ ସେ ସଫା ହୋଇ ଚକ୍ ଚକ୍ ଦିଶିଥାଏ । ସେହିପରି ସେମାନଙ୍କର ହୃଦୟ ଥିଲା ଯାହା ଅଲ୍ଲାଃଙ୍କ ବାଣୀର ପ୍ରକାଶରେ ଉଜ୍ୱଳିତ ଓ କାମନାର ମଳିନତାର କଳଙ୍କିରୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଥିଲେ । ଯେପରି **କଦ୍ ଅଫ୍‌ଲାହା ମନ୍ ଜକ୍‌କାହା**ର ଅନୁରୂପ" । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍)

ପୁଣି ଆପଣ ସ:ଆ:ସ କହୁଛନ୍ତି- ସାହାବାମାନେ ଏଭଳି ସତ୍ୟନିଷ୍ଠାର ପ୍ରଦର୍ଶନ କଲେ କି, କେବଳ ପ୍ରତିମାପୂଜା ଓ ସୃଷ୍ଟିପୂଜାରୁ ମୁହଁ ମୋଡ଼ି ଦେଇନଥିଲେ (ନା କେବଳ ପ୍ରତିମା ପୂଜାରୁ ଓ ସୃଷ୍ଟଜଙ୍କ ପୂଜାରୁ ଅର୍ଥାତ୍ ଲୋକମାନଙ୍କୁ ପୂଜିବାରୁ ଓ ଲୋକମାନଙ୍କର ଖୋସାମଦ କରିବା ବା ସେମାନଙ୍କ ନିକଟରେ ହାତଯୋଡ଼ି ନତମସ୍ତକ ହେବା, ଏହା ମଧ୍ୟ ଏକପ୍ରକାର ପୂଜା ହୋଇଥାଏ) ବରଂ ସେମାନଙ୍କ ମନଭିତରୁ ସଂସାର ପ୍ରାପ୍ତି ହିଁ ଉଭେଇ ଯାଇଥିଲା ଏବଂ ସେମାନେ ଅଲ୍ଲାଃଙ୍କୁ ଦେଖିବା ଆରମ୍ଭ କରିଦେଇଥିଲେ । ସେମାନେ ଅତ୍ୟନ୍ତ ଆତ୍ମିୟତାର ସହ ଅଲ୍ଲାଃଙ୍କ ମାର୍ଗରେ ଏଭଳି ଉତ୍ସର୍ଗୀକୃତ ଥିଲେ ଯେପରି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣେ ଜଣେ **ଇବ୍ରାହିମ୍**" । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୧୩୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍)

ପୁଣି ଆପଣ କୁହନ୍ତି କି "ଆଁ ହଜ୍‌ରତ୍ ସ:ଆ:ସ ଏକ ଶରୀର ସଦୃଶ ହେଲେ ଆପଣଙ୍କ ସାହାବା ହେଉଛନ୍ତି ଆପଣଙ୍କ ଅଙ୍ଗ ସଦୃଶ" । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୨୭୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍)

ଅଲ୍ଲାଃତାଲା ଆମ୍ଭମାନଙ୍କୁ ସଠିକ୍ ରୂପେ ସାହାବାମାନଙ୍କ ପଦମର୍ଯ୍ୟାଦା ଓ ଉଚ୍ଚସ୍ତର ଚିହ୍ନିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ନମୁନାର ଅନୁସରଣ କରି ନିଷ୍ଠାପରତା ଓ ବିଶ୍ୱସ୍ତତାରେ ଅଭିବୃଦ୍ଧି କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

# ଖୁତ୍‌ବା ଜୁମା

ଇସ୍‌ଲାମ୍‌ରେ ଉତମ ଚରିତ୍ରକୁ ଆପଣେଇବା, ପ୍ରତ୍ୟେକ ସମୟରେ ଉତମ ଚରିତ୍ରର ପରିପ୍ରକାଶ କରିବା, ଘରେ ଓ ସମାଜରେ ମଧ୍ୟ ପ୍ରତ୍ୟେକ ସ୍ଥାନରେ ଉତମ ଚରିତ୍ରର ପ୍ରଦର୍ଶନ କରିବା, ନିଜ ଓ ପର ସମସ୍ତଙ୍କ ସହିତ ଉତମ ଚରିତ୍ର ସହିତ ବ୍ୟବହାର କରିବା ପାଇଁ ଯେତକ ଶିକ୍ଷା ଦିଆଯାଇଛି ଏବଂ କୌଣସି ଛୋଟରୁ ଛୋଟ ପାର୍ଶ୍ୱକୁ ମଧ୍ୟ ଛାଡ଼ି ଦିଆଯାଇନାହିଁ, କୌଣସି ଧର୍ମରେ ଏଭଳି ବ୍ୟାପକ ରୂପେ ବର୍ଣ୍ଣନା କରାଯାଇନାହିଁ । କିନ୍ତୁ ଦୁର୍ଭାଗ୍ୟ ବଶତଃ ମୁସଲମାନ୍ ମାନେ ହିଁ ଏ ଦୃଷ୍ଟିକୋଣରୁ ସାଧାରଣତଃ ନିମ୍ନସ୍ତରର ବୋଲି ବିବେଚନା କରାଯାଉଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ସ ନିଜ କାର୍ଯ୍ୟଦ୍ୱାରା ମଧ୍ୟ ଓ ଭିନ୍ନ ଭିନ୍ନ ଅବସରରେ ବାରମ୍ବାର ନିଜ ଉମ୍ମତ୍‌କୁ ଉତମ ଚରିତ୍ରର ଉଚ୍ଚତମ ସ୍ତରକୁ ହାସଲ କରିବା ପାଇଁ ଯୋର୍ ଦେଇଛନ୍ତି । ମୁସଲମାନ ମାନେ ସାଧାରଣତଃ ରସୁଲ୍‌ଙ୍କ ସହିତ ପ୍ରେମ କରିବାର ଦାବି କରୁଛନ୍ତି । କିନ୍ତୁ ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ ଓ ଆପଣ ସ:ଆ:ସଙ୍କ ସୁନ୍ନତ୍ ଉପରେ ଅମଲ କରୁନାହାଁନ୍ତି । ମୁସଲମାନଙ୍କ ଏପରି ଅବସ୍ଥାକୁ ଦେଖି ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରେରଣ କଲେ । କିନ୍ତୁ ଏଥିପ୍ରତି ମଧ୍ୟ ଏ ଲୋକମାନେ ଧ୍ୟାନ ଦେଉନାହାଁନ୍ତି ।

ସେମାନଙ୍କର ଏପରି ଅବସ୍ଥାକୁ ଦେଖି ଆମେ ଅହେମଦୀମାନେ ଏଥିପ୍ରତି ଧ୍ୟାନ ଆକର୍ଷଣ କରିବା ଉଚିତ୍ ହେବ କି ଆମେ ଆମର ସମସ୍ତ ଶକ୍ତିକୁ ଉତମ ଚରିତ୍ରଗୁଡିକୁ ଆପଣେଇବା ପାଇଁ ବିନିଯୋଗ କରିବା । ଅର୍ଥାତ୍ ଆମେ ଆମର ସମସ୍ତ ସାମର୍ଥ୍ୟକୁ ଉତମ ଚରିତ୍ର ନିମନ୍ତେ ବିନିଯୋଗ କରିବା ପାଇଁ ଚେଷ୍ଟା କରିବା ଯାହା ଇସ୍‌ଲାମ୍‌ର ଶିକ୍ଷା ଅଟେ ଓ ଯାହାର ନମୁନା ଗୁଡିକ ଆଁ ହଜ୍‌ରତ୍ ସ:ଆ:ସ ଆମ ସମ୍ମୁଖରେ ପ୍ରତିପାଦନ କରିଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ନିତୀବାଣୀ ଓ ନିର୍ଦ୍ଦେଶ ଅନୁସାରେ କିଛି ଜରୁରୀ ଚାରିତ୍ରିକ ଶିକ୍ଷା ଏବଂ ହଜୁର୍ ଅକ୍‌ରମ୍ ସ:ଆ:ସଙ୍କ ଉଚ୍ଚତମ ପବିତ୍ର ଜୀବନ ଚରିତରୁ କିଛି ଦୃଷ୍ଟାନ୍ତର ଚର୍ଚ୍ଚା । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ମୁତାବକ ଚରିତ୍ରର ସଂଜ୍ଞା ଓ ଉତମ ଚରିତ୍ରକୁ ଆପଣେଇବା ପାଇଁ ଆପଣ ଆ:ସଙ୍କ ମୂଲ୍ୟବାନ୍ ଉପଦେଶ ।

ମୋକରମ୍ ଶେଖ୍ ଅବ୍‌ଦୁଲ୍ ମଜିଦ୍ ସାହେବ୍ ସୁପୁତ୍ର ମୋକରମ୍ ସେଖ୍ ଅବ୍‌ଦୁଲ୍ ହମିସ୍ ସାହେବ୍ ହଲ୍‌କା ଡ଼ିଫେନ୍‌ସ ସୋସାଇଟି କରାଚି ନିବାସୀଙ୍କର ମୃତ୍ୟୁ ଓ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨ ମାର୍ଚ୍ଚ୍ ୨୦୧୮ ଅନୁଯାୟୀ ୨ ଅମାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ଇସଲାମର ଉତମ ଶିଷ୍ଟାଚାର ଆପଣାଇବା, ପ୍ରତ୍ୟେକ ପରିସ୍ଥିତିରେ ଉତମ ଚରିତ୍ର ପ୍ରଦର୍ଶନ କରିବା, ଘରେ ସମାଜରେ ତଥା ପ୍ରତ୍ୟେକ ସ୍ତରରେ ପ୍ରଦର୍ଶନ କରିବା, ଆପଣା ଓ ପରଙ୍କ ମଧ୍ୟରେ ଉତମ ଚରିତ୍ରର ପରିପ୍ରକାଶ କରିବାର ଯେଭଳି ଇସଲାମୀୟ ଶିକ୍ଷା ରହିଛି ଅନ୍ୟ କୌଣସି ଧର୍ମରେ ଏଭଳି ବିସ୍ତୃତ ବର୍ଣ୍ଣନା ନାହିଁ । କିନ୍ତୁ ଦୁର୍ଭାଗ୍ୟବଶତଃ ମୁସଲମାନମାନେ ଏହି କ୍ଷେତ୍ରରେ ସର୍ବନିମ୍ନ ମଣାଯାଉଛନ୍ତି । ଅଣମୁସଲମାନମାନେ ସେମାନଙ୍କ ଉପରେ ଆଙ୍ଗୁଳି ଉଠାଉଛନ୍ତି କାରଣ ମୁସଲମାନମାନଙ୍କ କହିବା କରିବାରେ ପ୍ରଭେଦ ରହିଛି ।

ହଜରତ ମହମ୍ମଦ ସ.ଆ ନିଜ ଅନୁଗାମୀମାନଙ୍କୁ ଶିଷ୍ଟାଚାରର ସର୍ବୋଚ୍ଚ ସ୍ତର ହାସଲ କରିବାକୁ ଗୁରୁତ୍ୱ ଦେଇଥିଲେ । ମୁସଲମାନମାନେ ସାଧାରଣତଃ ହଜରତ ମହମ୍ମଦ ସ.ଆଙ୍କୁ ପ୍ରେମ କରିବାର ଶ୍ଳୋଗାନ ତ ଦେଉଛନ୍ତି କିନ୍ତୁ ସେମାନଙ୍କ ଚଳଣି ହଜୁର ସ.ଆଙ୍କ ନିର୍ଦ୍ଦେଶ ଓ ସୁନ୍ନତ ମୁତାବକ ଅମଲ ନକରିବା ସହ ସମାନ । ଆସନ୍ତାରେ ମୁସଲମାନମାନଙ୍କର ଏପରି ଅବସ୍ଥା ହେବା (ଧାର୍ଯ୍ୟ) ଥିଲା ତେଣୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କଲେ । କିନ୍ତୁ ଏଥିପ୍ରତି ମଧ୍ୟ ସେମାନେ ଧ୍ୟାନ ଦେବାକୁ ପ୍ରସ୍ତୁତ ନୁହନ୍ତି ବରଂ କିଛି ଲୋକେ ବିରୁଦ୍ଧାଚରଣରେ କିଛି ସ୍ଥାନରେ ବା କିଛି ଦେଶରେ ଶେଷ ସୀମାରେ ପହଂଚି ଯାଇଛନ୍ତି ଏବଂ ସାଧାରଣ ଚରିତ୍ରଠାରୁ ଦୂରେଇଯାଇ ବରଂ କହିବାକୁ ଗଲେ ଚରିତ୍ରହୀନ ଲୋକଙ୍କ ଠାରୁ ବି ଆହୁରି ତଳକୁ ଖସିଯାଇ ଅତ୍ୟନ୍ତ ମନ୍ଦ ଓ ଅସଭ୍ୟ ଭାଷାରେ ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଅନୁଗାମୀମାନଙ୍କ ସହ ଆଚରଣ କରୁଛନ୍ତି । ପୁଣି ଏହାର କୁପରିଣାମ ମଧ୍ୟ ସେମାନେ ଭୋଗ କରୁଛନ୍ତି, ଯେପରିକି ମୁଁ କହିଲି ବିଶ୍ୱର ପ୍ରତ୍ୟେକ ସ୍ଥାନରେ ଅଣମୁସଲମାନମାନେ ମୁସଲମାନମାନଙ୍କ ଉପରେ ଆଙ୍ଗୁଳି ଉଠାଉଛନ୍ତି । ସେମାନଙ୍କର ଏପରି ଅବସ୍ଥା ଆମର ଏଥିପ୍ରତି ଧ୍ୟାନ ଆକର୍ଷିତ କରିବା ଉଚିତ୍ କି ଆମେ ସର୍ବୋଚ୍ଚ ସ୍ତରର ଶିଷ୍ଟାଚାରକୁ ଆପଣାଇବାକୁ ଚେଷ୍ଟା କରିବା, ଯେଭଳି ଇସଲାମୀୟ ଶିକ୍ଷା ରହିଛି ଏବଂ ଯାହାର ସୁନ୍ଦର ନମୁନା ହଜରତ ମହମ୍ମଦ ସ.ଆ ଆମ ସମ୍ମୁଖରେ ଉପସ୍ଥାପନ କଲେ ବା କୌଣସି ପ୍ରକାରେ ଏ ବିଷୟରେ ଆମକୁ ଉପଦେଶ ଦେଲେ ନଚେତ୍ ପୁଣି ଆମକୁ ଅହେମଦୀ ବୋଲାଇବାର କୌଣସି ଲାଭ ନାହିଁ ।

ହଜରତ ମହମ୍ମଦ ସ.ଆ:ସଙ୍କ ଅମଲ ପ୍ରତି ନଜର କଲେ ଆମେ ହତବାକ୍ ହୋଇଯାଉ କାରଣ ତାହା କିଭଳି ଅଦ୍ଭୁତ (ସ୍ତରର) ଥିଲା । ଆପଣଙ୍କ ସାଂସାରିକ ଓ ପାରିବାରିକ ଅବସ୍ଥା ଦେଖିଲେ ଜଣାଯାଇଥାଏ ଯେ, ଆପଣଙ୍କର ଜଣେ ପତ୍ନୀଙ୍କ ଉଚ୍ଚତା କମ୍ ହୋଇଥିବା ଯୋଗୁଁ ଆପଣଙ୍କର ଆଉ ଜଣେ ସ୍ତ୍ରୀ ଯେବେ ପରିହାସ କଲେ ଏହାକୁ ଆପଣ ନାପସନ୍ଦ କଲେ । ଏବଂ ଏକଥା ମଧ୍ୟ ପ୍ରକାଶ କରି କହିଲେ କି କାହାର ଭାବନାକୁ କଷ୍ଟ ଦେବା ଉଚିତ୍ ନୁହେଁ । (ସୁନନେ ଅବୁଦାଉଦ୍, କିତାବୁଲ୍ ଅଦବ୍, ବାବ୍‌ଫିଲ୍ ଗିବା, ହଦିସ୍ ନଂ-୪୮୭୫) ଆଉ କେଉଁଠାରେ ଜଣେ ସ୍ତ୍ରୀ କୁ ବୁଝାଉଛନ୍ତି କି ସାଧାରଣ ଅପ୍ରସନ୍ନତା ପ୍ରକାଶ କରିବା ମଧ୍ୟ ଠିକ୍ ନୁହେଁ (ସୁନନେ ଇବ୍‌ନେ ମାଜା କିତାବୁଲ୍ ଏହ୍‌କାମ୍ ବାବୁଲ୍ ହୁକୁମ୍ ଫିମନ୍ କସ୍‌ରେ ଶଇଆ, ହଦିସ୍ ନଂ-୨୩୩୩) । କେଉଁଠି ପିଲାମାନଙ୍କ ଉତମ ଚରିତ୍ର ଗଢିବାକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ, ପୁଣି ଲୋକଙ୍କ ଫଳନ୍ତି ବୃକ୍ଷକୁ ପଥର ଫିଙ୍ଗି କଂଚା ଫଳ ନଷ୍ଟ ନକରିବାକୁ ଉପଦେଶ ଦେଉଥିଲେ । ଆପଣ ସ:ଆ:ସ ଗୋଟିଏ ପିଲାକୁ କହିଲେ କି ଯଦି ବହୁତ ଭୋକ ଲାଗୁଛି ଓ ବର୍‌ଦାସ୍ତ କରିପାରୁନାହିଁ ତେବେ ଫଳନ୍ତି ଗଛରୁ ତଳେ ପଡ଼ିଯାଇଥିବା ପାଚିଲା ଖଜୁରଫଳକୁ ଉଠାଇ ଖାଇନିଅ, ତତ୍ ସହିତ ଏହା ମଧ୍ୟ ଉପଦେଶ ଦେଲେ କି ସବୁଠାରୁ ଭଲକଥା ହେଉଛି ଯେ ମୁଁ ତୁମକୁ ଦୁଆ (ଆଶିର୍ବାଦ) ଦେଉଛି କି ତୁମର ଏପରି କଦାପି ନହେଉ କି ତୁମକୁ କେବେ ତଳୁ ଖଜୁର୍ ଉଠାଇ ଖାଇବାକୁ ପଡ଼ିବ । ତୁମେ କଦାପି ବିବଶ ନହୋଇଯାଓ । ଅଲ୍ଲାଃତାଲା ତୁମପାଇଁ ସବୁ ପ୍ରକାର ସାହାଯ୍ୟ କରନ୍ତୁ । (ସୁନନେ ଅବିଦାଉଦ୍ କିତାବୁଲ୍ ଜିହାଦ୍.... ହଦିସ୍ ନଂ-୨୬୨୨) ଏହି ଦୁଆ ଦେଇ ସେ ପିଲାକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ କି ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଲ୍ଲାଃତାଲାଙ୍କ ନିକଟକୁ ଫେରିଯାଓ, ନା କି ଭୁଲ୍ ଉପାୟରେ ଲୋକଙ୍କର ମାଲ୍‌କୁ ଉଠାଓ । କାରଣ ଯଦିଚ ମଜ୍‌ବୁରିରେ ବେଳେବେଳେ ଏହିପରି ତଳେ ପଡ଼ିଯାଇଥିବା ଜିନିଷଗୁଡିକ ଜାଏଜ୍ (ବୈଧ) ମଧ୍ୟ ହୋଇଯାଏ କିନ୍ତୁ ଆପଣ ସ:ଆ:ସ କହିଲେ କି ଉତମ ଚରିତ୍ରକୁ ଗ୍ରହଣ କର । ଏହା ହେଉଛି ପ୍ରକୃତ ପୁଣ୍ୟ । ଗୋଟିଏ ପିଲା ବହୁତ ଶିଘ୍ର ଶିଘ୍ର ଖାଇବା ଥାଳିରେ ହାତ ବୁଲାଇବା ଦେଖି ତାକୁ କହିଲେ ଖାଇବା ପୂର୍ବରୁ **ବିସ୍‌ମିଲ୍ଲାଃ** ପାଠ କର ଓ ନିଜ ସାମନାରୁ ଡାହାଣ ହାତରେ ଖାଅ । (ସହି ବୁଖାରୀ କିତାବୁଲ୍ ତାମା ବାବ୍ ଦଶ୍‌ମିଆ ଅଲତ୍‌ତାମ୍.....ହଦିସ୍ ନଂ-୫୩୭୬) ଅତଃ ପିଲାମାନଙ୍କ ପ୍ରଶିକ୍ଷଣ ମଧ୍ୟ ଏଭଳି ରଙ୍ଗରେ କରିବା ଉଚିତ୍ ଯେପରି ବଡ଼ ହେବାପରେ ସେମାନେ ଶିଷ୍ଟାଚାରୀ ହୋଇଯିବେ ।

ପୁଣି ମିଥ୍ୟା ଏକ ପାପ ଅଟେ ଏବଂ ସତ୍ୟ ଏକ ପୁଣ୍ୟ ଅଟେ, ଏହାକୁ ବାଲ୍ୟାବସ୍ଥାରୁ ପିଲାମାନଙ୍କ ମଧ୍ୟରେ ଉତ୍ପନ୍ନ କରିବାକୁ ହଜୁର ସ.ଆ ଉପଦେଶ ଦେଇଛନ୍ତି । ଜଣେ ସାହାବି ନିଜ ବାଲ୍ୟାବସ୍ଥା ସମ୍ପର୍କରେ କୁହନ୍ତି ଏକଦା ହଜୁର ସ.ଆ ଆମ ଘରକୁ ଆସିଲେ ଏବଂ ମୁଁ ନିଜ

ପିଲାଳିଆମି ଗୁଣ ଯୋଗୁଁ କିଛି କ୍ଷଣ ରହି ଖେଳିବାକୁ ବାହାରିଲି କିନ୍ତୁ ମୋ ମା ମୋତେ ଏପରି ପବିତ୍ର ଅବସରରେ ବାହରକୁ ଯିବାକୁ ବାରଣ କରି କହିଲେ ଏହିଠାରେ ରୁହ ମୁଁ ତୁମକୁ ଗୋଟିଏ ଜିନିଷ ଦେବି । ଏଥିରେ ହଜୁର ସ.ଆ କହିଲେ କ'ଣ (ସତରେ) ତୁମେ ନିଜ ପୁତ୍ରକୁ କିଛି ଦେବ ? ମା କହିଲେ ହଁ ମୁଁ ତାକୁ ଗୋଟିଏ ଖଜୁର ଦେବି । ହଜୁର ସ.ଆ କହିଲେ ଯଦି ତୁମର ଉଦ୍ଦେଶ୍ୟ କିଛି ଦେବାର ନଥାନ୍ତା ଏବଂ ତୁମେ କେବଳ ଛୁଆକୁ ନିଜ ପାଖକୁ ଡ଼ାକିବା ପାଇଁ କହୁଥିଲ ତେବେ ତୁମେ ମିଥ୍ୟା ରୂପକ ପାପ ଅର୍ଜନ କରିଥାନ୍ତ । ବର୍ତମାନ ସେହି ଛୁଆକୁ ଏପରି ଛୋଟବେଳୁ ସତ୍ୟର ଗୁରୁତ୍ୱ ଓ ମିଥ୍ୟାକୁ ଘୃଣା କରିବା ସ୍ପଷ୍ଟ ହୋଇଗଲା ଏବଂ ଏହାକୁ ସେ ବଡ଼ ହେବା ପର୍ଯ୍ୟନ୍ତ ମନେରଖି ଥିଲେ, ଯାହାକି ସେ ବର୍ଣ୍ଣନା କରିଛନ୍ତି ।

ଏକଦା ହଜୁର ସ.ଆ ଜଣେ ବ୍ୟକ୍ତିକୁ କହିଲେ- **ଯଦି ତୁମେ ସମସ୍ତ ଅପକର୍ମ ବର୍ଜନ କରିପାରିବ ନାହିଁ ତେବେ କେବଳ ମିଛ କହିବା ଛାଡ଼ିଦିଅ** । ଅତି କମ୍‌ରେ ଗୋଟିଏ ଅପକର୍ମକୁ ତ ଛାଡ଼ । (ତଫ୍‌ସିର୍ କବିର୍ ଇମାମ୍ ରାଜି ଖଣ୍ଡ-୮, ଭାଗ-୧୬, ପୃଷ୍ଠା-୧୭୬ ତଫସିର୍ ସୁରା ତୌବା.....୨୦୦୪ ମସିହା) । ଏବେ ଆମେ ଦେଖୁଛୁ କି କ'ଣ ଆଜିକାଲି ମୁସଲମାନମାନଙ୍କର ଏଭଳି ସ୍ତର ରହିଛି କି ସେମାନେ ଏଭଳି ସୁକ୍ଷ୍ମତାର ସହିତ ମିଥ୍ୟାରୁ ନିବୃତ ରହି ସତ୍ୟ ଉପରେ ପ୍ରତିଷ୍ଠିତ ରହିଛନ୍ତି ? ଆମେ ନିଜେ ମଧ୍ୟ ଆତ୍ମମନ୍ଥନ କରିବା ଉଚିତ୍ କି କ'ଣ ଆମର ସେହିପରି ସ୍ତର ରହିଛି ? ଗୋଟିଏ ରିୱାୟତ୍‌ରେ ଆସୁଛି କି ହଜୁର ସ.ଆ.ସ କବିରା ଗୁନ୍‌ହା (ବଡ଼ ପାପ) ସମ୍ବନ୍ଧରେ କହିଲେ ଘୋର ପାପ ହେଉଛି ଏହା କି ଅଲ୍ଲାଃଙ୍କ ଶିରକ୍ (ଅନ୍ୟ କାହାରିକୁ ଅଲ୍ଲାଃଙ୍କ ସମତୁଲ୍ୟ) କରିବା, ପିତାମାତାଙ୍କ ଅମାନ୍ୟ କରିବା, ବର୍ଣ୍ଣନା କରୁଥିବା ବ୍ୟକ୍ତି ଜଣକ କହୁଛନ୍ତି- ହଜୁର ସ.ଆ ଆଉଜି ବସିଥିଲେ କିନ୍ତୁ ସଙ୍ଗେସଙ୍ଗେ ଉଠିବସିଲେ ଏବଂ କହିଲେ ମନଦେଇ ଶୁଣ ମିଥ୍ୟା ବଚନ ଓ ମିଥ୍ୟା ସାକ୍ଷୀ ଦେବା ଇତ୍ୟାଦି ଘୋର ପାପର ଅନ୍ତର୍ଭୁକ୍ତ । ହଜୁର ଏକଥା ଏପରି ବାରମ୍ବାର ପୁନରାବୃର୍ତି କଲେ କି ଆମେ ମନେକଲୁ କି ସମ୍ଭବତଃ ହଜୁର ସ.ଆ ନିରବ ହୋଇଯାନ୍ତେ କି । (ସହି ବୁଖାରୀ କିତାବୁଲ୍ ଅଦବ୍ ବାବ୍ ଅକୁକୁଲ୍ ୱାଲି ଦଏନ୍ ମିନଲ୍ କବାଇର୍, ହଦିସ୍ ନଂ-୫୯୭୬)

ପୁଣି ଆମେ ଏ ପ୍ରକାର ମଧ୍ୟ ଆପଣ ସ:ଆ:ସଙ୍କ ଚରିତ୍ରର ପରିପ୍ରକାଶକୁ ଦେଖିଥାଉ । ଅର୍ଥାତ୍ ଧୈର୍ଯ୍ୟ ଓ ସହନଶୀଳତାର ସ୍ତର ଓ କିଭଳି ଆପଣ ସ:ଆ:ସ ଉପଦେଶ ଦେଉଥିଲେ । ଏକଦା ଜଣେ ଗାଉଁଲି ବ୍ୟକ୍ତି ମସଜିଦ୍‌ରେ ପରିଶ୍ରା କରିଦେଲା । ଲୋକେ ତାକୁ ଏଭଳି କର୍ମରୁ ନିବୃତ ରଖିବା ନିମନ୍ତେ ତା'ଆଡ଼କୁ ବଢିଲେ କିନ୍ତୁ ହଜୁର ସ.ଆ କହିଲେ ତାକୁ ଛାଡ଼ିଦିଅ ଏବଂ ଯେଉଁଠାରେ ସେ ପରିଶ୍ରା କରିଛି ସେଠାରେ ପାଣି ବୁହାଇ ଦିଅ ପୁଣି କହିଲେ ତୁମେ ଲୋକମାନଙ୍କୁ ସୁବିଧା,ସୁଯୋଗ ପ୍ରଦାନ କରିବା ନିମନ୍ତେ ସୃଷ୍ଟି କରାଯାଇଅଛ ନା କି କଷ୍ଟ ଦେବା ନିମନ୍ତେ । ପରବର୍ତୀ ସମୟରେ ଉକ୍ତ ଗାଉଁଲି ବ୍ୟକ୍ତି ଜଣକ ସର୍ବଦା ଆପଣଙ୍କ ଏହି ଦୟାଶୀଳ ଗୁଣାବଳୀର ଚର୍ଚ୍ଚା କରୁଥିଲା । (ସୁନତେ ତିରିମିଜି ଅବୁଆବୁତ୍ ତହାରତେ....ହଦିସ୍ ନଂ-୧୪୭)

ଆଜିକାଲି ତ ଲାଗୁଛି ଯେ ମୁସଲ୍‌ମାନ୍ ସରକାରମାନେ ମଧ୍ୟ, ୱଲେମାମାନେ ମଧ୍ୟ ଓ ଗୋଷ୍ଠୀ ସମୁହ ମଧ୍ୟ ଏ ସଂସାରର ସଂକୀର୍ଣ୍ଣତା ସୃଷ୍ଟି କରିବା ପାଇଁ ସବୁଥର ଆଗରେ ଅଛନ୍ତି । ନାଁ ଛୋଟ ଛୋଟ କଥାରେ ସହଜତା ଅବଲମ୍ବନ କରୁଛନ୍ତି ନା ବଡ଼ କଥାରେ ସହଜତା ସୃଷ୍ଟି କରୁଛନ୍ତି । ଏକଦା ହଜୁର ସ.ଆ କହିଲେ- ଯଦି ତୁମେ ଜାଣିବାକୁ ଇଚ୍ଛୁକ କି ଯାହା ତୁମେ କରୁଅଛ ତାହା ଠିକ୍ ନା ଭୁଲ ତେବେ ତୁମେ ନିଜ ପଡ଼ୋଶିକୁ ପଚାର କି ସେ ତୁମ ସମ୍ବନ୍ଧରେ କି ରାଏ ରଖୁଛନ୍ତି । (ସୁନନେ ଇବ୍‌ନେ ମାଜା କିତାବୁଲ୍ ଜୁହଦ୍..... ହଦିସ୍ ନଂ-୪୨୨୨) ପୁଣି ଅଫିସର୍ (ବିଭାଗର ମୁଖ୍ୟମାନଙ୍କୁ) କହିଲେ କି ତୁମେ ସେତେବେଳେ ଉତମ ଚରିତ୍ରର ଅଧିକାରୀ ହେବ ଯେତେବେଳେ ତୁମେ ନିଜକୁ ଧର୍ମର ସେବକ ମଣିବ ଏବଂ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ସର୍ବସାଧାରଣଙ୍କ ସେବା କରିବ । (କନଜୁଲ୍ ଆମାଲ୍ ଖଣ୍ଡ-୬, ପୃଷ୍ଠା-୭୧୦, ହଦିସ୍ ନଂ-୧୭୫୧୭, ମୁଦ୍ରଣ...ବେରୁତ ୧୮୮୫ ମସିହା) ହଜୁର ଅନୱର ଅ.ବ କହିଲେ- ଏହି ପ୍ରକାର ସ୍ତର ଆମ ଲିଡ଼ର ଓ ଆମ ଅଫିସର୍‌ମାନଙ୍କ ଠାରେ କେଉଁଠାରେ ଦେଖିବାକୁ ମିଳୁଅଛି ? **ଅତଃ ଆମ ଜମାଅତର କର୍ମକର୍ତାମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍** ।

ପୁଣି ଯେବେ ସବୁ ପ୍ରକାରର ଶକ୍ତି ଆପଣ ସ:ଆ:ସଙ୍କୁ ମିଳିଗଲା ଓ ଆରବ ଉପରେ ବିଜୟ ଲାଭ କଲେ ସେତେବେଳେ ଆପଣଙ୍କ ଚରିତ୍ରର ସ୍ତରକୁ ଆମେ ଦେଖୁଅଛେ । ଫତାଃମକ୍କା (ମକ୍କା ବିଜୟ) ଅବସରରେ ଆପଣ ସ:ଆ:ସ କିପରି ଉତମ ଚରିତ୍ରର ପ୍ରଦର୍ଶନ କଲେ କି ଶତ୍ରୁମାନଙ୍କୁ ମଧ୍ୟ କ୍ଷମା କରିଦେଲେ । ଦେଖ ମକ୍କା ବିଜୟ ହେବା ସମୟରେ ହଜରତ ମହମ୍ମଦ ସ.ଆ କିଭଳି ସୁନ୍ଦର ନମୁନାର ପ୍ରଦର୍ଶନ କରିଥିଲେ । ଏଭଳି ଶତ୍ରୁ ଯେ ଆପଣଙ୍କ ରକ୍ତର ପିପାସୁ ଥିଲେ ଏବଂ ନିୟମିତ ଭାବରେ ଆପଣଙ୍କୁ କଷ୍ଟ ଦେଇ ଚାଲିଥିଲେ । ତଥାପି ସେମାନଙ୍କୁ କ୍ଷମା କରିଦେଲେ ଏବଂ ଆପଣଙ୍କ ଏହି ଆଚରଣ ଅନେକଙ୍କ ଇସଲାମ ସ୍ୱୀକାର କରିବାର ମାଧ୍ୟମ ସାଜିଥିଲା । ହଜରତ ମହମ୍ମଦ ସ.ଆଙ୍କ ସର୍ବଶ୍ରେଷ୍ଠ ଚରିତ୍ରର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି-

"ପରମେଶ୍ୱର ଅଲ୍ଲାଃ ଆମ ନବୀ ହଜରତ ମହମ୍ମଦ ସ.ଆଙ୍କୁ କହିଲେ **ୱ ଇନ୍ନକା ଲଅଲା ଖୁଲୁକିନ୍ ଅଜିମ୍** (ସୁରା କଲମ ଆୟତ ନଂ-୫) ଅର୍ଥାତ ତୁମେ ଚରିତ୍ରର ଅତ୍ୟନ୍ତ ଉଚ୍ଚତମ ସୋପାନରେ ବିରାଜମାନ । ଏହାର ତାତ୍ପର୍ଯ୍ୟ ଏହି କି ଯେ, ସମସ୍ତ ପ୍ରକାର ଉତମ ଶିଷ୍ଟାଚାର ଯେପରି ଦାନ, ଦୟା, କ୍ଷମା, ସତ୍ୟନିଷ୍ଠ, ଅଦମ୍ୟ ସାହାସ, ନ୍ୟାୟ ଓ ଧର୍ଯ୍ୟ ଆଦି ସମସ୍ତ ସୁଗୁଣ ତୁମ ମଧ୍ୟରେ ଏକତ୍ରିତ । ସୁତରାଂ ଯେତେ ପ୍ରକାରର ମନୁଷ୍ୟ ଭିତରେ ଶକ୍ତି ନିହିତ ଅଛି ଯେପରି ଅଦବ୍, ଲଜ୍ଜା, ଦିଆନତ୍, ମରବତ୍, ଗଏରତ୍, ଇସ୍‌ତିକାମତ୍ (ଧୈର୍ଯ୍ୟ), ଇଫତ୍ (ପବିତ୍ରତା), ଜାହାଦତ୍ (ସଞ୍ଜମତା), ସମାନତା, ମୁଆସାତ୍ ଅର୍ଥାତ୍ ସହାନୁଭୁତି । ସେହିପରି ସାହସ, ଦାନୀ ପଣିଆ, କ୍ଷମା, ଧୈର୍ଯ୍ୟ, ଅନୁଗ୍ରହ, ସତ୍ୟ ଓ ପ୍ରେମ ଇତ୍ୟାଦି । ଯେତେବେଳେ ଏହି ସମସ୍ତ ପ୍ରାକୃତିକ ଅବସ୍ଥା ବୁଦ୍ଧି ଓ ଚିନ୍ତା ଦ୍ୱାରା ନିଜ ନିଜର ପ୍ରକୃତ ସ୍ଥାନରେ ବ୍ୟବହାର କରାଯିବ ତେବେ ଏହି ସବୁତକ ସମଷ୍ଟିର ନାମ ଏଖ୍‌ଲାକ୍ ଅର୍ଥାତ୍ ଚରିତ୍ର ହେବ ଏବଂ ଏହି ସମସ୍ତ ଚରିତ୍ର ବାସ୍ତବରେ ମନୁଷ୍ୟର ପ୍ରାକୃତିକ ଅବସ୍ଥା ଅଟେ ଓ ପ୍ରାକୃତିକ ଭାବନା ଅଟେ । ଏହା କେବଳ ସେ ସମୟରେ ଚରିତ୍ର ନାମରେ ନାମିତ ହୋଇଥାଏ ଯେବେ ସେଗୁଡିକ ଉପଯୁକ୍ତ ସମୟ ଓ ସ୍ଥାନରେ ବ୍ୟବହାର କରାଯାଏ" । (ଇସ୍‌ଲାମି ଉସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୩୩୩) । ଏହା ଅଭ୍ୟାସଗତ ହେବାର ନୁହେଁ ବରଂ ପ୍ରତ୍ୟେକ ଚରିତ୍ରକୁ ତାର ସ୍ଥାନ, କାଳ ଓ ପାତ୍ର ଦେଖି ଯଦି ବ୍ୟବହାର କରାଯାଏ ସେଥିରୁ ଉତମ ଫଳ ସୃଷ୍ଟି ହେବ । ବେଳେବେଳେ ଦଣ୍ଡ ଦେବାକୁ ପଡ଼ିଥାଏ । ଏହି ଦଣ୍ଡ ଏଇଥିପାଇଁ ଦିଆଯାଏ କି ଏହାଦ୍ୱାରା ଠିକ୍ ଫଳ ବାହାରି ପାରିବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଉତମ ଚରିତ୍ରର ପରିପ୍ରକାଶ ନିମନ୍ତେ ବିଭିନ୍ନ ଅବସ୍ଥାର ଚର୍ଚ୍ଚା କରି କହିଲେ ଉତମ ଚରିତ୍ର ଦୁଃଖ ସମୟରେ ଓ ସୁଖ ସମୟରେ ମଧ୍ୟ ଦୁଇଟି ଅବସ୍ଥାରେ ଜଣାପଡ଼ିଥାଏ । ଦୁଃଖ ସମୟରେ ଯିଏ ଅଲ୍ଲାଃତାଲାଙ୍କୁ ସନ୍ତୁଷ୍ଟି କରିବା ପାଇଁ ଧୈର୍ଯ୍ୟ ଦେଖାଇଥାଏ ସେ ଉତମ ଚରିତ୍ରର ମାଲିକ ହୋଇଥାଏ ଓ ସୁଖ ସମୟରେ ଯିଏ ବିନମ୍ରତା ଓ ନ୍ୟାୟକୁ ପ୍ରତିଷ୍ଠା କରିଥାଏ ସେ ଉତମ ଚରିତ୍ରର ଅଧିକାରୀ ହୋଇଥାଏ ଓ ଏହି ଦୁଇଟି ଅବସ୍ଥା ଆମ ନବୀ କରିମ୍ ସ:ଆ:ସଙ୍କ ଭିତରେ ଜାଜଲ୍ୟମାନ ଅବସ୍ଥାରେ ପରିପ୍ରକାଶ ହେଉଅଛି ଯେପରିକି ମୁଁ ପ୍ରଥମରୁ ମଧ୍ୟ କହିଛି କି କିପରି ମକ୍କା ବିଜୟ ଅବସରରେ ଆପଣ ସ:ଆ:ସ ନିଜ ଜୀବନ ଶତ୍ରୁଙ୍କୁ ମଧ୍ୟ କ୍ଷମା ଦେଇଦେଲେ ।

ହଜରତ ମସିହ ମଉଦ ଆ.ସ ଉତମ ଚରିତ୍ର ପ୍ରଦର୍ଶନ କରିବାର ବିଭିନ୍ନ ଅବସ୍ଥା ଚର୍ଚ୍ଚା କରି କୁହନ୍ତି- ମଣିଷର ଚରିତ୍ର ସର୍ବଦା ଦୁଇଟି ପରିସ୍ଥିତିରେ ଜଣାପଡ଼ିଥାଏ, **ଗୋଟିଏ ପରୀକ୍ଷା ସମୟରେ ଆଉ ଗୋଟିଏ ତାହାର ପୁରସ୍କୃତ ହେବା ସମୟରେ** । ଯଦି ମାତ୍ର ଗୋଟିଏ ଅବସ୍ଥା ରହିଥାଏ ତେବେ ଚରିତ୍ରର (ପୂର୍ଣ୍ଣ) ସନ୍ଧାନ ମିଳିନଥାଏ କାରଣ ଅଲ୍ଲାଃତାଲା ହଜରତ ମହମ୍ମଦ ସ.ଆଙ୍କ ଚରିତ୍ରକୁ ପୂର୍ଣ୍ଣାଙ୍ଗ କରିବା ଧାର୍ଯ୍ୟ ଥିଲା ତେଣୁ ଆପଣଙ୍କ ଜୀବନର କିଛି ଅଂଶ ମକ୍କାରେ ଆଉ କିଛି ଅଂଶ ମଦିନାରେ ଅତିବାହିତ କରିବାକୁ ସୁଯୋଗ ପ୍ରଦାନ କଲେ । ପ୍ରଥମ ପର୍ଯ୍ୟାୟ ଅର୍ଥାତ ମକ୍କାରେ ଶତ୍ରୁମାନଙ୍କ ବଡ଼ ବଡ଼ କଷ୍ଟଦାୟକ ପରିସ୍ଥିତିରେ ହଜୁର ସ.ଆ ଧର୍ଯ୍ୟର (ସୁନ୍ଦର) ନମୁନା ପ୍ରଦର୍ଶନ କଲେ ଏବଂ ସେମାନଙ୍କର ସମସ୍ତ ପ୍ରକାରର କଠୋର ଆଚରଣ ସତ୍ତ୍ୱେ ହଜୁର ସ.ଆ ସେମାନଙ୍କ ସହ ନମ୍ରତା ଓ ଦୟା ଆଚରଣ କରୁଥିଲେ ଏବଂ ଆପଣ ଅଲ୍ଲାଃତାଲାଙ୍କର ଯେଉଁ ବାର୍ତା ନେଇ ଆସିଥିଲେ ତାହାର ପ୍ରଚାରରେ ତିଳେ ମାତ୍ର ଅବହେଳା କଲେ ନାହିଁ । ପୁଣି ମଦିନାରେ ଯେତେବେଳେ ଆପଣଙ୍କୁ ସମୃଦ୍ଧି ପ୍ରାପ୍ତ ହେଲା ଏବଂ ସେହି ଶତ୍ରୁମାନେ କଏଦି ହୋଇ ଆପଣଙ୍କ ସମ୍ମୁଖରେ ଦଣ୍ଡାୟମାନ ଅବସ୍ଥାରେ ଉପସ୍ଥିତ ହେଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶକୁ ଆପଣ କ୍ଷମା କରିଦେଲେ । ପ୍ରତିଶୋଧ ନେବାର ଅବସର ପାଇ ମଧ୍ୟ ପ୍ରତିଶୋଧ ନେଲେ ନାହିଁ । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୧୯୫-୧୯୬, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଂଲିସ୍ ସ୍ଥାନ)

ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ଉତମ ଚରିତ୍ର ବିଷୟରେ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି କି "ଏହି କଥାକୁ ବହତୁ ଧ୍ୟାନର ସହିତ ଶୁଣିବା ଉଚିତ୍ । ଅନେକ ଲୋକଙ୍କୁ ମୁଁ ଦେଖିଛି ଓ ସେମାନଙ୍କୁ ବହୁତ ଧ୍ୟାନର ସହିତ ଅନୁଶୀଳନ କରି ଦେଖିଛି କି କିଛି ଲୋକ ଦାନ ତ କରିଥାନ୍ତି କିନ୍ତୁ ତା ସହିତ ରାଗି କି ଏଣୁତେଣୁ କହିଥାନ୍ତି" । (ଅର୍ଥାତ୍ ବହୁତ ଦାନୀ ଥାଆନ୍ତି ଯେତେବେଳେ ଲୋକମାନଙ୍କୁ ଦାନ କରିଥାନ୍ତି ସେତେବେଳେ ଟିକିଏ ଟିକିଏ କଥାରେ ଅପ୍ରଶନ୍ନତା ପ୍ରକାଶ କରି ରାଗିଯାଆନ୍ତି । କାହାକୁ କିଛି ଯଦି ଦିଅନ୍ତି ପରେ ତାଠାରୁ ନାରାଜ ହୋଇଗଲେ ତାକୁ ଏହ୍‌ସାନି ଜତାଇଥାଏ) । ପୁଣି କହୁଛନ୍ତି କି "କିଛି ଲୋକ ବହୁତ ଦୟାଳୁ ତ ଥାଆନ୍ତି କିନ୍ତୁ କଞ୍ଜୁସ୍ ମଧ୍ୟ ହୋଇଥାନ୍ତି ଓ କିଛି ଲୋକ କ୍ରୋଧରେ ଜର୍ଜରିତ ହୋଇ ଠୋଙ୍ଗାରେ ପିଟିପିଟି ରକ୍ତାକ୍ତ କରିଦିଅନ୍ତି କିନ୍ତୁ ବିନମ୍ରତା ଆଚରଣ କରନ୍ତି ନାହିଁ । କିଛି ଲୋକଙ୍କୁ ଦେଖିଛି ବିନମ୍ରତା ତ ବହୁତ ତାଙ୍କଠାରେ ଅଛି କିନ୍ତୁ ବାହାଦୁରି ନଥାଏ..... ।" କହୁଛନ୍ତି କି ପ୍ରତ୍ୟେକ ମନୁଷ୍ୟ ଭିତରେ ସବୁତକ ଗୁଣ ମିଳେନାହିଁ । ଏହା ଠିକ୍ କଥା । କିନ୍ତୁ ତତ୍‌ସହିତ ସେ ଏଥିରୁ ବଂଚିତ ବି ନୁହଁ" ଓ ପୁଣି ଆପଣ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଷୟରେ ଚର୍ଚ୍ଚା କରି କହୁଛନ୍ତି କି ଉକ୍ତ ଚରିତ୍ର ଗୁଡିକ ସମ୍ବନ୍ଧରେ ସବୁଠାରୁ ପୁର୍ଣ୍ଣ ନମୁନା ଓ ଦୃଷ୍ଟାନ୍ତ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଥିଲା ଯାହାଙ୍କ ନିକଟରେ ସବୁତକ ଚରିତ୍ର ସମ୍ପୂର୍ଣ୍ଣ ରୂପେ ଥିଲା । ସେଥିଯୋଗୁ ଆପଣଙ୍କ ପାଇଁ ଅଲ୍ଲାଃତାଲା କହୁଛନ୍ତି *ଇନ୍ନକା ଲାଲା ଖୁଲୁକିନ୍ ଅଜିମ୍* (ଉଦ୍ଧୃତ ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୩୨-୧୩୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ସୁତରାଂ ଦୁଃଖ କଷ୍ଟ ଅନୁଭବ କରିବା ସମୟରେ ମଧ୍ୟ ଆପଣ ଉତମ ଚରିତ୍ର ପରିଦର୍ଶନ କଲେ ଓ ଧୈର୍ଯ୍ୟ ଏପରି ଦେଖାଇଲେ କି ସଂସାର ଆଶ୍ଚର୍ଯ୍ୟ ହୋଇଗଲା ଏବଂ ଯେତେବେଳେ ସାରା ଆରବର ହୁକୁମତ୍ (ସରକାର) ଆପଣଙ୍କ ହାତରେ ନ୍ୟସ୍ତ କରାଗଲା ସେତେବେଳେ ଆପଣଙ୍କ ଉପରେ କରିଥିବା ସମସ୍ତ ଅତ୍ୟାଚାରୀମାନଙ୍କୁ କ୍ଷମା ପ୍ରଦାନ କଲେ । ତେଣୁ ଚରିତ୍ରର ଉତମ ସ୍ତରକୁ ପ୍ରତ୍ୟେକ ମୁସଲ୍‌ମାନ୍ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଓ ଏହା ଉପରେ ଅମଳ କରି ଦେଖାଇବା ଉଚିତ୍ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମର କିଭଳି ମାର୍ଗ ଦର୍ଶନ କରାଇଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର ସମ୍ବନ୍ଧରେ କହୁଛନ୍ତି କି ଏହି ଉତମ ଆଚରଣ ଏପରି ଥିଲା ଯାହାକି ସେମାନଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା ଏବଂ ହଜୁର ସ.ଆଙ୍କ ମହାନତା ଓ ଶ୍ରେଷ୍ଠତାକୁ ପ୍ରମାଣିତ କରିଥିଲା । ହଜରତ ମସିହ ମଉଦ ଆ.ସ ଆମକୁ କୁହନ୍ତି ଯଦି ତୁମେ ଏହି ସୁନ୍ନତ ମୁତାବକ ଅମଳ କର ତେବେ ନିଜ ଚରିତ୍ର ସୌନ୍ଦର୍ଯ୍ୟମୟ କରିନେବ ଏବଂ ପ୍ରତ୍ୟେକ ଆଚରଣ ସ୍ଥାନ ଓ କାଳ ମୁତାବକ ପ୍ରଦର୍ଶନ କର

ତେବେ ତୁମେ ମଧ୍ୟ ଚମ୍ତ୍କାର ପ୍ରଦର୍ଶନ କରିପାରିବ ।

ଆପଣ କୁହନ୍ତି "ଖୱାରିକ୍ (ଐଶରିକ ନିଦର୍ଶନ)କୁ ଦେଖି ମଧ୍ୟ କୌଣସି ନା କୌଣସି ପ୍ରକାରର ବାହାନା କରି ତାହାକୁ ଟାଳିବାକୁ ଚେଷ୍ଟା କରିଥାନ୍ତି କିନ୍ତୁ ଉତମ ଶିଷ୍ଟାଚାର ଏଭଳି ଚମ୍ତ୍କାର ଅଟେ ଯାହା ଉପରେ କୌଣସି ବ୍ୟକ୍ତି ଆଙ୍ଗୁଳି ନିକ୍ଷେପ କରିପାରିନଥାଏ । ଏହି କାରଣରୁ ଆମ ପ୍ରିୟ ରସୁଲ ହଜରତ ମହମ୍ମଦ ସ.ଆଙ୍କୁ ଶିଷ୍ଟାଚାରର ସବୁଠାରୁ ବଡ଼ ଓ ଶକ୍ତିଶାଳୀ ଉପାଧି ମିଳିଲା ଯେପରିକି କହିଲେ- **ୱ ଇନ୍ନକା ଲଅଲା ଖୁଲୁକିନ୍ ଅଜିମ୍** ଆପଣ କୁହନ୍ତି ଏମିତି ତ ହଜରତ ମହମ୍ମଦ ସ.ଆ ସମସ୍ତ ପ୍ରକାରର ଚମ୍ତ୍କାର ଓ ଶକ୍ତି ପ୍ରଦର୍ଶନ କରିବାରେ ସମସ୍ତ ଅବତାରମାନଙ୍କ ଠାରୁ ବେଶ୍ ଆଗରେ ରହିଛନ୍ତି କିନ୍ତୁ ଆପଣଙ୍କ ଶିଷ୍ଟାଚାର ମଧ୍ୟ ସର୍ବପ୍ରଥମ ଅଟେ । ଯାହାର ଉଦାହରଣ ସଂସାରର ଇତିହାସରେ ଦେଖିବାକୁ ମିଳୁନାହିଁ ନା କେହି ଉପସ୍ଥାପନ କରିପାରିବେ । ଆପଣ କୁହନ୍ତି "ମୁଁ ମନେକରୁଅଛି କି ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ମନ୍ଦ ଗୁଣକୁ ପରିହାର କରି ଉତମ ଆଚରଣ କରେ ତେବେ ତାହା ହିଁ ଉକ୍ତ ବ୍ୟକ୍ତିର ଚମ୍ତ୍କାର ପ୍ରଦର୍ଶନ କରିବା ଅଟେ" । (ଉତମଗୁଣ ନିଜ ଭିତରେ ସୃଷ୍ଟି କରିଦେଇଥାଏ) "ସେଥିଯୋଗୁ ତାହା କରାମତ୍ ହୋଇଥାଏ" ଉଦାହରଣସ୍ୱରୂପ ଯଦି ବିଭିନ୍ନ କଠୋରତା ଓ ଉଗ୍ର ରୂପକୁ ବର୍ଜନ କରି ଦୟା ଓ ନମ୍ର ଆଚରଣ ଆପଣାଇ ନିଅ କିମ୍ବା କୃପଣ, ଇର୍ଷାକୁ ପରିହାର କରି ଦାନ ଓ ସହାନୁଭୂତି ପ୍ରଦର୍ଶନ କର ତେବେ ନିଃସନ୍ଦେହ ଏହା ଚମ୍ତ୍କାର ଅଟେ ଏବଂ ଏଭଳି ନିଜ ଗୁଣଗାନ ଓ ସ୍ୱାର୍ଥପର ଭାବନାକୁ ପରିହାର କରି ବିନମ୍ରତା ଓ ସଦାଚାର (ଗୁଣ) ଧାରଣ କରିବା ତେବେ ସେହି ସଦାଚାର ହିଁ ଚମ୍ତ୍କାର (କରାମତ୍) ଅଟେ ।" (କଡ଼ା ମିଜାଜ୍ର ଲୋକ କ୍ରୋଧିତ ବ୍ୟକ୍ତି ଯଦି ଏହି ଖରାପ ଅଭ୍ୟାସ ଗୁଡିକୁ ଛାଡ଼ି ନମ୍ରତା ଓ କ୍ଷମା ଗୁଣକୁ ଗ୍ରହଣ କରିଥାଏ ବା କୃପଣତାକୁ ଛାଡ଼ି ଦାତବ୍ୟତା ଗ୍ରହଣ କରିଥାଏ ନିଜ ହାତକୁ ରୋକି ରଖିବା ପରିବର୍ତେ ଓ ଇର୍ଶା କରିବା ପରିବର୍ତେ ସହାନୁଭୁତି ଦେଖାଇଥାଏ, ଯଦି ସେ ଏପରି ପରିବର୍ତନ ତା ନିଜ ଭିତରେ ସୃଷ୍ଟି କରିଦିଏ ତେବେ ତାହା ଏକ ଚମତ୍କାର ହେବ ଓ ଏହି ଚମତ୍କାରିତା ତା ଫଳ ବାହାର କରିବ) । "ଓ ସେହିଭଳି ଆତ୍ମବଡ଼ିମାକୁ ଛାଡ଼ିଦେଇ ସେ ଯେତେବେଳେ ବିନମ୍ରତାକୁ ଗ୍ରହଣ କରିବ ତାହା ମଧ୍ୟ ଚମତ୍କାର ହେବ" (ନିଜେ ନିଜକୁ ପ୍ରଶଂସା କରିବା ବା ନିଜକୁ ଦେଖେଇହେବା ଇତ୍ୟାଦି କଥାକୁ ଛାଡ଼ି ଯଦି ସେ ବିନମ୍ରତା ଆଚରଣ କରେ ତେବେ ସେ କରାମତି ହୋଇଯିବ) ।

ଆପଣ କୁହନ୍ତି ଅତଃ ତୁମମାନଙ୍କ ମଧ୍ୟରୁ କିଏ ବା ଚମ୍ତ୍କାରୀ ପୁରୁଷ ହେବାକୁ ନଚାହେଁ । ମଣିଷ ନିଜ ଚାରିତ୍ରିକ ଅବସ୍ଥାକୁ ସଂଶୋଧନ କରିବା ଉଚିତ୍ କାରଣ ଏହା ଏଭଳି କରାମତ୍ ଯାହାର ପ୍ରଭାବ କଦାପି ନଷ୍ଟ ହୋଇନଥାଏ ବରଂ ତାହାର ସୁଫଳ ଦୂରଦୂରାନ୍ତରେ ପର୍ଯ୍ୟନ୍ତ ପହଂଚିଥାଏ । **ମୋମିନ୍କୁ ଆବଶ୍ୟକ କି ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ କରାମତ୍ ପ୍ରଦର୍ଶନକାରୀ ହୋଇଯାଉ** । ଅନେକ ମଦ୍ୟପ ତଥା ଭୋଗବିଳାସରେ ଲିପ୍ତ ବ୍ୟକ୍ତି ଏଭଳି ଥାନ୍ତି କି କୌଣସି ଖାରିକେ ଆଦତ୍ (ଐଶ୍ୱରିକ ଚମ୍ତ୍କାର ଦେଖି) ମଧ୍ୟ ତାହାକୁ ସ୍ୱୀକାର କରିନଥାନ୍ତି କିନ୍ତୁ ଶିଷ୍ଟାଚାରକୁ ଦେଖି ମଥା ନଇଁଦେଇଥାନ୍ତି ଏବଂ ତାହାକୁ ସ୍ୱୀକାର କରିବା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ କୌଣସି ରାସ୍ତା ନ ଥାଏ । ଅନେକ ଲୋକଙ୍କ ଜୀବନ ଚରିତ୍ରରେ ଦେଖିବାକୁ ମିଳିଥାଏ କି ସେମାନେ କେବଳ ଶିଷ୍ଟାଚାରର କରାମତ୍ ଦେଖି ସତ୍ (ଧର୍ମ)କୁ ସ୍ୱୀକାର କରିନେଇଥାନ୍ତି ।" (ମଲ୍ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୪୧-୧୪୨, ଏଡ଼ିଶନ୍-୧୯୮୫, ମୁଦ୍ରଣ ଇଂଲିସ୍ ସ୍ଥାନ) । ପ୍ରକାଶ୍ୟରେ ସାଧାରଣତଃ ସାଂସାରିକ ଲୋକମଧ୍ୟ ଚରିତ୍ରକୁ ପ୍ରକାଶ କରିଥାନ୍ତି କିନ୍ତୁ ଯାହାକୁ ସେମାନେ ଚରିତ୍ର ବୋଲି କୁହନ୍ତି ତାହା ବାସ୍ତବରେ ଏକପ୍ରକାର ଲୋକଦେଖାଣିଆ ହୋଇଥାଏ ଓ କେବଳ ନିଜକୁ ଭଲ ପ୍ରମାଣିତ କରିବା ପାଇଁ ସେ ଏପରି କରିଥାନ୍ତି କିନ୍ତୁ ତାଙ୍କ ମନରେ ଆଉ କିଛି ଚାଲିଥାଏ ବା ପୁଣି ବେଳେବେଳେ କୌଣସି ବଡ଼ ଅଫିସରଙ୍କ ସମ୍ମୁଖରେ ବା ବଡ଼ ଧନୀ ଲୋକଙ୍କ ସମ୍ମୁଖରେ ଚରିତ୍ରର ପ୍ରକାଶ ଏପରି କରିଥାନ୍ତି ଯେପରି ବହୁତ ଚରିତ୍ରବାନ୍ ଅଟନ୍ତି । କିନ୍ତୁ ପ୍ରକୃତରେ ତାହା ହେଉଛି ଏକ ପ୍ରକାର କପଟତା । ଏହା ସେମାନେ ଦୁର୍ବଳତା ଯୋଗୁ ଓ ଡର ଯୋଗୁ ବା ଭୀରୁ ପଣିଆ ଯୋଗୁଁ କରିଥାନ୍ତି । ଆପଣ ଆ:ସ କହୁଛନ୍ତି କି ଇସ୍ଲାମ୍ର ଶିକ୍ଷା ଏପରି ନୁହେଁ କାରଣ ଇସ୍ଲାମ୍ର ଏହା ଚରିତ୍ର ନୁହେଁ ବରଂ ଉତମ ଚରିତ୍ର ହେଉଛି ଏହା ଯାହା ମନର କଥାକୁ ମଧ୍ୟ ପରିପ୍ରକାଶ କରିଥାଏ । ଯଦି ସହାନୁଭୁତି ଅଛି ତେବେ ତାହା ହୃଦୟରୁ ଥାଏ । ଯଦି ଅନ୍ୟ କୌଣସି କଥାର ଯଦି ପରିପ୍ରକାଶ କରାଯାଏ ତାହା ମଧ୍ୟ ମନରୁ କରାଯାଏ ।

ଏକଦା ହଜରତ ମସିହ ମଉଦ ଆ.ସ କହିଲେ- ଶିଷ୍ଟାଚାରୀ ଦୁଇ ପ୍ରକାର ଅଟନ୍ତି । **ଗୋଟିଏ** ଆଜିକାଲିର ନବଶିକ୍ଷିତ ଲୋକେ ପରସ୍ପର ସହ ସାକ୍ଷାତ କଲାବେଳେ ଭାଷାର ଚପଳତା ଓ ଲୋକଙ୍କ ପ୍ରଶଂସା ଲାଭ ନିମନ୍ତେ ଏଭଳି (ସୁନ୍ଦର ଭାବରେ) ନିଜକୁ ଉପସ୍ଥାପନ କରିଥାନ୍ତି କିନ୍ତୁ ସେମାନଙ୍କ ହୃଦୟରେ କୃରତା ଓ ମଳିନତା ଭରିରହିଥାଏ । ଏହି ଆଚରଣ ପବିତ୍ର କୋରାନର ବିପରୀତ ଅଟେ । **ଦ୍ୱିତୀୟ** ପ୍ରକାର ଶିଷ୍ଟାଚାର ସଚ୍ଚୋଟ ସହାନୁଭୂତି ଏବଂ ସ୍ୱଚ୍ଛତା ତଥା ଅନ୍ୟର ଚାମଚାଗୀରି କରିବା ଓ ହୃଦୟର ମଳିନତାରୁ ପବିତ୍ର ରହିଥାନ୍ତି, ଯେଭଳି ଅଲ୍ଲାଃତାଲା କୁହନ୍ତି- **ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍ଲି ୱଲ୍ ଇହ୍ସାନି ୱ ଇତାଇଜିଲ୍ କୁର୍ବା** (ସୁରା ନହଲ୍, ଆୟତ ନଂ-୯୧) ତେବେ ଏହା ନ୍ୟାୟ ଓ ବାସ୍ତବିକତାର ପୂର୍ଣ୍ଣ ମାର୍ଗ ଅଟେ । ଯେଉଁସ୍ଥଳେ ଉପକାର କରିବା ଆବଶ୍ୟକ ସେଠାରେ (ଅନ୍ୟର) ଉପକାର କରିବା । ପୁଣି ତା'ଠାରୁ ବଳି ଏଭଳି ବ୍ୟବହାର କରିବା ଯେପରି ମା' ନିଜ ଛୁଆ ସହିତ କରିଥାଏ ଅଥବା କୌଣସି ଅନ୍ତରଙ୍ଗ ବନ୍ଧୁ ନିଜ ନିକଟବର୍ତୀ ସହ (ଆଚରଣ) କରିଥାଏ । ତେଣୁକରି କୁହାଗଲା ଏହା ହିଁ ସମ୍ପୂର୍ଣ୍ଣ ମାର୍ଗ ଏବଂ ସମସ୍ତ ପ୍ରକାରର ପୂର୍ଣ୍ଣତା ଓ ଉତମ ଶିକ୍ଷା ଅଲ୍ଲାଃଙ୍କ ବାଣୀରେ ବିଦ୍ୟମାନ । ଯେ ସେଥିରୁ ବିମୁଖତା ପ୍ରଦର୍ଶନ କରିଥାଏ ସେ ଅନ୍ୟସ୍ଥାନରେ ମାର୍ଗଦର୍ଶନର ସୌଭାଗ୍ୟ ଲାଭ କରିପାରି ନଥାଏ । ସୁନ୍ଦର ଶିକ୍ଷା ନିଜ ପ୍ରଭାବ ପ୍ରତିପାଦନ କରିବା ନିମନ୍ତେ ମନର ପବିତ୍ରତା ଲୋଡ଼ି ଥାଏ, ଯେଉଁମାନେ ଏଥିରୁ ଦୂରେଇ ରହିଥାନ୍ତି ଯଦି ସେମାନଙ୍କୁ ଗଭୀରତାର ସହିତ ଅନୁଧ୍ୟାନ କରାଯାଏ ତେବେ ନିଶ୍ଚିତ ରୂପେ ସେମାନଙ୍କ ମଧ୍ୟରେ ଆବର୍ଜନା ପରିଲକ୍ଷିତ ହୋଇଥାଏ" । (ମଲ୍ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୨୦୦, ଏଡ଼ିଶନ୍-୨୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ତେଣୁ ସେଇଥିପାଇଁ ନିର୍ମଳ ହୃଦୟର ଆବଶ୍ୟକତା ରହିଛି । ନିଜକୁ ଖୁଦାତାଲାଙ୍କ ପ୍ରସନ୍ନତା ନିମନ୍ତେ ଓ ତା ନିର୍ଦ୍ଦେଶ ମୁତାବକ ପରିଚାଳିତ ହେବା ପାଇଁ ଆବଶ୍ୟକ ଅଛି । ପୁଣି କହୁଛନ୍ତି କି "ଏ ଜୀବନର କୌଣସି ଭରଷା ନାହିଁ । ନମାଜ୍, (ଏବଂ) ସିଦ୍କୋ ସଫା (ସତ୍ୟ ଓ ନିର୍ମଳତା)ରେ ଉନ୍ନତି କର" । (ମଲ୍ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୨୦୦, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ନିଜ ଉପାସନା ଗୁଡିକରେ ଉନ୍ନତି କର । ନିଜ ସତ୍ୟତାର ସ୍ତରକୁ ବଢ଼ାଓ, ନିଜର ପ୍ରତ୍ୟେକ କଥାରେ ସତ୍ୟତାକୁ ସୃଷ୍ଟି କର । କିଛି ଲୋକ ପଚାରୁଛନ୍ତି କି ପୁଣ୍ୟ କଣ ? କିଛି ଲୋକେ ବୁଝୁଛନ୍ତି କି କେବଳ ପ୍ରକାଶ୍ୟରେ ନମାଜ ପଢ଼ିବା ଓ ଉପାସନା କରିବା ହିଁ ପୁଣ୍ୟ ଅଟେ ବା ସାଧାରଣ ଚରିତ୍ରର ପରିପ୍ରକାଶ କରିବା ତ ଏହା ବହୁତ ବଡ଼ ପୁଣ୍ୟ ହେବ ଓ ସେମାନେ ଅନ୍ୟ ବହୁତ ଗୁଡିଏ ମୂଳ ଚରିତ୍ରର ପରବାୟ କରନ୍ତି ନାହିଁ । ଏ ବିଷୟରେ ବହୁତ ସୁନ୍ଦର ରୂପେ ଆଲୋକପାତ କରି ହଜ୍ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି

**"ଶିଷ୍ଟାଚାର ଅନ୍ୟାନ୍ୟ ପୁଣ୍ୟ (ଅର୍ଜନ) କରିବାର ଚାବିକାଠି ଅଟେ"** (ଏହା ତାର ଗୋଟିଏ ଚାବି ଅଟେ) "ଯେ ନିଜ ଚରିତ୍ରକୁ ସଂଶୋଧନ କରିବାକୁ ଚେଷ୍ଟା କରିନଥାନ୍ତି ସେମାନେ ଧିରେ ଧିରେ ବେଖବର୍ (ଅଜ୍ଞାନ) ପାଲଟି ଯାଇଥାନ୍ତି" । ଆପଣ କୁହନ୍ତି ମୋର ବିଶ୍ୱାସ ସଂସାରରେ ପ୍ରତ୍ୟେକ ବସ୍ତୁ (ଆମ) କାର୍ଯ୍ୟରେ ଆସିଥାଏ । ଏପରିକି ବିଷ ଓ ଅଳିଆ ଆବର୍ଜନା ମଧ୍ୟ କାମରେ ଆସିଥାଏ ଇଷ୍ଟର କିନିୟା (ରସାୟନ) ମଧ୍ୟ ଆମ କାମରେ ଆସିଥାଏ । ତାହା ସ୍ନାୟୁ ଉପରେ ପ୍ରଭାବ ପକାଇଥାଏ ଓ ସ୍ୱଭାବ (ଅନ୍ୟ ଉପରେ) ପ୍ରଭାବ ପକାଇଥାଏ । କିନ୍ତୁ ଯେଉଁ ମଣିଷ ଉତମ ଶିଷ୍ଟାଚାରୀ ହୋଇ ଲୋକମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇନଥାଏ, ସେ କୌଣସି କାର୍ଯ୍ୟରେ ଆସିନଥାଏ" । (ସୁତରାଂ ମନୁଷ୍ୟ ସେତେବେଳେ କାମରେ ଆସିଥାଏ ଯେତେବେଳେ ତା ମଧ୍ୟରେ ଉତମ ଚରିତ୍ର ଥାଏ)

ପୁଣି କହୁଛନ୍ତି କି "ମୁର୍ଦ୍ଦାର ପଶୁଠାରୁ ମଧ୍ୟ ହୀନ ହୋଇଯାଏ କାରଣ ତାର ଚମଡ଼ା ଓ ହାଡ଼ ମଧ୍ୟ କାମରେ ଆସେ । କିନ୍ତୁ ଏହାର ତ ଚମଡ଼ା ମଧ୍ୟ କାମରେ ଲାଗେ ନାହିଁ । ଏହା ହେଉଛି ଏପରି ଅବସ୍ଥା ଯେଉଁଠି ମନୁଷ୍ୟ ବଲ୍ହୁମ୍ ଅଜଲା (ଏରାଫ୍:୧୮୦) ର ଅନୁରୂପ ହୋଇଯାଏ" । (ଅର୍ଥାତ୍ ଅତ୍ୟନ୍ତ ତୁଚ୍ଛ ଜିନିଷ ହୋଇଯାଏ) । ସୁତରାଂ ମନେରଖ କି ଚରିତ୍ରର ସଂସ୍କାର କରିବା ଜରୁରୀ ଅଟେ । କାରଣ ପୁଣ୍ୟ ଗୁଡିକର ମା ଚରିତ୍ର ହିଁ ହୋଇଥାଏ" । (ମଲ୍ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୭୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ଅତଃ ମନେରଖ **ଚରିତ୍ରର ସୁଧାର ଅତ୍ୟନ୍ତ ଜରୁରୀ ଅଟେ କାରଣ ପୁଣ୍ୟ ଅର୍ଜନ କରିବାର ମାତା ଚରିତ୍ର ଅଟେ** । କେତେକ ଲୋକଙ୍କ ଅଭ୍ୟାସ ରହିଥାଏ କି ମାଗିବାବାଲାକୁ ଦେଖି ଚିଡ଼ି ଉଠିଥାନ୍ତି ଏବଂ କିଛିଙ୍କ ମଧ୍ୟରେ ଏପରି ବ୍ୟକ୍ତିକୁ ସାହାଯ୍ୟ କରିବା ପରିବର୍ତେ ଉପଦେଶ ଦେବା ପ୍ରବୃତି ଥାଏ ଏବଂ ସେମାନେ ତାହାର ସମସ୍ୟା ବୁଝାଇବା ଆରମ୍ଭ କରିଦେଇଥାନ୍ତି । ହଜୁର ଆ.ସ କୁହନ୍ତି- ଏପରି ବ୍ୟକ୍ତି ତାହା ଉପରେ ନିଜ ଶିକ୍ଷିତ ପଣିଆ ପ୍ରକାଶ କରି ଅନେକ ସମୟରେ ତାହାକୁ କଟୁ ଭାଷା କହିଥାନ୍ତି । ଏତିକି ଚିନ୍ତା କରିନଥାନ୍ତି ମାଗିବାବାଲା ଯଦି ସ୍ୱାସ୍ଥବାନ ହେବା ସତ୍ୱେ କିଛି ମାଗୁଅଛି ତେବେ ସେ ସ୍ୱୟଂ ପାପ କରୁଅଛି । ତାହାକୁ କିଛି ଦେବାରେ ତ କୌଣସି ପାପ ନାହିଁ ବରଂ ହଦିସ୍ରେ **ଲୌ ଆତାକା ରାକିବାନ୍**ର ଶବ୍ଦ ଲେଖାଅଛି ଅର୍ଥାତ ଯଦି ମାଗିବାବାଲା (ଘୋଡ଼ାରେ) ଚଢି ଆସି ମାଗେ ତେବେ ମଧ୍ୟ ତାହାକୁ କିଛି ପ୍ରଦାନ କର ଏବଂ ପବିତ୍ର କୋରାନରେ **ୱ ଅମ୍ମସ୍ ସାଇଲା ଫଲାତନ୍ହର୍**ର ନିର୍ଦ୍ଦେଶ ରହିଛି ଅର୍ଥାତ ମାଗିବାବାଲାକୁ ବିରକ୍ତ ହୁଅ ନାହିଁ" । କହୁଛନ୍ତି କି "ଏଥିରେ ଏପରି ବୁଝାଇ ଦିଆଯାଇନାହିଁ କି ଅମୁକ ପ୍ରକାରର ମାଗିବାବାଲାକୁ ବିରକ୍ତ ହୁଅ ଓ ଅମୁକ ଉପରେ ବିରକ୍ତ ହୁଅନାହିଁ ବୋଲି । ତେଣୁ ମନେରଖ ମାଗିବାବାଲାଙ୍କ ଉପରେ ବିରକ୍ତ ହୁଅନାହିଁ" । (ଯିଏ ମାଗିବାକୁ ଆସେ ତାକୁ ବିରକ୍ତ ହୁଅନାହିଁ) ଅତଃ ମନେରଖ ଏଭଳି ଆଚରଣ ଦ୍ୱାରା ଏକପ୍ରକାର ମନ୍ଦ ଶିଷ୍ଟାଚାରର ବୀଜ ରୋପଣ କରାଯାଇଥାଏ । ଶିଷ୍ଟାଚାର ଆବଶ୍ୟକ କରିଥାଏ କି ମାଗିବାବାଲା ଉପରେ ଶିଘ୍ର ଉତେଜିତ ହୁଅ ନାହିଁ, ଏହା ସଇତାନର ଅଭିଳାଷା କି ସେ ଏଭଳି ତୁମକୁ ପୁଣ୍ୟ କର୍ମରୁ ନିବୃତ ରଖି ମନ୍ଦକର୍ମର ଅଧିକାରୀ କରିଦେବ" ।

ପୁଣି ଆପଣ ଆ:ସ କହୁଛନ୍ତି – "ଚିନ୍ତା କର କି ଗୋଟିଏ ପୁଣ୍ୟ କରିବା ଦ୍ୱାରା ତାଠାରୁ ଅନ୍ୟ ପୁଣ୍ୟ ସୃଷ୍ଟି ହୋଇଥାଏ । ସେହିପରି ଗୋଟିଏ ପାପରୁ ଆଉ ଗୋଟିଏ ପାପ ସୃଷ୍ଟି ହୁଏ । ଯେପରି ଗୋଟିଏ ଜିନିଷ ଅନ୍ୟ ଜିନିଷକୁ ଗ୍ରହଣ କରିନେଇଥାଏ । ସେହିପରି ଖୁଦାତାଲା ଏହି ଗ୍ରହଣୀୟତାର ପ୍ରସଙ୍ଗ ପ୍ରତ୍ୟେକ କାର୍ଯ୍ୟରେ ନିହିତ ରଖିଛି । ତେଣୁ ଯେବେ ମାଗିବା ବାଲାଙ୍କ ସହିତ ବିନମ୍ରତାର ସହିତ ବ୍ୟବହାର କରିବ ଓ ଏହିପରି ଚାରିତ୍ରିକ ପୁଣ୍ୟ ପ୍ରଦାନ କରିବ" (ମାଗିବା ବାଲା ସହିତ ଯେବେ ତୁମେ ନମ୍ରତା ଆଚରଣ କରିବ ଏହା ଫଳରେ ତୁମେ ଚାରିତ୍ରିକ ନେକି କୁ ମଧ୍ୟ ପ୍ରଦାନ କରିବ) "ତେବେ ସଙ୍କୋଚ ଦୂର ହୋଇ ଅନ୍ୟାନ୍ୟ ପୁଣ୍ୟ ମଧ୍ୟ ତୁମେ କରିବ" (ଅର୍ଥାତ୍ ମନ ଭିତରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ ତାହା ଦୂର ହୋଇଯିବ ଏବଂ ଆହୁରି ଅନେକ ପୁଣ୍ୟ କରିବା ପାଇଁ ଶକ୍ତି ମିଳିବ) ଓ ତାକୁ କିଛି ଦେଇ ମଧ୍ୟ ଦେବ" । (ମଲ୍ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୭୫-୭୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ହଜୁର ଅନୱର ଅ.ବ କହିଲେ- ଆମ ସମାଜରେ ପିତାମାତାଙ୍କ ସମ୍ବନ୍ଧରେ ଏହି ପ୍ରଶ୍ନ ହୋଇଥାଏ କି ଯଦି ପିତାମାତା ଅହେମଦି ନୁହନ୍ତି କିମ୍ବା ବିରୋଧି ଅଟନ୍ତି ତେବେ ସେମାନଙ୍କୁ କିଭଳି ସମ୍ମାନ ଦେଇ ପ୍ରସନ୍ନ କରିପାରିବା ? ହଜରତ ମସିହ ମଉଦ ଆ.ସ ଶେଖ୍ ଅବଦୁର୍ ରହେମାନ୍ ସାହେବ କାଦିଆନୀଙ୍କୁ ତାଙ୍କ ପିତାଙ୍କ ସମ୍ପର୍କରେ ଉପଦେଶ ଦେଲେ କି ସେମାନଙ୍କ ପାଇଁ ଦୁଆ କରୁଥାଅ । ତାଙ୍କୁ ପ୍ରସନ୍ନ କରିବାକୁ ପୂର୍ଣ୍ଣ ପ୍ରୟାସ କର ବରଂ ପୂର୍ବ ଅପେକ୍ଷା ସହସ୍ର ଗୁଣ

ଅଧିକ ଶିଷ୍ଟାଚାର ଓ ନିଜର ପବିତ୍ର ନମୁନା ଦ୍ୱାରା ଇସଲାମର ସତ୍ୟତା ବିଷୟରେ ତାଙ୍କୁ ଅବଗତ କରାଅ କାରଣ ସେମାନେ ଅଣମୁସଲମାନ ତେଣୁ ସେମାନଙ୍କୁ ନିଜର ନମୁନା ଦେଖାଅ ଯଦ୍ୱାରା ସେମାନେ ଇସଲାମର ସତ୍ୟତାକୁ ସ୍ୱୀକାର କରିନେବେ । **ଚାରିତ୍ରିକ ନମୁନା ଏଭଳି ଚମ୍‌ତ୍କାର ଅଟେ ଯାହାର ଅନ୍ୟ ଚମ୍‌ତ୍କାରମାନ ସମତୁଲ୍ୟ ହୋଇପାରି ନଥାଏ ।** ପ୍ରକୃତ ଇସଲାମର ଏହି ସ୍ତର ଅଟେ କି ସେଥିମାଧ୍ୟମରେ ମଣିଷ ଉଚ୍ଚ କୋଟିର ଶିଷ୍ଟାଚାରର ଅଧିକାରୀ ହେବା ସହିତ ଏକ ବିଶେଷ ବ୍ୟକ୍ତି ପାଲଟିଯାଇଥାଏ । ସମ୍ଭବତଃ ଅଲ୍ଲାଃତାଲା ତୁମ ମାଧ୍ୟମରେ ସେମାନଙ୍କ ହୃଦୟରେ ଇସଲାମ ପ୍ରତି ପ୍ରେମ ଉତ୍ପନ୍ନ କରିଦେବେ । ଇସଲାମ ପିତାମାତାଙ୍କ ସେବା କରିବାକୁ ବାରଣ କରିନଥାଏ । ସାଂସାରିକ ମାମଲାରେ ଯେଉଁଥିରେ ଧର୍ମର କ୍ଷତି ଘଟିନଥାଏ, ସେମାନଙ୍କ ପୂର୍ଣ୍ଣ ଆଜ୍ଞାକାରୀ ହେବା ଉଚିତ୍ । ଆତ୍ମା ଓ ହୃଦୟର ଗଭୀରତାରୁ ସେମାନଙ୍କ ସେବା କରିବା ଉଚିତ୍" । (ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୧୭୫, ହାସିୟା ନଂ-୧, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଏକଦା ହଜୁର ଆ.ସ କହିଲେ ଚରିତ୍ର ହିଁ ମଣିଷ ଓ ପଶୁ ମଧ୍ୟରେ ଅନ୍ତର କରିଥାଏ । ଏହି କଥାକୁ ବର୍ଣ୍ଣନା କରି ଆପଣ ଆ:ସ କହୁଛନ୍ତି କି-

"ପ୍ରଥମତଃ ପଶୁ ପରିସ୍ଥିତି ଓ ପରିମାଣରେ ଅନ୍ତର କରିପାରିନଥାନ୍ତି ଏବଂ ଯାହା ନିଜ ସମ୍ମୁଖରେ ଦେଖିଥାନ୍ତି ଏବଂ ଯେତେ ପରିମାଣରେ ଦେଖିଥାନ୍ତି ଖାଇ ଚାଲନ୍ତି, ଏପରିକି ଶେଷରେ ବାନ୍ତି କରିଥାନ୍ତି" (କି ପ୍ରକାରର ଅବସ୍ଥା ହେବା ଉଚିତ୍) ଏ ବିଷୟରେ କୋଣସି ଫରକ୍ କରିନଥାନ୍ତି, କୁକୁରର ଉଦାହାରଣ ଦେଖ କହୁଛନ୍ତି କି- ତାକୁ ଜଣାନାହିଁ ସେ କିପରି ଖାଇବ । ସେ ଯଦି ଖାଇବା ଆରମ୍ଭ କଲେ ସେ ଖାଇଚାଲେ ଓ ପରିଶେଷରେ ବାନ୍ତି କରିଦିଏ । ଏଠାରେ ଆମେ କିଛି ଲୋକଙ୍କୁ ଏପରି ଅବସ୍ଥାରେ ଦେଖୁଛୁ କି ତାଙ୍କର ଲୋଭ ଶେଷ ହେଉନାହିଁ ଓ ବୈଧ ଓ ଅବୈଧ ମାର୍ଗରେ ଶୈଳୀରେ ତାହା ଖାଦ୍ୟ ହେଉ ବା ଲୋକମାନଙ୍କର ଧନ ହେଉ ସେ ସବୁକୁ ଖାଇବା ପାଇଁ ଚେଷ୍ଟା କରିଥାନ୍ତି)

ପୁଣି କହୁଛନ୍ତି କି "ଦ୍ୱିତୀୟତଃ ସେମାନେ ହଲାଲ୍ ଓ ହରାମ୍ (ବୈଧ ଓ ଅବୈଧ)ରେ କୌଣସି ଫରକ କରିନଥାନ୍ତି"...କେବଳ ଏତିକି ନୁହେଁ, କେବଳ ନିଜର ମୁଣାକୁ ପୂରଣ କରିଚାଲ ଓ ନିଜର କୋଷକୁ ଭରିଚାଲ ବରଂ ଏହାର ଅନୁମାନ ମଧ୍ୟ ରହିବା ଉଚିତ୍ । ଏଠାରେ ଆମେ ଏହିପରି କେତେକ ଲୋକଙ୍କ ସମାନ ଅବସ୍ଥା ଥିବାର ପରିଲକ୍ଷିତ କରିଥାଉ ଯେଉଁମାନଙ୍କ ଲୋଭର ଅନ୍ତ ହୋଇନଥାଏ ଏବଂ ଉଚିତ୍ ଓ ଅନୁଚିତ୍ ମାର୍ଗରେ ସେମାନେ ଖାଦ୍ୟ ହେଉ ଅବା ଲୋକମାନଙ୍କ ଧନ, ନିଜ ଉଦରରେ ଭରିବାକୁ ପ୍ରୟାସ କରିଥାନ୍ତି ।

ଦ୍ୱିତୀୟ କଥା ଏହିକି ଯେ, **"ପଶୁମାନେ ବୈଧ ଓ ଅବୈଧ ମଧ୍ୟରେ ଅନ୍ତର କରିନଥାନ୍ତି"** । ଆପଣ କୁହନ୍ତି ଗୋଟିଏ ବଳଦ କଦାପି ଏହା ଫରକ୍ କରିନଥାଏ କି ଏହା ପଡ଼ୋଶୀର ବିଲ ତେଣୁ ସେଥିରେ ପ୍ରବେଶ କରିବା ନାହିଁ" (ପଘା ଖୋଲା ବଳଦ, ସେ ପଶୁ ଅଟେ । ଯେତେବେଳେ ଘାସ ଚରେ ଯଦି ନିଜ ବିଲରେ ବାଡ଼ ନାହିଁ ସେ ଅନ୍ୟ ବିଲକୁ ମଧ୍ୟ ଚାଲିଯାଏ । ସେ ନିଜ ଓ ପର ଭିତରେ ପାର୍ଥକ୍ୟ ଜାଣେନାହିଁ) । ପୁଣି କହୁଛନ୍ତି କି "ସେହିପରି ପ୍ରତ୍ୟେକ କଥା ଯାହା ଖାଇବା ଅର୍ଥରେ ଥାଏ (ସେ) କରେନାହିଁ....." ପୁଣି କହୁଛନ୍ତି କି "ଯେଉଁ ଲୋକମାନେ ଚରିତ୍ର ଆଇନକୁ ଭଙ୍ଗ କରୁଛନ୍ତି ଓ ପରବାୟ କରୁନାହାଁନ୍ତି କି ସେମାନେ ଯେପରି ମଣିଷ ନୁହଁନ୍ତି । ପବିତ୍ର ଓ ଅପବିତ୍ରତାର ଅବସ୍ଥା ଏପରି ଅଟେ କି ଆରବରେ ମଲା କୁକୁର ଖାଇଦେଉଥିଲେ...." (ପୁଣି ଆଗକୁ ଆପଣ ଏହାର ଉଦାହରଣ ଦେଇଛନ୍ତି କି ସେ ସମୟରେ ମଧ୍ୟ ଲୋକମାନେ ତାହା ଖାଉଥିଲେ । ପୁଣି କହୁଛନ୍ତି କି) "ୟତିନ୍ (ଅନାଥ) ମାନଙ୍କର ଧନକୁ ଖାଇବା ପାଇଁ କୌଣସି ସଙ୍କୋଚ ନଥିଲା ଯେପରି ଅନାଥ ମାନଙ୍କର ଘାସକୁ ଗାଇ ସାମନାରେ ଯଦି ରଖିଦିଆଯାଏ ସେ ନିଃସଙ୍କୋଚରେ ଖାଇନେବ !" (ଅର୍ଥାତ ଗାଇ ସମ୍ମୁଖରେ ଘାସକୁ ରଖିଦିଅ, ତାହା ବୈଧ ଉପାୟରେ ଆସିଥାଉ ବା ଅବୈଧ ଉପାୟରେ ଆସିଥାଉ ସେ ସବୁକୁ ଗାଇ ଖାଇନେବ । ଆପଣ କୁହନ୍ତି ସେହି ଲୋକମାନେ ଯେ ଶିଷ୍ଟାଚାରୀତାର ନିୟମ ଉଲଙ୍ଘନ କରିଥାନ୍ତି ଏବଂ ଚିନ୍ତା କରିନଥାନ୍ତି ତେବେ ସେମାନେ ମଣିଷ ନୁହନ୍ତି । ଅନାଥଙ୍କ ଧନ ଆତ୍ମସାତ କରିବାରେ ସଂକୋଚ କରିନଥାନ୍ତି । ଯେତେବେଳେ ଏଭଳି ଅନୁଚିତ୍ ଢଙ୍ଗରେ ସେବନ କରନ୍ତି ତେବେ ଏପରି ବ୍ୟକ୍ତିଙ୍କ ଠିକଣା ନର୍କ ହୋଇଥାଏ" । ଆପଣ କୁହନ୍ତି- ତେବେ ଦୁଇ ଗୋଟି ପାର୍ଶ୍ୱ । ରହିଛି **ଗୋଟିଏ** ଅଲ୍ଲାଃଙ୍କ ମହାନତା, ଯିଏ ତାର ବିରୋଧ ଅଟେ । ତାହା ଶିଷ୍ଟାଚାରର ମଧ୍ୟ ବିରୁଦ୍ଧ ଅଟେ । **ଦ୍ୱିତୀୟ** ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କରିବା ଅତଃ ଯେ ମାନବ ସମାଜ ବିରୋଧୀ ଅଟେ ସେ ଶିଷ୍ଟାଚାର ବିରୋଧୀ ଅଟେ । ହଜୁର ଅନୱର ଅ.ବ କହିଲେ- ଯଦି ତୁମେ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରୁନାହଁ ତାଙ୍କ ମହାନତା ଓ ଶ୍ରେଷ୍ଠତା ସ୍ୱୀକାର କରୁନାହଁ, ତାଙ୍କ ଉପାସନା କରୁନାହଁ, ତାଙ୍କ ଆଦେଶକୁ ଧ୍ୟାନ ପୂର୍ବକ ଶୁଣୁ ନାହଁ ତାଙ୍କ ପ୍ରତିଭାଜନ ଲାଭ କରିବା ପ୍ରତି ଚେଷ୍ଟିତ ନାହଁ ତେବେ ମଧ୍ୟ ଏହା ଶିଷ୍ଟାଚାର ନୁହେଁ ଏବଂ ଯଦି ଲୋକମାନଙ୍କ କର୍ତବ୍ୟ ସମ୍ପାଦନ କରୁ ନାହଁ, ଅନୁଚିତ୍ ରୂପେ ସେମାନଙ୍କ ଅର୍ଥ ଆତ୍ମସାତ କରୁଅଛ ସେମାନଙ୍କ କ୍ଷତି କରିବାକୁ ଚେଷ୍ଟା କରୁଅଛ କିମ୍ବା ଅନ୍ୟ ମାର୍ଗରେ ସେମାନଙ୍କ ସହ ଅସାଦାଚରଣ କରୁଅଛ ତେବେ ଏହା ମଧ୍ୟ ଶିଷ୍ଟାଚାର ବିରୁଦ୍ଧ ଅଟେ । ଆପଣ କୁହନ୍ତି- ଆଃ ବେଶ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଏହିସବୁ କଥା, ଯାହାସବୁ ଜୀବନର ପ୍ରକୃତ ଲକ୍ଷ ଅଟେ, ସେ ସବୁ ଉପରେ ବିଚାର କରନ୍ତି" । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୭୮,୭. ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

**ଆଉ ଏକ ମନ୍ଦ ଅଭ୍ୟାସ ହେଉଛି ଗର୍ବ କରିବା** । ଯାହା (ମଣିଷକୁ) ପୁଣ୍ୟ ଅର୍ଜନ କରିବାରୁ ବଂଚିତ ରଖିଥାଏ ବରଂ ଅଲ୍ଲାଃଙ୍କ କୋପର ଅଧିକାରୀ କରିଦେଇଥାଏ । ଆପଣ କୁହନ୍ତି- ସୁଫି ସନ୍ଥମାନେ କହିଛନ୍ତି ମଣିଷ ଭିତରେ ମନ୍ଦ ଆଚରଣର ଅନେକ ଜିନ୍ ରହିଛି ଯେତେବେଳେ ସେସବୁ ବାହାରିବା ଆରମ୍ଭ ହୁଏ ସେତେବେଳେ ତାହା ବାହାରି ଚାଲିଥାଏ କିନ୍ତୁ ସର୍ବ ଶେଷରେ ଗର୍ବ କରିବା ଜିନ୍ (ମଣିଷ) ଶରୀରରେ ରହିଥାଏ କିନ୍ତୁ ଅଲ୍ଲାଃଙ୍କ କୃପା ଓ ମଣିଷର ପ୍ରକୃତ ସଂଘର୍ଷ ଓ ଦୁଆ ଫଳରେ ତାହା ବାହାରିଯାଇଥାଏ । ଆପଣ କୁହନ୍ତି ଅନେକ ଲୋକ ନିଜକୁ ତୁଚ୍ଛ ମଣିଥାନ୍ତି କିନ୍ତୁ ସେମାନଙ୍କ ମଧ୍ୟରେ କୌଣସି ନା କୌଣସି ରୂପେ ଗର୍ବ ରହିଥାଏ । **ତେଣୁ ଗର୍ବର ସୂକ୍ଷ୍ମରୁ ସୂକ୍ଷ୍ମ ଶାଖାରୁ (ନିଜକୁ) ନିବୃତ ରହିବାକୁ ଚେଷ୍ଟା କରିବା ଉଚିତ୍** । କେତେକ ସମୟରେ ଗର୍ବ ଧନ ଯୋଗୁଁ ଉତ୍ପନ୍ନ ହୋଇଥାଏ ଧନବାନ ଅହଂକାରରେ ଅନ୍ୟମାନଙ୍କୁ କାଙ୍ଗାଳ ମନେକରିଥାଏ ଏବଂ କହିଥାଏ କି ଯେ ବା ଛାର କିଏ ଯେ ମୋର ମୁକାବିଲା କରିବ । ଅନେକ ସମୟରେ ବଂଶ ଓ ଆଭିଜାତ୍ୟକୁ ନେଇ (ମଣିଷ) ଗର୍ବ କରିଥାଏ ଏବଂ ମନେକରିଥାଏ କି ମୁଁ ଉଚ୍ଚ ଜାତିର ଓ ସେ ନିମ୍ନ ଜାତିର ଅଟେ । ପୁଣି କେତେକ ସମୟରେ ଉଚ୍ଚ ଶିକ୍ଷିତ ହେବା ଗର୍ବର କାରଣ ସାଜିଥାଏ । ଯେତେବେଳେ କେହି ଜଣେ ଭୁଲ୍ କହିଦିଏ ତେବେ ସେ ତାର ଦୋଷକୁ ଧରି ପକାନ୍ତି ଓ କହିଥାଆନ୍ତି କି ଆକୁ ତ ଠିକରେ ଗୋଟିଏ ଶବ୍ଦ ମଧ୍ୟ ଆସୁନାହିଁ । ସୁତରାଂ ବିଭିନ୍ନ ପ୍ରକାରର ଓ ବିଭିନ୍ନ ଶ୍ରେଣୀର ଗର୍ବ ଅଛି । ତେବେ ଏସବୁ ମଣିଷକୁ ପୁଣ୍ୟ ଅର୍ଜନ କରିବାରୁ ବଂଚିତ ରଖିଥାଏ ଏବଂ ଲୋକମାନଙ୍କ ଉପକାର କରିବାରୁ ଦୂରେଇ ଦେଇଥାଏ, ଏସବୁରୁ ବର୍ତି ରହିବା ଆବଶ୍ୟକ । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୪୦୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆପଣ କହୁଛନ୍ତି "କାହାକୁ ଚରିତ୍ରର କୌଣସି ଶକ୍ତି ଦିଆଯାଇନାହିଁ । କିନ୍ତୁ ତାକୁ ବହୁତ ଗୁଡିଏ ପୁଣ୍ୟ କରିବା ପାଇଁ ସୌଭାଗ୍ୟ ମିଳିଛି । ଚରିତ୍ରକୁ ଛାଡ଼ିଦେବା ହିଁ କୁକର୍ମ ଓ ପାପ ଅଟେ" । (କହୁଛନ୍ତି କି ମନୁଷ୍ୟକୁ ପୁଣ୍ୟ କାର୍ଯ୍ୟ କରିବା ପାଇଁ ସୌଭାଗ୍ୟ ମିଳିଥାଏ ଓ କହିଲେ କି ଉତମ ଚରିତ୍ରକୁ ହାତଛଡ଼ା କରିଦେବା ହିଁ କୁକର୍ମ ଓ ପାପ ଅଟେ । ଯେବେ ଚରିତ୍ରକୁ ହାତଛଡା କରିଦେବ ତେବେ ତାହା କୁକର୍ମ ଓ ପାପରେ ପରିଣତ ହୋଇଯାଇଥାଏ ଓ ପୁଣି ସେଥିରୁ ପୁଣ୍ୟ କରିବାର ସୌଭାଗ୍ୟ ମଧ୍ୟ ଶେଷ ହୋଇଯାଏ) । ପୁଣି କହିଲେ "ଉଦାହରଣ ସ୍ୱରୂପ ଜଣେ ଯଦି ଜନା କରେ ଏବଂ ସେ ଜାଣେନାହିଁ କି ଉକ୍ତ ସ୍ତ୍ରୀ ଲୋକର ସ୍ୱାମୀକୁ ଏତଦ୍ୱାରା କେତେବଡ଼ ଦୁଃଖ ପହଂଚିବ" । (କୌଣସି ମହିଳାଙ୍କ ସହିତ ଯଦି ଜନା କରିଛି ଓ ସିଏ ବିବାହିତା ଥିବ) "ଏବେ ଯଦି ସେହି ବ୍ୟକ୍ତି ଜଣକ ଉକ୍ତ ଦୁଃଖ ଓ କଷ୍ଟକୁ ଅନୁଭବ କରିପାରୁଥିବ ଏବଂ ତା ଠାରେ ଚରିତ୍ରର କିଛି ଅଂଶ ତେବେ ଏପରି କୁକର୍ମକୁ ସେ କଦାପି କରିବ ନାହିଁ । ଯଦି ସେହି ଅଭାଗା ବ୍ୟକ୍ତି ଏହା ଜାଣିଯାଏ କି ଏହି କୁକର୍ମକୁ କରିବା ଦ୍ୱାରା ମଣିଷ ଜାତିକୁ କି ପ୍ରକାର ବିପତିର ସମ୍ମୁଖିନ ହେବାକୁ ପଡ଼େ ବୋଲି ତେବେ ସେଥିରୁ ସିଏ ବର୍ତିଯାଆନ୍ତା" । ପୁଣି କହୁଛନ୍ତି କି "ଜଣେ ବ୍ୟକ୍ତି ଯିଏ ଚୋରି କରୁଛି ସେହି ଅତ୍ୟାଚାରୀକୁ ଏତକ ବି ଜଣାନାହିଁ ଯେ ରାତିରେ ଖାଇବା ନିମନ୍ତେ କୌଣସି ଗରିବ ଲୋକଙ୍କ ଘରେ ପଶି ସିଏ ଚୋରି କରିନିଏ ଓ ତା ପାଇଁ କିଛି ଛାଡ଼େ ନାହିଁ । ଅଧିକାଂଶ ସମୟ ଦେଖାଯାଇଛି କି ଜଣେ ଗରିବର ଅନେକ ବର୍ଷର କଷ୍ଟଲବ୍ଧ ଧନକୁ ସେ ନେଇଯାଇଥାଏ" । ପୁଣି ଆପଣ କହୁଛନ୍ତି "ଯଦି ସେହି (ଚୋର) ଜଣକ ଏହି ସବୁ ପରିସ୍ଥିତିକୁ ଅନୁଶୀଳନ କରନ୍ତା ଓ ଅନୁଭବ କରନ୍ତା ଓ ଚରିତ୍ରର ସ୍ଖଳନ କରି ଅନ୍ଧ ନହୁଅନ୍ତା ତେବେ ସେ କାହିଁକି ଚୋରି କରନ୍ତା । ପ୍ରତ୍ୟେକ ଦିନ ଖବର କାଗଜରେ ମୃତ୍ୟୁର ଖବର ପଢ଼ିବାକୁ ମିଳୁଛି କି ଅମୁକ ପିଲା ଗହଣ ଗାଣ୍ଠିର ଲୋଭ କରି ମରିଗଲା । ଅମୁକ ସ୍ଥାନରେ କୌଣସି ସ୍ତ୍ରୀ କୁ ହତ୍ୟା କରିଦିଆଗଲା.... । ଏବେ ଚିନ୍ତା କରି ଦେଖ ଯଦି ଚରିତ୍ରର ଅବସ୍ଥା ଠିକ୍ ହୁଅନ୍ତା ତେବେ ଏପରି ବିପତି କାହିଁକି ଆସନ୍ତା ? ସମ୍ଭବତଃ ଆମପରି ମଣିଷଙ୍କ ପାଇଁ ଏହି ବିପତି ଆସିବ ଏବଂ ତାକୁ ସେ ଅନୁଭବ ନକରିବ" । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୭୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଯଦି ଏହି ସବୁ ଚରିତ୍ର ନରହିବ, ଅନୁଭବ ନରହିବ ଅଲ୍ଲାଃତାଲାଙ୍କ ଭୟ ନରହିବ ସେତେବେଳେ ଉପରୋକ୍ତ ଅବସ୍ଥା ସୃଷ୍ଟି ହୋଇଥାଏ । ନଚେତ୍ ଯଦି ଅଲ୍ଲାଃତାଲାଙ୍କର ଭୟ ଥିବ ବା ମନୁଷ୍ୟର ମନୁଷ୍ୟତା ଥିବ ତେବେ ଏ ପ୍ରକାର କାର୍ଯ୍ୟ କେବେ ହେବନାହିଁ ।

ହଜରତ ମସିହ ମଉଦ ଆ.ସ ନିଜ ଜମାଅତକୁ ଉପଦେଶ ପୂର୍ବକ କୁହନ୍ତି ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀକୁ ନିଜ ଆଚରଣରେ ପରିବର୍ତନ ଆଣି ଦେଖାଇଥାଏ କି ସେ ପୂର୍ବେ ଯେଭଳି ଥିଲା ବର୍ତମାନ ସେଭଳି (ମନ୍ଦ) ନାହିଁ ତେବେ ସେ ଚମ୍‌ତ୍କାର ପ୍ରଦର୍ଶନ କରୁଅଛି । ତାହାର ଉତମ ପ୍ରଭାବ ପଡ଼ୋଶୀ ଉପରେ ମଧ୍ୟ ପଡ଼ିଥାଏ । ଆମ ଜମାତ୍ ଉପରେ ଆରୋପ ଲଗାଉଛନ୍ତି କି ଆମେ ଜାଣିନାହୁଁ କି ପ୍ରକାରର ଉନ୍ନତି ହୋଇଛି (ଲୋକମାନେ ଆରୋପ ଲଗାଉଛନ୍ତି କି ଆମକୁ ଜଣାନାହିଁ ଯେ ଏ ଜମାତ୍‌ର କଣ ଉନ୍ନତି ହୋଇଛି ବୋଲି) "ଓ ଏ ଆରୋପ ମଧ୍ୟ ଲଗାଉଛନ୍ତି କି ଏ ଜମାତ୍ କ୍ରୋଧର ଶିକାର ହୋଇ କପଟ ଆଚରଣ ମଧ୍ୟ କରୁଅଛି" । କଣ ଏହା ଲଜ୍ଜାର ବିଷୟ ନୁହେଁ କି ଲୋକେ ଏହାକୁ ଭଲ ଭାବି ଏହି ସିଲସିଲାକୁ ଆସିଥିଲା" (ଏପରି ଲୋକେ ଯେଉଁମାନେ ଏଭଳି ବ୍ୟବହାର କରୁଛନ୍ତି ସେମାନେ ଲଜ୍ଜା ଅନୁଭବ କରିବା ଉଚିତ୍) ପୁଣି କହୁଛନ୍ତି କି "ଯେପରି ଜଣେ ସୁପୁତ୍ର ନିଜ ବାପାଙ୍କର ସୁନାମକୁ ପ୍ରକାଶ କରିଥାଏ କାରଣ ବୟତ କରିବା ବାଲା ପୁତ୍ରର ନିର୍ଦ୍ଦେଶରେ ରହିଛି...." । (ସେଥିଯୋଗୁ ତୁମେମାନେ ଯେଉଁମାନେ ବୟତ୍ କରିଅଛ ଓ ଲୋକମାନେ ଯେଉଁ ଆରୋପ ଲଗାଉଛନ୍ତି କି ଏପରି ହେଲା ବା ଏପରି ହୋଇଛି ସେହିସବୁ ଆରୋପ ଗୁଡିକ ତୁମ ଉପରେ ସତ୍ୟ ପ୍ରମାଣିତ ନହେଉ) କହିଲେ "ଆଧ୍ୟାତ୍ମିକ ବାପା ଆକାଶକୁ ନେଇଯାଏ" (ଯେଉଁଭଳି ତୁମର ବାପା ଦ୍ୱାରା ତୁମେ ଜନ୍ମ ହୋଇ ପୃଥିବୀକୁ ଆସୁଛ ଓ ସେହି ବାପା ସାଂସାରିକ ଜୀବନର କାରଣ ହୋଇଥାଆନ୍ତି ସେହିପରି ଆଧ୍ୟାତ୍ମିକ ବାପା ଆକାଶକୁ ନେଇଯାଇଥାଏ) "ଓ ସେହି ଅସଲ କେନ୍ଦ୍ର ଆଡକୁ ମାର୍ଗ ଦର୍ଶନ କରାଇଥାଏ" । ପୁଣି କହୁଛନ୍ତି କି "କଣ ଆପଣ ଏହା ପସନ୍ଦ କରିବେ କି କୌଣସି ପୁତ୍ର

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

**ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବାମାନଙ୍କ କୁର୍ବାନୀ (ବଳିଦାନ) ଓ ସେମାନଙ୍କର ପଦମର୍ଯ୍ୟାଦା ଓ ତାଙ୍କ ଉପରେ ଅଲ୍ଲାଃତାଲାଙ୍କର ପୁରସ୍କାର / ଅନୁଗ୍ରହ ର ଚର୍ଚ୍ଚା ।**

ଏହି ସାହାବାମାନେ ନିଜର ବିଷୟବାସନା ଓ କାମନାରୁ ପବିତ୍ର ଥିଲେ । ନିର୍ମଳ ହୃଦୟ ହୋଇ କେବଳ ଅଲ୍ଲାଃତାଲାଙ୍କ ସାନିଧ ଓ ପ୍ରସନ୍ନତା ହାସଲ କରିବା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ଯଦି ଏପରି ଅବସ୍ଥା ହୁଏ, ତେବେ ଅଲ୍ଲାଃତାଲା ମଧ୍ୟ ଅନୁଗ୍ରହ କରିଥାନ୍ତି ଓ ଅସୀମ ପୁରସ୍କାର ପ୍ରଦାନ କରିଥାନ୍ତି, ଯାହାକୁ ଆମେ ସାହାବାଙ୍କ ଜୀବନିରୁ ଦେଖୁଅଛେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବା ମାନଙ୍କ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଓ ଅଲ୍ଲାଃଙ୍କ ପ୍ରେମରେ ସେମାନେ ବୁଡ଼ି ରହିଥିଲେ ଓ ଅଲ୍ଲାଃଙ୍କ ସାନିଧ ନିମନ୍ତେ ବଡ଼ ବଡ଼ କୁର୍ବାନୀ ଦେଲେ । ସେହି ସବୁ କୁର୍ବାନୀ ବିଷୟରେ ଚର୍ଚ୍ଚା ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଶକ୍ତି ସେହି ସାହାବା ମାନଙ୍କ ଭିତରେ ଏପରି ଆତ୍ମା ଫୁଙ୍କି ଦେଇଥିଲା ଯେ ସେମାନେ ମରିବା ସମୟରେ ମଧ୍ୟ ଏହା କହୁଥିଲେ କି କାବାର ରବ୍ (ମାଲିକ୍)ର ରାଣ । ଆମେ ସଫଳ ହୋଇଗଲୁ, ଆମେ ଖୁଦାଙ୍କ ପାଇଗଲୁ, ଏମାନେ ଅତ୍ୟାଚାର ଖିଲାଫ୍‌ରେ ଯୁଦ୍ଧ କରିବା ବାଲା ଥିଲେ । ଅତ୍ୟାଚାରକୁ ପ୍ରସାର କରିବା ବାଲା ନଥିଲେ ।

କୌଣସି ମଧ୍ୟ ସାହାବାଙ୍କ ଘଟଣାକୁ ନେଇ ନିଅନ୍ତୁ । ସେ ସର୍ବଦା ନିଷ୍ଠା, ପ୍ରେମ ଓ ଖୁଦାତାଲାଙ୍କ ଖାତିର୍ ଜୀବନକୁ ଉତ୍ସର୍ଗ କରିଦେବା ପାଇଁ ପ୍ରସ୍ତୁତ ରହୁଥିଲେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ନିଜ ସାହାବା ମାନଙ୍କ ସହିତ ପ୍ରେମର ଯେଉଁ ଶୈଳୀ ଥିଲା ଏବଂ ଯେପରି ଆପଣଙ୍କର ପବିତ୍ର ଶକ୍ତି ଦ୍ୱାରା ଅଲ୍ଲାଃତାଲାଙ୍କ ସହିତ ସେହି ସାହାବାମାନେ ଯୋଡ଼ି ହୋଇଗଲେ ଓ ଖୁଦାତାଲା ମଧ୍ୟ ବେଳେବେଳେ ସେହି ସାହାବାମାନଙ୍କୁ ପ୍ରତ୍ୟକ୍ଷ ରୂପେ ଅନୁଗ୍ରହ ପ୍ରଦାନ କଲେ ବା ଆଁ ହଜ୍‌ରତ୍ ସ:ଆ:ସଙ୍କ ମାଧ୍ୟମରେ ସେମାନଙ୍କୁ ପୁରସ୍କାର ପ୍ରଦାନ କଲେ, ଏସବୁର ଚର୍ଚ୍ଚା ମଧ୍ୟ ସାହାବାଙ୍କ ମକାମ୍ ଓ ପଦମର୍ଯ୍ୟାଦା ବିଷୟରେ ଅବଗତ କରାଉଛି ।

ସେମାନଙ୍କ ମନଭିତରୁ ସାଂସାରିକ / ଭୌତିକ କାମନା ନିଃଶେଷ ହୋଇଯାଇଥିଲା । ସେଥିଯୋଗୁ ସେମାନେ ଖୁଦାତାଲାଙ୍କୁ ଦର୍ଶନ କରିନେଲେ । ଓ ବହୁତ ଉତ୍ସାହିତ ହୋଇ ଖୁଦାତାଲାଙ୍କ ମାର୍ଗରେ ଏପରି ବଳିଦାନ ଦେଲେ କି ଯେପରି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଇବ୍ରାହିମ୍ ଆ:ସ ଥିଲେ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ସଠିକ୍ ରୂପେ ସାହାବାଙ୍କ ପଦମର୍ଯ୍ୟାଦାକୁ ଚିହ୍ନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ନମୁନା ମୁତାବକ ପରିଚାଳିତ ହେବା ପାଇଁ ଓ ନିଜର ନିଷ୍ଠା ଓ ପ୍ରେମକୁ ବଢ଼ାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ (ପ୍ରଦତ୍ତ: ୯ ମାର୍ଚ୍ଚ୍ ୨୦୧୮ ଅନୁଯାୟୀ ୯ ଅମାନ୍ ୧୩୯୭ ହିଜ୍‌ରି ଶମ୍‌ସି)

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ ହଜରତ ମହମ୍ମଦ ସ.ଆଙ୍କ ସାହାବାମାନଙ୍କ କୁର୍ବାନୀ (ବଳିଦାନ) ଓ ସେମାନଙ୍କ ପଦମର୍ଯ୍ୟାଦା ଓ ସ୍ତର ତଥା ଅଲ୍ଲାଃତାଲା ସେମାନଙ୍କୁ ଯେଉଁ ପୁରସ୍କାର ପ୍ରଦାନ କରିଥିଲେ ତାହାର ଚର୍ଚ୍ଚା କରି କୁହନ୍ତି-

ହଜରତ ଅବୁବକର୍ ର.ଅ ନିଜର ସମସ୍ତ ଧନସମ୍ପତି ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରିଦେଲେ ଏବଂ (ଶରୀର ଢାଙ୍କିବା ନିମନ୍ତେ) କମ୍ବଳ ପରିଧାନ କଲେ କିନ୍ତୁ ତାହା ବଦଳରେ ଅଲ୍ଲାଃ ତାଙ୍କୁ କ'ଣ ଦେଲେ ? ସମଗ୍ର ଆରବର ତାଙ୍କୁ ସମ୍ରାଟ କରିଦେଲେ ଏବଂ ତାଙ୍କରି ହାତରେ ଇସଲାମକୁ ନୂତନ ରୂପେ ଜୀବିତ କଲେ ଏବଂ ପଥଭ୍ରଷ୍ଟ ଆରବବାସୀଙ୍କ ଉପରେ ପୁନଃ ବିଜୟ ପ୍ରଦାନ କଲେ । ପୁଣି ଏପରି ଅଜସ୍ର ପ୍ରଦାନ କଲେ ଯାହାର କେହି କଳ୍ପନା ମଧ୍ୟ କରିନଥିଲେ" । ଆପଣ କୁହନ୍ତି "ତେବେ ସେମାନଙ୍କ ସତ୍ୟନିଷ୍ଠା, ବିଶ୍ୱସ୍ତତା ଓ ନିଷ୍ଠା ପ୍ରତ୍ୟେକ ମୁସଲମାନମାନଙ୍କ ପାଇଁ ଅନୁକରଣ ଯୋଗ୍ୟ ଅଟେ । ସାହାବାମାନଙ୍କ ଜୀବନ ଏଭଳି ଥିଲା କି କୌଣସି ନବୀଙ୍କ ଅନୁଗାମୀଙ୍କ ମଧ୍ୟରେ ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳୁ ନାହିଁ" । **ଅସଲ କଥା ଏହି କି ଯେ, ଯେପର୍ଯ୍ୟନ୍ତ ମଣିଷ ନିଜ କାମନା ଓ ଅଭିଳାଷାରୁ ମୁକ୍ତ ହୋଇ ଅଲ୍ଲାଃଙ୍କ ଶରଣାଗତ ହୋଇନଥାଏ ସେ କିଛି ହେଲେ ହାସଲ କରିପାରିନଥାଏ ବରଂ ନିଜର ହିଁ କ୍ଷତି କରିଥାଏ ।** କିନ୍ତୁ ଯେତେବେଳେ ସମସ୍ତ ପ୍ରକାରର କାମନା ଓ ଅଭିଳାଷା ପୂରଣରୁ ମୁକ୍ତ ହୋଇ ଏବଂ ଶୂନ୍ୟହସ୍ତ ଓ ପବିତ୍ର ହୃଦୟର ସହିତ ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୁଏ ସେତେବେଳେ ଅଲ୍ଲାଃତାଲା ମଧ୍ୟ ତାହାକୁ ପ୍ରଦାନ କରିବା ସହିତ ନିଜ ଅନୁକମ୍ପା ଓ ସାହାଯ୍ୟ ପ୍ରଦାନ କରିଥାନ୍ତି କିନ୍ତୁ ଏଥିନିମନ୍ତେ ସର୍ତ ଏହି କି ଯେ, ମଣିଷ ମରିବାକୁ ପ୍ରସ୍ତୁତ ରହିବା ଦରକାର ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ତିରସ୍କାର ଓ ମୃତ୍ୟୁକୁ ବରଣ କରିବାକୁ ପ୍ରସ୍ତୁତ ରହିବା ଉଚିତ୍" । ଆପଣ କୁହନ୍ତି "ସଂସାର ଦିନେ ନା ଦିନେ ନିଃଶେଷ ହେବ" (କେହିହେଲେ ଏଠାରେ ଚିରକାଳ ପାଇଁ ରହିନଥାନ୍ତି) । "କିନ୍ତୁ ଏହାର ସ୍ୱାଦ ତାକୁ ମିଳିଥାଏ ଯିଏ ଏହାକୁ ଖୁଦାଙ୍କ ନିମନ୍ତେ ଛାଡ଼ିଦିଏ । ଏହି କାରଣ ଅଟେ କି ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ନିକଟତର ହୋଇଥାଏ, ଖୁଦାତାଲା ଏ ସଂସାରରେ ତାହାପାଇଁ ଗ୍ରହଣୀୟତା ପ୍ରସାର କରିଦିଏ । ଏହା ହେଉଛି ସେହି ଗ୍ରହଣୀୟତା ଯାହାପାଇଁ ଜଣେ ସାଂସାରିକ ବ୍ୟକ୍ତି ଅନେକ ଚେଷ୍ଟା କରିଥାଏ । ଏହା ସେହି ସ୍ୱୀକୃତି ଅଟେ ଯାହା ପାଇଁ ଜଣେ ସାଂସାରୀ ସହସ୍ର ଚେଷ୍ଟା କରିଥାଏ କି କୌଣସି ପ୍ରକାରେ କିଛି ଉପାଧି ପ୍ରାପ୍ତ ହୋଇଯାନ୍ତା କିମ୍ବା କୌଣସି ସମ୍ମାନଜନକ ସ୍ଥାନରେ ଆସନ ମିଳିଯାନ୍ତା ଏବଂ ଆସନ ପ୍ରାପ୍ତକାରୀଙ୍କ ମଧ୍ୟରେ (ତାହାର) ନାମ ଲେଖାଯାନ୍ତା । ସୁତରାଂ ଯେ ଅଲ୍ଲାଃତାଲାଙ୍କ ଖାତିର୍ ସବୁକିଛି ତ୍ୟାଗ କରିବା ପାଇଁ ପ୍ରସ୍ତୁତ ହୋଇଯାଏ ତାହାକୁ ସମସ୍ତ ପ୍ରକାରର ସାଂସାରିକ ସମ୍ମାନ ଓ ମର୍ଯ୍ୟାଦା ହାସଲ ହୋଇଥାଏ ଏବଂ ପ୍ରତ୍ୟେକ ହୃଦୟରେ ତାହାର ସମ୍ମାନ ଓ ଗୌରବ ପ୍ରତିଷ୍ଠା ହୋଇଥାଏ । ତାହାର ସଂସାର ପ୍ରତି ଆକର୍ଷଣ ବାକିନଥାଏ ବରଂ ତାହାକୁ ପରିତ୍ୟାଗ କରିଦେଇଥାଏ । ତେବେ ଅଲ୍ଲାଃଙ୍କ ଖାତିର ହଜାଇ ଦେଇଥିବା ଲୋକମାନଙ୍କୁ ସବୁକିଛି ପ୍ରଦାନ କରାଯାଇଥାଏ" ।

ଆପଣ ମଜ୍‌ଲିସ୍‌ରେ ବସି ଏକଥା କହୁଥିଲେ । ଆଉ ଗୋଟିଏ ସ୍ଥାନରେ ଏହାର ରିଓ୍ୱାୟତ୍ ଏପରି ଶବ୍ଦରେ ମଧ୍ୟ ମିଳୁଛି କି ଆପଣ କହୁଛନ୍ତି "ଏ ପୃଥିବୀର ସରକାରଙ୍କ ପାଇଁ ଯିଏ କିଛିଟା ହଜାଇ ଦେଉଛି ତାର ଫଳ ତାକୁ ମିଳିଯାଉଛି" (ସାଧାରଣ ସାଂସାରିକ କ୍ଷେତ୍ରରେ ଦେଖନ୍ତୁ ଯଦି ତୁମେ କାହାକୁ କିଛି ଦେଉଛ ବା କାହାପାଇଁ କିଛି କରୁଛ ପ୍ରତି ବଦଳରେ ତୁମେ ତାର ଫଳ ପାଇଯାଉଛ) । ପୁଣି କହୁଛନ୍ତି "ତେବେ ଯଦି ଖୁଦାଙ୍କ ନିମନ୍ତେ କିଏ ଖର୍ଚ୍ଚ କରେ ତେବେ କଣ ତାକୁ ତାର ଫଳ ମିଳିବ ନାହିଁ ?" ପୁଣି ଆପଣ କହୁଛନ୍ତି "ସେପର୍ଯ୍ୟନ୍ତ ସେମାନେ ମରନ୍ତି ନାହିଁ ଯେପର୍ଯ୍ୟନ୍ତ ସେମାନେ ତାର ଅନେକ ଗୁଣା ନପାଇଛନ୍ତି, ଯାହାକୁ ସେମାନେ ଖୁଦାତାଲାଙ୍କ ମାର୍ଗରେ ଦେଇଛନ୍ତି । ଖୁଦାତାଲା କାହାର କରଜ ନିଜ ପାଖରେ ରଖେନାହିଁ । କିନ୍ତୁ ଦୁଃଖର ବିଷୟ ଏହି କଥାକୁ ମାନିବା ଲୋକେ ଓ ଏହି ବାସ୍ତବିକତାକୁ ଜାଣିବା ଲୋକେ ବହୁତ କମ୍ ଅଛନ୍ତି" । (ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୩୯୮-୩୯୯, ହାସିୟା ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଏହି ସତ୍ୟ, ନିଷ୍ଠା ଓ ବିଶ୍ୱସ୍ତତା ପ୍ରଦର୍ଶନକାରୀଙ୍କ ନମୁନା ଆମ୍ଭକୁ ଏଭଳି ଭବ୍ୟତାର ସହିତ ଦୃଶ୍ୟମାନ ହୋଇଥାଏ କି ମଣିଷ ଆଚମ୍ବିତ ରହିଯାଏ । ହଜରତ ମହମ୍ମଦ ସ.ଆଙ୍କ ପବିତ୍ର ଆଚରଣ କେବଳ ସେମାନଙ୍କ ପ୍ରେମ କରିବାର ଦିଗ ପରିବର୍ତନ କରିଦେଇନଥିଲା ବରଂ ସେମାନଙ୍କ ପ୍ରେମ କରିବାର ପରିମାପକକୁ ଶିର୍ଷରେ ପହଂଚାଇଦେଲା ଯାହାର (ଦ୍ୱିତୀୟ) ଉଦାହରଣ ଇତିହାସ (ପୃଷ୍ଠାରେ) ମିଳୁ ନାହିଁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କେଡେ ସୁନ୍ଦରତାର ସହିତ ଏହି ଉଚ୍ଚସ୍ତରର ଉଦାହରଣ ଦେଇଛନ୍ତି କି କହୁଛନ୍ତି ସେମାନଙ୍କର ଏହି ପ୍ରେମ ଓ ବଳିଦାନର ସ୍ତର ବିଗତ ଅମ୍ବେୟାଙ୍କ ଜୀବନୀରେ ମଧ୍ୟ ଏହାର ଦୃଷ୍ଟାନ୍ତ ମିଳେନାହିଁ ଏବଂ ଯେଉଁଠି ନବୀମାନଙ୍କୁ ମାନିବାର କଥା ପ୍ରଶ୍ନ ଉଠୁଛି ତ ସେମାନଙ୍କର ବୈଭବ କଣ । ସେମାନଙ୍କ ଅବସ୍ଥା ତ ସାହାବାଙ୍କ ମୁକାବିଲାରେ ବହୁତ ନିଚ୍ଚ ସ୍ତରରେ ଥିଲା । ସାହାବାମାନେ ସମସ୍ତ ପ୍ରକାରର କାମନାରୁ ପବିତ୍ର ଥିଲେ । ପବିତ୍ର ହୃଦୟ ଓ ନିଷ୍ପାପର ଭାବରେ ଯେ, କେବଳ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ନିଜ ଜୀବନ ଅତିବାହିତ କରିଥିଲେ ଏବଂ ଯେତେବେଳେ ଏହି ଅବସ୍ଥା ଉତ୍ପନ୍ନ ହୋଇଥାଏ ସେତେବେଳେ ଅଲ୍ଲାଃ ମଧ୍ୟ ପ୍ରଦାନ କରିଥାନ୍ତି ଏବଂ ଅଜସ୍ର ପ୍ରଦାନ କରିଥାନ୍ତି, ସାହାବାଙ୍କ ଜୀବନରେ ଆମେ ଏହା ହିଁ ଦେଖିବାକୁ ପାଉଛୁ ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ମୁଁ କିଛି ସାହାବାଙ୍କ ଘଟଣା ଉପସ୍ଥାପନ କରୁଅଛି କି କିଭଳି ସେମାନେ ନିଜକୁ ଅଲ୍ଲାଃଙ୍କ ଇଚ୍ଛା ଅନୁଯାୟୀ ଢାଳି ଦେଇଥିଲେ ଏବଂ ସେମାନେ କିଭଳି ନମୁନା ଦେଖାଇଛନ୍ତି ।

ହଜରତ ଅବ୍‌ବାଦ ବିନ୍ ବଶର୍ ଜଣେ ଅନସାରୀ ସାହାବି ଥିଲେ । ଠିକ୍ ଯୁବାବସ୍ଥାରେ ଅର୍ଥାତ ୩୫ ବର୍ଷ ବୟସରେ ସେ ଶହିଦ୍ ହେବାର ସୌଭାଗ୍ୟ ଲାଭ କରିଥିଲେ । (ଅସଦୁଲ୍ ଗାବା ଫି ମାରଫତୁସ୍ ସାହାବା ଖଣ୍ଡ-୩, ପୃଷ୍ଠା-୪୬ ଅବ୍‌ବାଦ୍ ବିନ୍ ବଶର୍ ଦାରୁଲ୍ ଫିକର୍ ବେରୁତ୍ ୨୦୦୩) ତାଙ୍କର ଉପାସନା ଓ ପବିତ୍ର କୋରାନ ପାଠ କରିବାର ଗୋଟିଏ ଘଟଣା ଚର୍ଚ୍ଚା କରି ହଜରତ ଆଏଶା ର.ଅ କୁହନ୍ତି ଏକଦା ହଜୁର ସ.ଆ ତହଜୁଦ୍ ନମାଜ ନିମନ୍ତେ ଉଠିଲେ ସେତେବେଳେ ମସଜିଦ୍‌ରୁ କେହି କୋରାନ ପାଠ କରୁଥିବାର ଶୁଣାଯାଉ ଥିଲା ହଜୁର ସ.ଆ ପଚାରିଲେ କ'ଣ ଏହା ଅବାଦ୍‌ଙ୍କର ସ୍ୱର କି । ହଜରତ ଆଏଶା ର.ଅ କହିଲେ ଲାଗୁଛି ଏହା ତାଙ୍କରି ସ୍ୱର ଅଟେ । ଏଥିରେ ହଜୁର ତାଙ୍କୁ ଦୁଆ (ଆଶିର୍ବାଦ) ଦେଲେ କି ହେ ଅଲ୍ଲାଃ ! ଅବାଦ୍‌ଙ୍କ ସହ ଦୟା ଆଚରଣ କର । (ସହି ବୁଖାରୀ, କିତାବୁଲ୍ ଶାହାଦତ୍... ହଦିସ୍ ନଂ-୨୬୫୫)

କିଭଳି ଭାଗ୍ୟବାନ ଥିଲେ ସେମାନେ ଯେ ପବିତ୍ର କୋରାନ ପାଠ କରିବାରେ (ସମ୍ପୂର୍ଣ୍ଣ) ରାତି ଅତିବାହିତ କରି ସିଧାସଳଖ ଭାବରେ ହଜୁର ସ.ଆଙ୍କ ଦୁଆର ଅଧିକାରୀ ହେଉଥିଲେ । ଏବଂ ରାତିରେ ଉଠି ସେମାନେ ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବା ପାଇଁ ଏବଂ ତାର କରୁଣା ଲାଭ କରିବା ପାଇଁ ଡାକୁଥିଲେ ।

ହଜରତ ଅବାଦ୍‌ଙ୍କୁ ନିଜର ଏକ ସ୍ୱପ୍ନ ଯୋଗୁଁ ପୂର୍ଣ୍ଣ ବିଶ୍ୱାସ ଥିଲା କି ତାଙ୍କୁ ଶହିଦ୍ ହେବାର ସୌଭାଗ୍ୟ ଲାଭ ହେବ । ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି କହୁଛନ୍ତି କି ହଜ୍‌ରତ୍ ଅବାଦ୍ ଥରେ ଏକଦା ମୋତେ କହିଲେ କି ମୁଁ ସ୍ୱପ୍ନ ଦେଖିଛି ଯେ ଆକାଶ ଫାଟିଯାଇଛି ଓ ମୁଁ ତା ଭିତରେ ପଶିଯାଇଛି । ତା ପରେ ତାହା ଯୋଡ଼ି ହୋଇଯାଉଛି । ଅର୍ଥାତ୍ ନିଜର ପୂର୍ବ ଅବସ୍ଥାକୁ ତାହା ଫେରିଯାଉଛି । ଏହି ସ୍ୱପ୍ନ ଦେଖି ସେ କହୁଥିଲେ କି ମୋର ପୁର୍ଣ୍ଣ ବିଶ୍ୱାସ ଅଛି ଅଲ୍ଲାଃତାଲା ମୋତେ ଶହିଦ୍ ହେବାର ସୌଭାଗ୍ୟ ପ୍ରଦାନ କରିବେ । ଅତଃ ୟମାମା ଯୁଦ୍ଧରେ ତାଙ୍କର ସେହି ସ୍ୱପ୍ନ ପୂରଣ ହେଲା ଏବଂ ସେ ବେଶ୍ ସାହସିକତାର ସହିତ ଲଢି ଶହିଦ୍ ହେଲେ । କିନ୍ତୁ ଯେଉଁ ଶତ୍ରୁମାନଙ୍କ ସହିତ ସେ ଲଢୁଥିଲେ ତାଙ୍କ ଉପରେ ଆପଣଙ୍କ ସୈନିକମାନେ, ଯେଉଁଥିରେ ସମସ୍ତ ଅନ୍‌ସାର୍ ସାମିଲ୍‌ଥିଲେ ବିଜୟପ୍ରାପ୍ତ କଲେ । ସେ ନିଜେ ତ ଶହିଦ୍ ହୋଇଗଲେ କିନ୍ତୁ ଶତୃଙ୍କ ଉପରେ ବିଜୟ ଲାଭ କଲେ । ହଜ୍‌ରତ୍ ଅବୁ ସଇଦ୍ କହୁଛନ୍ତି କି ଯୁଦ୍ଧ ପରେ ତାଙ୍କ ଚେହେରା ତରବାରିର ଆଘାତ ଯୋଗୁଁ ଚିହ୍ନି ହେଉନଥିଲା । ତାଙ୍କ ଶରୀରର ଗୋଟିଏ ଚିହ୍ନଁକୁ ଦେଖି ଶବକୁ ଚିହ୍ନଁ ହେଲା । (ତବକାତୁଲ୍ କୁବ୍‌ରା ଲି ଇବ୍‌ନେ ସାଦ୍ ମୋତରଜିମ୍ ଖଣ୍ଡ-୪, ପୃଷ୍ଠା-୩୧, ମୁଦ୍ରଣ-ନଫିସ୍ ଏକାଡ଼େମୀ କରାଚି)

ପୁଣି ଇତିହାସ ପୃଷ୍ଠାରେ ଆମ୍ଭକୁ ଆଉ ଜଣେ ସାହାବିଙ୍କ ସମ୍ବନ୍ଧରେ ଖବର ମିଳୁଅଛି ଯାହାଙ୍କ ନାମ ହରାମ ବିନ୍ ମଲହାନ୍ ଥିଲା । ସେ ଲୋକମାନଙ୍କୁ କୋରାନ ଶିଖାଇବା ଓ ଗରିବ ତଥା ଅସ୍‌ହାବେ ସୁଫାଙ୍କର ସେବା କରିବାରେ ସର୍ବଦା ତତ୍ପର ରହୁଥିଲେ । ଯେତେବେଳେ ବନି ଆମିର୍‌ଙ୍କର ଏକ ଦଳ ହଜୁର ସ.ଆଙ୍କୁ ନିବେଦନ କଲେ କି ତବ୍‌ଲିଗ୍ (ଧର୍ମ ପ୍ରଚାର) ନିମନ୍ତେ ଆମ ସହିତ କିଛି ମୁସଲମାନଙ୍କୁ ଛାଡ଼ନ୍ତୁ ଯଦ୍ୱାରା ଆମେ ମଧ୍ୟ ସେମାନଙ୍କଠାରୁ ଇସଲାମ ସମ୍ବନ୍ଧରେ ଅବଗତ ହେବୁ ଏବଂ ଆମ (ଗୋଷ୍ଠୀର) ଲୋକମାନେ ଇସଲାମ (ଧର୍ମ) ଗ୍ରହଣ କରିବେ । ସେ ସମୟରେ ମଧ୍ୟ ତାଙ୍କର ନିୟତ ଖରାପ ଥିଲା । କିନ୍ତୁ ଯେହେତୁ ସେ ନିବେଦନ କରିଥିଲେ । ତେଣୁ ଆଁ ହଜ୍‌ରତ୍ ସ:ଆ:ସ ଏହା କହିଥିଲେ କି ମୋତେ ତୁମମାନଙ୍କ ଠାରୁ ବିପଦର ଆଭାସ ମିଳୁଛି । ତେଣୁ ମୁଁ ଯାହାକୁ ପଠାଇବି ବୋଧହୁଏ ତୁମ ଲୋକମାନେ ତାଙ୍କୁ କ୍ଷତି ପହଂଚାଇବେ । ଏହା ଶୁଣି ତାଙ୍କ ସର୍ଦ୍ଦାର କହିଲା, ଯିଏ ଏପର୍ଯ୍ୟନ୍ତ ମୁସଲ୍‌ମାନ୍ ହୋଇନଥିଲା କିନ୍ତୁ ସେ କହିଲା କି ମୁଁ ଏହାର ଦାୟିତ୍ୱ ନେଉଛି ଓ ସମସ୍ତେ ମୋ ସୁରକ୍ଷାରେ ରହିବେ । ହଜୁର ସ.ଆ ହରାମ ବିନ୍ ମଲହାନ୍‌ଙ୍କ ନେତୃତ୍ୱରେ ଗୋଟିଏ ଦଳ ବନି ଆମିର୍‌ଙ୍କ ନିକଟକୁ ପ୍ରେରଣ କଲେ । ଯେତେବେଳେ ଏହି ଦଳ ସେଠାରେ ପହଂଚିଲା ସେତେବେଳେ ହରାମ ବିନ୍ ମଲହନ୍‌ଙ୍କୁ ସନ୍ଦେହ ହେଲା କି ନିଶ୍ଚିତ କିଛି ସଡ଼ଯନ୍ତ୍ର ଚାଲିଛି । ଏମାନଙ୍କର ନିୟତ୍ ଠିକ୍ ନାହିଁ । ଅତଃ ସେ ନିଜ ସାଥିମାନଙ୍କୁ କହିଲେ ଆମକୁ ଆମ ନିଜର ସୁରକ୍ଷା ପାଇଁ କିଛି ଯୋଜନା କରିବା ଉଚିତ୍ ହେବ ଏବଂ ଆମେ ସମସ୍ତେ ଏକତ୍ର ସେଠାକୁ ଯିବା ଠିକ୍ ହେବ ନାହିଁ । କାରଣ ଯଦି ସେମାନେ ଆମକୁ ଘେରିନେବେ ତେବେ ଆମ ସମସ୍ତଙ୍କୁ କ୍ଷତି ପହଂଚାଇବେ । ତେଣୁ ତୁମେ ସମସ୍ତେ ଏଠାରେ ରୁହ । ମୁଁ ଆଉ ଜଣେ ସାଥି ସେଠାକୁ ଯାଉଛୁ । ଯଦି ସେମାନେ ଆମ ସହିତ ଉଚିତ୍ ବ୍ୟବହାର କରନ୍ତି ତେବେ ତୁମେମାନେ ଆସିଯିବ, ଯଦି ଆମକୁ କ୍ଷତି ପହଂଚେ ତେବେ ତୁମେମାନେ ପରିସ୍ଥିତିକୁ ଦେଖି ଏହା ନିଷ୍ପତି କରିବ କି କଣ କରିବାକୁ ହେବ । ଫେରିଯିବ ବା ତାଙ୍କ ସହିତ ଲଢ଼ିବ ବା ସେଠାରେ ରହିବ । ଯେତେବେଳେ ହରାମ ବିନ୍ ମଲହାନ୍ ଜଣେ ସାଥିଙ୍କ ସହିତ ଉକ୍ତ ବାସୀନ୍ଦାଙ୍କ ନିକଟରେ ପହଂଚିଲେ ସେତେବେଳେ ବନି ଆମିର୍‌ର ସରଦାର ଜଣେ ବ୍ୟକ୍ତିକୁ ଇଙ୍ଗିତ କରି ଠାରି ଦେଲା ଏବଂ ସେ ବ୍ୟକ୍ତି ଜଣକ ମଲହାନ୍‌ଙ୍କୁ ପଛପଟରୁ ଏକ ବର୍ଛା ଦ୍ୱାରା ଆକ୍ରମଣ କଲା ଯଦ୍ୱାରା ତାଙ୍କ ବେକରୁ ରକ୍ତ ବହିଚାଲିଲା । ସେତେବେଳେ ସେ ବହି ଚାଲିଥିବା ରକ୍ତକୁ ହାତରେ ନେଇ କହିଲେ ରବ୍‌ବେ କାବାଙ୍କ ରାଣ ! ମୁଁ ସଫଳ ହୋଇଗଲି । ଏବଂ ତାଙ୍କର ଅନ୍ୟ ସାଥଜଣଙ୍କୁ ମଧ୍ୟ ସେମାନେ ଶହିଦ୍ କରିଦେଲେ । ତାପରେ ଯୋଜନା ବଦ୍ଧ ଭାବରେ ଆକ୍ରମଣ କରି ବାକି ୭୦ ଜଣ ସାହାବିଙ୍କୁ ମଧ୍ୟ ଶହିଦ୍ କରିଦେଲେ । କେବଳ ଜଣେ ବା ଦୁଇଜଣଙ୍କୁ ଛାଡ଼ିଦେଇ । ଯେତେବେଳେ ସେମାନଙ୍କୁ ଏଭଳି ପ୍ରତାରିତ ଏବଂ ଅତ୍ୟାଚାର କରି ଶହିଦ୍ କରାଯାଉଥିଲା ସେତେବେଳେ ସେମାନେ ଦୁଆ କଲେ ହେ ଆଲ୍ଲାଃ ! ଆମ୍ଭର ଏହି ବଳିଦାନକୁ ସ୍ୱୀକାର କର ଏବଂ ଆମ୍ଭର ଏହି ଅବସ୍ଥା ସମ୍ପର୍କରେ ହଜୁର ସ.ଆଙ୍କୁ ସୂଚିତ କରାଅ । କାରଣ ଏଠାରେ ସୂଚନା ପହଂଚାଇବାର କୌଣସି ସାଧନ ନାହିଁ । ସୁତରାଂ ହଜରତ ଜିବ୍‌ରାଇଲ୍ ହଜୁର ସ.ଆଙ୍କୁ ଉକ୍ତ ସାହାବାଙ୍କର ସଲାମ ପ୍ରଦାନ କଲେ ଏବଂ ସେଠାକାର ପରିସ୍ଥିତି ଓ ସାହାବାଙ୍କ ଶହିଦ୍ ହେବାର ଖବର ଦେଲେ । ହଜୁର ସ.ଆ ସାହାବାମାନଙ୍କୁ ଏକତ୍ରିତ କରି ସୂଚନା ଦେଲେ ବନି ଆମିର୍ କବିଲା (ଗୋଷ୍ଠୀ)କୁ ଯାଇଥିବା ସମସ୍ତ ସାହାବା ଶହିଦ୍ କରିଦିଆଗଲେ । ଏହି ଘଟଣା ହଜୁର ସ.ଆଙ୍କୁ ଅତ୍ୟନ୍ତ କଷ୍ଟ ଦେଇଥିଲା, ହଜୁର ଉକ୍ତ କବିଲା ବିରୁଦ୍ଧରେ ୩୦ ଦିନ ପର୍ଯ୍ୟନ୍ତ ଅଭିଶାପ ମୂଳକ ଦୁଆ କରିଥିଲେ କି ହେ ଅଲ୍ଲାଃ ! ସେମାନଙ୍କ ମଧ୍ୟରୁ ଯେଉଁମାନେ ଏହି ଅତ୍ୟାଚାରେ ଜଡ଼ିତ ତୁମେ ସ୍ୱୟଂ ସେମାନଙ୍କୁ ଦଣ୍ଡ ଦିଅ । ହଜୁର ଉକ୍ତ ସାହାବାଙ୍କ ବଳିଦାନକୁ ସର୍ବଶ୍ରେଷ୍ଠ (ବଳିଦାନ) ଘୋଷଣା କରିଥିଲେ । (ସହି ବୁଖାରୀ, କିତାବୁଲ୍ ମଗାଜି ବାବ୍ ଗଜୁଅତୁଲ୍ ରଜିଇ... ହଦିସ୍ ନଂ-୪୦୯୧....)

ହଜରତ ମସିହ ମଉଦ ଆ.ସ ଏହି ପ୍ରେମ ଓ ଦୀନ୍ ଖାତିର୍ ମହାନ୍ ବଳିଦାନ କରିବାର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କହୁଛନ୍ତି "ପ୍ରେମ ଏପରି ଏକ ଜିନିଷ ତାହା ସବୁକିଛି କରାଇଦିଏ । ଜଣେ ଯଦି କାହାକୁ ଭଲପାଉଛି ତେବେ ସେ ତା ପ୍ରେମିକାପାଇଁ କଣ ନକରିଦେଉଛି" । ପୁଣି ଗୋଟିଏ ସାଂସାରିକ ଉଦାହରଣ ଦେଇ କହୁଛନ୍ତି କି ଜଣେ ମହିଳା ଜଣକୁ ଭଲ ପାଉଥିଲା । ତାକୁ ଟାଣି ଟାଣିକରି ନେଇଆସୁଥିଲେ ଓ ଭଳି ଭଳି କି ଦୁଃଖ କଷ୍ଟ ଦେଉଥିଲେ । ସେ ମହିଳାଜଣକ ମାଡ଼ ଖାଉଥିଲା, କିନ୍ତୁ ସେ କହୁଥିଲା ଯେ ମୋତେ ଏଥିରେ ଏକ ଆନନ୍ଦ ମିଳୁଛି । ଯେବେ କି ମିଥ୍ୟାପ୍ରେମ ଓ ଦୁଷ୍କର୍ମ ଓ ପଥଭ୍ରଷ୍ଟତାର ମାର୍ଗଆଡକୁ ଟାଣି ନେଉଥିବା ପ୍ରେମ ଦ୍ୱାରା ଯଦି ସେ କଷ୍ଟ ବହନ କରିବାରେ ଏକ ଆନନ୍ଦ ଅନୁଭବ କରୁଛି ତେବେ ଆପଣ କହୁଛନ୍ତି କି ଯଦି ଜଣେ ସାଂସାରିକ ଲୋକର ଏପରି ଅବସ୍ଥା ତେବେ ଚିନ୍ତା କରି ଦେଖ ସେମାନେ ଯେଉଁମାନେ ଖୁଦାତାଲାଙ୍କୁ ପ୍ରେମ କରୁଥିଲେ ଏବଂ ତା ପାଇଁ ସବୁକିଛି ବଳିଦାନ ଦେବାପାଇଁ ପ୍ରସ୍ତୁତ ରହୁଥିଲେ ସେମାନେ ସେହିସବୁ କଠିନ ଅବସ୍ଥାରେ କିପରି ଆନନ୍ଦ ଉଠାଉଥିବେ । ସାହାବାଙ୍କ ଜୀବନିର ଅନୁଧ୍ୟାନ କର ମକ୍କାରେ ସେମାନେ କିଭଳି କସଣ ଓ ଅତ୍ୟାଚାର ସହ୍ୟ କରିଥିଲେ । ପୁରୁଷ ତ ପୁରୁଷ ମହିଳାମାନଙ୍କ ଉପରେ ଏଭଳି ଅତ୍ୟାଚାର କରାଯାଉଥିଲା କି ତାହାର କଳନା କଲେ ଶରୀର ଥରି ଉଠିଥାଏ । ଯଦି ସେମାନେ ମକ୍କାବାସୀଙ୍କ ସହ ମିଶିଯାଇଥାନ୍ତେ ତେବେ ସେମାନେ ସେତେବେଳେ ତାଙ୍କୁ ବେଶ୍ ସମ୍ମାନ ପ୍ରଦାନ କରିଥାନ୍ତେ କାରଣ ସେମାନେ ତାଙ୍କରି କୁଟୁମ୍ବର ଥିଲେ **କିନ୍ତୁ କେଉଁ କାରଣରୁ ସେମାନେ ଏଭଳି କଷ୍ଟ ଓ ଦୁଖଃର ମହାବାତ୍ୟା ଆସିବା ସତ୍ତ୍ୱେ ସତ୍ୟ ଉପରେ ପ୍ରତିଷ୍ଠିତ ରହିଥିଲେ । ତାହା ସେହି ଆନନ୍ଦ ଓ ତୃପ୍ତିର ଉତ୍ସ ଥିଲା ଯାହାକି ସତ୍ୟକୁ ପ୍ରେମ କରିବା ଯୋଗୁଁ ସେମାନଙ୍କ ହୃଦୟରେ ଫୁଟୁଥିଲା"** ।

ପୁଣି ଆଉ ଗୋଟିଏ ଘଟଣାର ଉଦାହରଣ ଦେଇ ଆପଣ କହୁଛନ୍ତି "ଜଣେ ସାହାବୀଙ୍କ ବିଷୟରେ ଲେଖାଯାଇଛି କି ଯେତେବେଳେ ତାଙ୍କ ହାତକୁ କଟାଗଲା ସେ ଏଥିରେ କହିଲେ କି ମୁଁ ଓ୍ୱଜୁ କରୁଅଛି । ପୁଣି ଲେଖା ଅଛି କି ଯେତେବେଳେ ମୁଣ୍ଡ କଟାଗଲା ସେ କହିଲେ ମୁଁ ସଜ୍‌ଦା କରୁଅଛି । ଏହା କହି କହି ସେ ମୃତ୍ୟୁବରଣ କଲେ । ସେ ସମୟରେ ସେ ଦୁଆ କଲେ କି ହେ ଅଲ୍ଲାଃ ଏ ଖବର ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପହଂଚାଇଦିଅ । ରସୁଲୁଲ୍ଲାଃ ସ:ଆ:ସ ସେ ସମୟରେ ମଦ୍ଦିନାରେ ଥିଲେ । ଜିବ୍ରାଇଲ୍ ଆ:ସ ଯାଇ ତାଙ୍କୁ ସଲାମ୍ ଜଣାଇଲେ । ଆପଣ ସ:ଆ:ସ ଆଲୈକୁମୁସ୍ ସଲାମ୍ କହିଲେ ଏବଂ ଉକ୍ତ ଘଟଣା ବିଷୟରେ ଆପଣଙ୍କ ସୂଚନା ମିଳିଲା । ହଜୁର ଆ.ସ କୁହନ୍ତି ସେହି ଆତ୍ମତୃପ୍ତି ଯାହାକି ସେମାନଙ୍କୁ ଅଲ୍ଲାଃଙ୍କଠାରୁ ପ୍ରାପ୍ତ ହୋଇଥିଲା ଯଦ୍ୱାରା ସେମାନେ ଗୋଟିଏ କିଟ ପରି ଦଳିଚକଟାଯାଇ ମରିବାକୁ ପସନ୍ଦ କଲେ । ଯେଭଳି ସେହି ସାହାବା ଜଣକ କହିଥିଲେ ମୁଁ ରବ୍‌ବେ କାବାକୁ ପାଇନେଲି । ଆପଣ କୁହନ୍ତି **ମୋମିନ୍‌କୁ କଠିନରୁ କଠିନ କଷ୍ଟ ମଧ୍ୟ ସହଜ ଅନୁଭବ ହୋଇଥାଏ** । ପ୍ରକୃତରେ କହିବାକୁ ଗଲେ ମୋମନ୍‌ର ଚିହ୍ନ ଏହା ଅଟେ କି ସେମାନେ ମରିବାକୁ ପ୍ରସ୍ତୁତ ରହିଥାନ୍ତି । ସେହିପରି ଯଦି କୌଣସି ବ୍ୟକ୍ତିକୁ କହି ଦିଆଯାଏ କି ତୁମେ ଖ୍ରୀଷ୍ଟଧର୍ମୀ ହୋଇଯାଅ ନଚେତ୍ ହତ୍ୟା କରାଯିବ ସେତେବେଳେ ଦେଖିବା ଉଚିତ୍ କି ତାହା ଅନ୍ତରରୁ କିଭଳି ଶ୍ୱର ପ୍ରସ୍ଫୁଟିତ ହେଉଅଛି । ସେ ମରିବାକୁ ନିଜ ଶିର ଆଗକୁ ବଢାଇ ଦେଉଛି ନା ଖ୍ରୀଷ୍ଟଧର୍ମୀ ହେବାକୁ ପ୍ରାଥମିକତା ଦେଉଛି ? **ଯଦି ସେ ମରିବାକୁ ପ୍ରାଧାନ୍ୟ ଦିଏ ତେବେ ସେ ଜଣେ ସଚ୍ଚୋଟ ମୋମିନ୍ ନଚେତ୍ ଅମାନ୍ୟକାରୀ ଅଟେ** । ତେବେ ସେହି ଦୁଃଖ କଷ୍ଟ ଯାହା ମୋମିନ୍‌ମାନଙ୍କ ଉପରେ ଆସିଥାଏ ତାହା ଭିତରେ ଭିତରେ ଏକ ଆନନ୍ଦ ପ୍ରଦାନ କରିଥାଏ । ଥରେ ଚିନ୍ତା ତ କର କି ଯଦି ସେହି ଆନନ୍ଦ ଲାଭ ହେଉନଥାନ୍ତା ତେବେ ଅବତାରମାନେ ଦୁଖଃ କଷ୍ଟର ଏକ ଦିର୍ଘ ସମୟ କିଭଳି ଅତିବାହିତ କରିଥାନ୍ତେ" । (ଉଦ୍ଧୃତ ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୩୦୮-୩୦୯, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଏଠାରେ ସାହାବାମାନଙ୍କର ଯେଉଁ ଦୃଷ୍ଟାନ୍ତ ଦିଆଯାଇଛି ସେମାନଙ୍କ ଭିତରେ ହଜୁର ସ.ଆ.ସ ଏଭଳି ଆତ୍ମା ଫୁଙ୍କି ଦେଇଥିଲେ କି **ସେମାନେ ମରିବା ସମୟରେ କହୁଥିଲେ କି ରବ୍‌ବେ କାବାର ରାଣ ଆମେ କୃତକାର୍ଯ୍ୟ ହୋଇଗଲୁ, ଆମେ ଅଲ୍ଲାଙ୍କୁ ପାଇନେଲୁ** । ଏମାନେ ସେହି ଲୋକ ଥିଲେ ଯେ ପୁଣ୍ୟକର୍ମ କରୁଥିଲେ । ସେମାନଙ୍କ ଉପରେ ଯେତେବେଳେ ଅତ୍ୟାଚାର କରାଯାଉଥିଲା ସେତେବେଳେ ସେମାନେ ସେହି ଅତ୍ୟାଚାର ଖାତିର ବଳିଦାନ ଦେଉଥିଲେ ନା କି ଅତ୍ୟାଚାରୀ ସାଜୁଥିଲେ । ଯେପରିକି ଆଜିକାଲିର କେତେକ (କଠୋରପନ୍ଥୀ) ଦଳ କରିବା ଆରମ୍ଭ କରିଦେଇଛନ୍ତି କି ଆମେ ଶହିଦ୍ ହୋଇଗଲୁ କିମ୍ବା ଶହିଦ୍ ହେଲେ ବୈକୁଣ୍ଠ ପ୍ରାପ୍ତ କରିନେବୁ । ସେମାନେ ଏପରି ଲୋକ ନଥିଲେ ସେମାନେ ଅତ୍ୟାଚାର ବିରୁଦ୍ଧରେ ଯୁଦ୍ଧ କରୁଥିଲେ । ଅତ୍ୟାଚାରକୁ ପ୍ରସାର କରୁନଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ଉମରୋ ଜଣେ ଅନ୍‌ସାରୀ ସାହାବି ଥିଲେ, ଯାହାଙ୍କ ସମ୍ବନ୍ଧରେ ଏପରି ବର୍ଣ୍ଣନା ହୋଇଛି କି ଓ୍ୱହଦ୍ ଯୁଦ୍ଧରେ ଯିବା ସମୟରେ ସେ ନିଜ ପୁଅଙ୍କୁ କହିଲେ କି ମୋତେ ସର୍ବପ୍ରଥମେ ଶହିଦ୍ ହେବାର ସୌଭାଗ୍ୟ ମିଳିବ । ବୋଧହୁଏ ସେ ସ୍ୱପ୍ନ ଦେଖିଥିଲେ

ବା ତାଙ୍କୁ ଅଲ୍ଲାଃତାଲା ଜଣାଇଥିଲା । ସେ କହିଲେ ମୋ ମୃତ୍ୟୁ ପରେ ତୁମେ ତୁମ ଭଉଣୀମାନଙ୍କର ଧ୍ୟାନ ରଖିବ । ତାଙ୍କର ଅନେକ ଝିଅ ଥିଲେ । ଏବଂ ଜଣେ ୟହୁଦୀଙ୍କ ଠାରୁ ମୁଁ କରଜ ନେଇଛି । ସେହି କରଜକୁ ମୋ ମୃତ୍ୟୁପରେ ମୋ ଖଜୁରୀ ବଗିଚାରୁ ଦେଇ ପଇଠ କରିଦେବ । ଅର୍ଥାତ୍ ଯେବେ ସେହି ବଗିଚାରୁ ଅମଳ ଆସିବ ସେଥିରୁ ତାଙ୍କୁ ଦେଇଦେବ । (ସହି ବୁଖାରୀ କିତାବୁଲ୍ ଜନାଇଜ୍.... ହଦିସ୍ ନଂ-୧୩୫୧....)

ଏହା ଥିଲା ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଓ ନିଷ୍ଠା । ପବିତ୍ରତା ଓ ହକ୍ ପ୍ରଦାନ କରିବାର ସ୍ତର । ଯୁଦ୍ଧରେ ଯାଉଛନ୍ତି, କିନ୍ତୁ ନିଜ ଜୀବନ ପ୍ରତି କୌଣସି ଚିନ୍ତା ନାହିଁ ବରଂ ଏଥିରେ ତାଙ୍କୁ ଖୁସି ଲାଗୁଛି କି ମୁଁ ଶହିଦ୍ ହେବା ଲୋକମାନଙ୍କ ଭିତରେ ସର୍ବପ୍ରଥମେ ଶହିଦ୍ ହେବାର ସୌଭାଗ୍ୟ ପାଇବି । କୌଣସି ଭୟ ଲାଗୁନାହିଁ କି ମୋର ଜବାନ୍ ଝିଅମାନେ ଅଛନ୍ତି । ସେମାନଙ୍କର ହକ୍ ମଧ୍ୟ ଦେବାକୁ ହେବ । ସେମାନଙ୍କର ହକ୍ ଦେବା ଲାଗି ଅଲ୍ଲାଃଙ୍କ ଉପରେ ଭରଷା କରିଛନ୍ତି । ପୁଣି ପୁଅଙ୍କୁ ଏ ଉପଦେଶ ଦେଉଛନ୍ତି କି ଏବେ ତୁମେ ଘରର ବଡ଼ ହିସାବରେ ସେହି ସବୁ ଦାୟିତ୍ୱଗୁଡ଼ିକୁ ପୁରା କରିବ ଓ ଭଉଣୀମାନଙ୍କର ଧ୍ୟାନ ରଖିବ ଏବଂ କରଜ ପଇଠ କରିବାର ମଧ୍ୟ ଚିନ୍ତା ଅଛି କି ଜଣେ ୟହୁଦୀଠାରୁ କରଜ ନେଇଛି । ଏହାକୁ ମଧ୍ୟ ତୁମେ ତୁମ ନିଜ ହାତରୁ ଦେବନାହିଁ ବରଂ ଇନ୍‌ସାଅଲ୍ଲାଃ ବଗିଚାର ଆମଦାନୀରୁ ପଇଠ କରିଦେବ । ତୁମ ଉପରେ କୌଣସି ବୋଝ ରଖୁନାହିଁ । ହଁ ଗୋଟିଏ ଦାୟିତ୍ୱ ଅଛି ଯାହା ତୁମଠାରେ ନ୍ୟସ୍ତ କରୁଅଛି । ଗୋଟିଏ ଇସ୍‌ଲାମୀ ନିର୍ଦ୍ଦେଶ ଅଛି, ଯାହା ବିଷୟରେ ତୁମକୁ ମୁଁ ଜଣାଇଦେଉଛି କି ଉକ୍ତ କରଜକୁ ପଇଠ କରିଦେବା ଜରୁରୀ ଅଟେ ଓ ସେହି କରଜ ପ୍ରଦାନ କରିସାରିବା ପରେ ମୋ ସମ୍ପତିର ତୁମେ ଉତରାଧିକାରୀ ହୋଇପାରିବ । ପ୍ରଥମ କଥା ଓ ପ୍ରଥମ ହୁକୁମ୍ ଏହା ଯେ ପ୍ରଥମେ କରଜକୁ ସୁଝିଦିଅ ।

ହଜରତ ଅବଦୁଲ୍ଲାଃଙ୍କ କୁର୍ବାନୀ ବଳିଦାନ ଓ ଶହିଦ୍ ହେବାର ପ୍ରତିଫଳ କିଭଳି ମିଳିଲା ତାହାର ବର୍ଣ୍ଣନା ଏପରି ଦରଜ ଅଛି କି ଏକଦା ଅବଦୁଲ୍ଲାଃଙ୍କ ପୁତ୍ରକୁ ଦୁଃଖିତ ଦେଖି ହଜୁର ସ.ଆ କହିଲେ ତୁମ ପିତାଙ୍କ ଶହିଦ୍ ହେବା ପରେ ଅଲ୍ଲାଃତାଲା ତାଙ୍କୁ ନିଜ ସମ୍ମୁଖରେ ବସିବାର ସୌଭାଗ୍ୟ ପ୍ରଦାନ କଲେ ଏବଂ କହିଲେ ମୋତେ ମନ ମୁତାବକ ଯାହା ଇଚ୍ଛା ମାଗିନିଅ ମୁଁ ତୁମର ମନବାଂଛା ପୂରଣ କରିବି । ସେ ନିଜ ସୃଷ୍ଟିକର୍ତାଙ୍କୁ କହିଲେ ହେ ପ୍ରଭୁ! ମୁଁ ଭକ୍ତ ହେବାର ତ କର୍ତବ୍ୟ ସମ୍ପାଦନ କରିନାହିଁ ତେଣୁ ତୁମକୁ ନିଜ ମନବାଂଛା କିଭଳି ମାଗିବି ତୁମ ଦୟା ଓ କୃପା ବଳରେ ଯାହା କିଛି ମିଳିଯିବ ତାହା ହିଁ ମୋ ପାଇଁ ଯଥେଷ୍ଟ । ପୁଣି କହିଲେ ହେ ପ୍ରଭୁ ଯଦି ତୁମେ ମୋର ଇଚ୍ଛା ପୂରଣ କରିବାକୁ ଚାହୁଁଛ ତେବେ ଏତିକି କର କି ମୋତେ ପୁର୍ନବାର ଧରାପୃଷ୍ଠକୁ ଫେରାଇ ଦିଅ ଯଦ୍ୱାରା ମୁଁ ତୁମ ନବୀଙ୍କ ସହିତ ଶତ୍ରୁର ମୁକାବିଲା କରିବି ଏବଂ ପୁର୍ନବାର ଶହିଦ୍ ହୋଇ ଫେରିବି । ଅଲ୍ଲାଃ କହିଲେ ମୁଁ ଏହି ନିୟମ ଧାର୍ଯ୍ୟ କରିସାରିଛି ଯେ, ଯାହାକୁ ଥରେ ମାରିଦିଏ ସେ ପୁର୍ନବାର ସଂସାରକୁ ଫେରିନଥାଏ, ସୁତରାଂ ତୁମର ଏହି ମନବାଂଛା ପୂରଣ ହୋଇପାରିବ ନାହିଁ । (ମଜ୍‌ମୁଅଲ୍ ଜୱାଇଦ୍ ଖଣ୍ଡ-୯, ପୃଷ୍ଠା-୩୮୯, ହଦିସ୍-୧୫୭୫୬.... ବେରୁତ୍ ୨୦୦୧) ତେଣୁ ଏ ଇଛା ତ ପୂରଣ ହୋଇପାରିବ ନାହିଁ ବାକି ଇନ୍‌ସାଅଲ୍ଲାଃ ଅଲ୍ଲାଃତାଲା ଯଦି ଚାହିଁବେ ଶହିଦ୍ ହେବାର ଯେଉଁ ପଦମର୍ଯ୍ୟାଦା ଅଛି ତାହା ମିଳିଯିବ ।

ହଜରତ ଉମର ବିନ୍ ଜମୁହଙ୍କର ବଳିଦାନ ଓ ଶହିଦ୍ ହେବାର ପ୍ରବଳ ଉତ୍ସାହ ଥିଲା ସେଥିସମ୍ବନ୍ଧରେ ବର୍ଣ୍ଣିତ ଅଛି କି ତାଙ୍କ ଗୋଡ଼ରେ କଷ୍ଟ ଥିବା ଯୋଗୁଁ ତାଙ୍କ ପୁତ୍ରମାନେ ତାଙ୍କୁ ବଦର୍ ଯୁଦ୍ଧରେ ଯୋଗଦେବାକୁ ଦେଇନଥିଲେ । କିନ୍ତୁ ଓ୍ୱହଦ୍ ଯୁଦ୍ଧ ସମୟରେ ସେ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ମୋ ଗୋଡ଼ରେ କଷ୍ଟ ରହିବା ହେତୁ ମୋତେ ମୋ ପୁତ୍ରମାନେ ଯୁଦ୍ଧରେ ସାମିଲ୍ ହେବାକୁ ବାରଣ କରୁଛନ୍ତି କିନ୍ତୁ ମୁଁ ଆପଣଙ୍କ ସହିତ ଏହି ଯୁଦ୍ଧରେ ସାମିଲ ହେବାକୁ ଚାହୁଁଛି ଏବଂ କହିଲେ- **ଅଲ୍ଲାଃଙ୍କ ରାଣ ମୁଁ ଆଶା କରୁଛି ସେ ମୋତେ ଶହିଦ୍ ହେବାର ଗୌରବ ପ୍ରଦାନ କରିବେ ଏବଂ ମୁଁ ନିଜ ଛୋଟା ଗୋଡ଼ରେ ବୈକୁଣ୍ଠରେ ପ୍ରବେଶ କରିବି ।** ହଜୁର ସ.ଆ କହିଲେ କି ଭିନ୍ନକ୍ଷମ ହୋଇଥିବା ଯୋଗୁଁ ତୁମ ଉପରେ ଜିହାଦ୍ କରିବା ଫରଜ୍ (ବୈଧ) ନୁହେଁ । କିନ୍ତୁ ଯଦି ତୁମର ଏହି ଇଚ୍ଛା ତେବେ ଯୁଦ୍ଧରେ ସାମିଲ୍ ହୋଇଯାଅ । ଓ ତାଙ୍କ ପୁଅମାନଙ୍କୁ ମଧ୍ୟ କହିଲେ କି ତାଙ୍କୁ ଯୁଦ୍ଧରେ ସାମିଲ୍ ହେବାକୁ ଦିଅ । ସୁତରାଂ ହଜରତ୍ ଉମରୋ ଯୁଦ୍ଧରେ ସାମିଲ୍ ହେଲେ ଓ ଏ ପ୍ରାର୍ଥନା କରୁଥିଲେ କି ହେ ଅଲ୍ଲାଃ ମୋତେ ଶାହଦତ୍ ପ୍ରଦାନ କର । ଏବଂ ମୋତେ ଅସଫଳ କରି ନିଜ ଘରକୁ ଫେରାଇ ଦିଅନାହିଁ । ସୁତରାଂ ବାସ୍ତବରେ ତାଙ୍କର ଏହି ଇଚ୍ଛା ମଧ୍ୟ ପୂରଣ ହେଲା ଓ ସେ ଓ୍ୱହଦ୍‌ର ଯୁଦ୍ଧକ୍ଷେତ୍ରରେ ଶହିଦ୍ ହେଲେ । (ଅସଦୁଲ୍ ଗାବା ଖଣ୍ଡ-୭, ପୃଷ୍ଠା-୬୮୮-୬୮୯, ମୁତରଜିମ୍ ଉମ୍‌ରୋବିନ୍ ଜମୁହ୍.....ଲାହୋର୍)

ସୁତରାଂ ଏହି ଲୋକମାନେ ବିଶ୍ୱାସରେ ବେଶ୍ ଆଗରେ ଥିଲେ, କୌଣସି ସାହାବାଙ୍କ ଜୀବନି ଦେଖିନିଅ । ନିଷ୍ଠା ଓ ବିଶ୍ୱସ୍ତତାର ସହିତ ଅଲ୍ଲାଃଙ୍କ ଖାତିର ପ୍ରାଣବଳି ଦେବା ପାଇଁ ସେମାନେ ପ୍ରତି ମୁହୂର୍ତରେ ପ୍ରସ୍ତୁତ ରହୁଥିଲେ ।

ହଜରତ ଅବୁ ତଲହା ଜଣେ ଅନ୍‌ସାରୀ ସାହାବୀ ଥିଲେ ଯିଏ ତୀର ଚାଳନାରେ ବହୁତ ପ୍ରସିଦ୍ଧ ଥିଲେ ଓ୍ୱହଦ୍ ଯୁଦ୍ଧ ସମୟରେ ତୀର ଚାଳନା କରି ସେ ନିଜର ବହୁତ କର୍ତବ୍ୟ ଦେଖାଇଥିଲେ । (ସହି ବୁଖାରୀ କିତାବୁଲ୍ ମନାକିବ୍..... ହଦିସ୍ ନଂ-୩୮୧୧), (ସହି ବୁଖାରୀ କିତାବୁଲ୍ ମଗାଜୀ.....ହଦିସ୍ ନଂ-୪୦୬୪)

ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ କି ଅବୁ ତଲହାଙ୍କ ସମ୍ମୁଖରେ ତୀର ଗୁଡ଼ିକ ଆଣି ପକାଇଦିଅ କାରଣ ସେ ବହୁତ ଶିଘ୍ର ଶିଘ୍ର ତୀରଗୁଡ଼ିକ ବ୍ୟବହାର କରୁଥିଲେ ଓ ତାଙ୍କର ସେହି ତୀର ଗୁଡ଼ିକ ଠିକ୍ ଲକ୍ଷ୍ୟ ସ୍ଥଳରେ ମଧ୍ୟ ଲାଗୁଥିଲା । ତାଙ୍କୁ ମଧ୍ୟ ହଜୁର ସ.ଆଙ୍କ ସମ୍ମୁଖରେ ଢାଲ ପରି ଛିଡ଼ା ହୋଇ ରହିବାର ଗୌରବ ଅର୍ଜନ ହୋଇଥିଲା । ସେ ଅନ୍‌ସାରୀ ଥିଲେ । ସେ ନିଜର ହାତକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚେହେରାର ସମ୍ମୁଖରେ ରଖିଥିଲେ ଓ ତାଙ୍କୁ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ଛିଡ଼ା ହୋଇ ସାହସ ଓ ନିର୍ଭିକତାର ସହିତ ନିଜର କଳା ଦେଖାଇବାର ଅବସର ମିଳିଥିଲା । (ସହିବୁଖାରୀ କିତାବୁଲ୍ ମୁନାକିବ୍... ହଦିସ୍ ନଂ-୩୮୧୧) ନିର୍ଭୟ ହୋଇ ବିପଦପୂର୍ଣ୍ଣ ସ୍ଥାନରେ ଛିଡ଼ା ହୋଇ ଯୁଦ୍ଧ କରିବାକୁ ସେ ପ୍ରାଥମିକତା ଦେଉଥିଲେ । ଏହା ଏଇଥିପାଇଁ କରୁଥିଲେ କି ଯେଉଁ ଶତ୍ରୁମାନେ ଇସ୍‌ଲାମ୍‌କୁ ଶେଷ କରିଦେବା ପାଇଁ ଚାହୁଁଥିଲେ, ତାଙ୍କ ସହିତ ଲଢ଼ିବେ । ଏହା ଏଥିପାଇଁ କି ସଂସାରରେ ଶାନ୍ତି ସ୍ଥାପନ ହୋଇପାରିବ । ଯେପରିକି ମୁଁ କହିସାରିଛି ସେହି ଲୋକମାନେ ଅତ୍ୟାଚାର କରିବା ପାଇଁ ଯୁଦ୍ଧ କରୁନଥିଲେ ବରଂ ଶତ୍ରୁମାନଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ସେ ଛିଡ଼ା ହୋଇଥିଲେ ଓ ସେଥିରେ ସାହସିକତାର ସହ ନିଜର ସବୁକିଛି କର୍ତବ୍ୟ ଦେଖାଇଲେ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ଲାଭ କରିବା ପାଇଁ ନିଜର ସମସ୍ତ କ୍ଷମତାକୁ ବିନିଯୋଗ କଲେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃଙ୍କ ତରଫରୁ ଯାହା ଜଣାଇଦିଆଯାଇଥାଏ ତାହା ନିଶ୍ଚିତ ପୂରଣ ହୋଇଥାଏ, ସାଧନ ଓ ମାଧ୍ୟମର କୌଣସି ଲୋଡ଼ା ନଥାଏ । ଅଲ୍ଲାଃତାଲା କୁହନ୍ତି ମୋ ମାର୍ଗରେ ଗଲେ **ମୁରାଗମନ୍ କସିରାନ୍** (ନିସା:୧୦୧) ପ୍ରାପ୍ତ କରିବ । ପବିତ୍ର ନିୟତ୍‌ର ସହିତ ଯାହା କରିବ ସେଥିରେ ଅଲ୍ଲାଃ ସାହାଯ୍ୟ କରିବେ ବରଂ ମଣିଷ ଯଦି ବେମାର ଥାଏ ତେବେ ତାହାର ରୋଗ ମଧ୍ୟ ଦୂର ହୋଇଯାଇଥାଏ" । ଆପଣ କୁହନ୍ତି ସାହାବାଙ୍କର ନମୁନା ଦେଖ, ପ୍ରକୃତରେ ସେମାନଙ୍କ ନମୁନା ସମସ୍ତ ଅବତାରମାନଙ୍କ ଦୃଷ୍ଟାନ୍ତ ଅଟେ । ଅଲ୍ଲାଃଙ୍କୁ ତ (କାର୍ଯ୍ୟ କରିବା) ହିଁ ପସନ୍ଦ, ଉକ୍ତ ସାହାବାମାନେ ଛେଳିମେଣ୍ଢା ପରି ନିଜର ପ୍ରାଣକୁ ଉତ୍ସର୍ଗ କରିଦେଲେ । ଓ ସେମାନଙ୍କର ଉଦାହରଣ ଏପରି ଯେପରି ନବୁୱତ୍‌ର ଅଟେ । ଓ ଯାହା ଆଦମ୍ ଆ:ସଙ୍କ ଠାରୁ ଚାଲିଆସିଛି । (ନବୁୱତ୍‌ର ଏକ ରୂପ ଅଛି, ଏକ ବୈଭବ ଅଛି ଯାହାକୁ ପ୍ରକାଶ୍ୟରେ ବତାଇ ଦିଆଯାଏ) ଆମ ଧର୍ମ ଇତିହାସରେ ତାହା ଆଦମ୍ ଆ:ସଙ୍କ ଠାରୁ ଆସିବା ଦୃଷ୍ଟିଗୋଚର ହେଉଛି) । ପୁଣି କହୁଛନ୍ତି କି "କିନ୍ତୁ ସାହାବା କରାମ୍ ଚମତ୍କାରିତା ପ୍ରଦର୍ଶନ କଲେ" (କେବଳ ସେମାନେ ଏହା ଜାଣିଲେ ନାହିଁ ବରଂ ତା ଉପରେ ଅମଳ କରି ଦେଖାଇଦେଲେ) । "ଏବଂ ଜଣାଇଦେଲେ କି ସତ୍ୟ ଓ ପ୍ରେମ କାହାକୁ କୁହାଯାଏ" ଆପଣ କହୁଛନ୍ତି କି ପବିତ୍ର କୋରାନରୁ ପ୍ରମାଣିତ ଯେ ହଜରତ ଈଶା ଆ.ସଙ୍କ ସତ୍ୟବାଦୀ ହେବା ଉପରେ ହୱାରିମାନଙ୍କୁ ସନ୍ଦେହ ଥିଲା ତେଣୁକରି ତ ସେମାନେ ପ୍ରମାଣ ମାଗିଲେ ଏବଂ କହିଲେ **ଓ୍ୱ ନାଲମା ଅନ୍ କଦ୍‌ସଦକ୍‌ତନା** ଯଦ୍ୱାରା ତୁମେ ସତ୍ୟବାଦୀ କି ମିଥ୍ୟାବାଦୀ ପ୍ରମାଣିତ ହୋଇଯିବ । ଏଥିରୁ ଜଣାଯାଉଛି ଦିବ୍ୟବାଣୀ ଅବତୀର୍ଣ୍ଣ ହେବା ପୂର୍ବରୁ ସେମାନଙ୍କ ଅବସ୍ଥା **ନାଲମ୍** (ଆମେ ଜାଣିଛୁ) ପରି ନଥିଲା । ପୁଣି ଯେଉଁଭଳି କଷ୍ଟକର ଜୀବନ ସାହାବାମାନେ ଅତିବାହିତ କରିଛନ୍ତି ତାହାର ଦୃଷ୍ଟାନ୍ତ (ଅନ୍ୟ କୌଣସି ସ୍ଥାନରେ) ମିଳୁ ନାହିଁ" । **ସାହାବାଙ୍କ ଦଳ ଅଦ୍ଭୁତପୂର୍ଣ୍ଣ (ଦଳ) ଥିଲା, ସମ୍ମାନନୀୟ ଓ ଅନୁସରଣ ଯୋଗ୍ୟ ଦଳ ।** ସେମାନଙ୍କ ହୃଦୟ ବିଶ୍ୱାସରେ ପରିପୂର୍ଣ୍ଣ ଥିଲା । ଯେତେବେଳେ ବିଶ୍ୱାସ ଆସେ ସେତେବେଳେ ଉକ୍ତ ମାର୍ଗରେ ସର୍ବପ୍ରଥମେ ଅର୍ଥ ଦାନ କରିବାକୁ ଆଗ୍ରହ ପ୍ରକାଶ ପାଇଥାଏ ଏବଂ ଯେତେବେଳେ ତାହା ସୁଦୃଢ଼ ହୁଏ ସେତେବେଳେ ସେ ଅଲ୍ଲାଃଙ୍କ ମାର୍ଗରେ ପ୍ରାଣବଳି ଦେବାକୁ ପ୍ରସ୍ତୁତ ହୋଇଯାଏ" । (ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୪୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍)

ଏହି ବିଶ୍ୱାସ ମଧ୍ୟ ହଜୁର ସ.ଆଙ୍କ ପବିତ୍ର ଆଚରଣ ଯୋଗୁଁ ପ୍ରତିମୁହୂର୍ତରେ ବଢ଼ିଚାଲିଥିଲା । ଉକ୍ତ ସାହାବାଙ୍କ ନିତିଦିନିଆ ମାମଲା ମଧ୍ୟ ରସୁଲଙ୍କ ସହ ତାଙ୍କ ପ୍ରେମ କରିବାର ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖାଉଥିଲା । ସେମାନେ ଏ ଚେଷ୍ଟା କରୁଥିଲେ କି କିଭଳି କୌଣସି ସୁଯୋଗ ମିଳିଲେ ଆମେ ହଜୁର ସ.ଆଙ୍କୁ ପ୍ରେମ କରୁଥିବାର ନିଜ ଆବେଗ ପ୍ରକାଶ କରିବୁ ।

ହଜରତ ଅବଦୁଲ୍ଲାଃ ବିନ୍ ଉମର ର.ଅଙ୍କ ସମ୍ବନ୍ଧରେ ଲେଖାଅଛି କି ସେ ସର୍ବଦା ଏହି ଚିନ୍ତାରେ ରହୁଥିଲେ କି କିଭଳି ସାଧାରଣ ଅବସ୍ଥାରେ ମଧ୍ୟ ହଜୁର ସ.ଆଙ୍କ ସହ ନିଜ ପ୍ରେମ ଓ ବିଶ୍ୱସ୍ତତାର ପରିପ୍ରକାଶ କରିବି । ରିୱାୟତ୍‌ରେ ଆସୁଛି କି ଏକଦା ନିଜର ପୁତ୍ର ହଜରତ୍ ଜାବିରଙ୍କ ହାତରେ ଘରେ ତିଆରି ହୋଇଥିବା କୌଣସି ମିଠା ଜିନିଷ ଆଁ ହଜ୍‌ରତ୍‌ଙ୍କ ନିକଟକୁ ପଠାଇଲେ । ଯେବେ ସେ ଫେରିଲେ ତ ପୁଅକୁ ପଚାରିଲେ କି ଆଁ ହଜ୍‌ରତ୍ ସ:ଆ:ସ କିଛି କହିଲେ କି? ସେ କହିଲେ ଯେ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଜାବିର୍ ମାଂସ ଆଣିଛି । ଏଥିରେ ହଜ୍‌ରତ୍ ଅବ୍‌ଦୁଲା ବିନ୍ ଉମ୍‌ରୋ କହିଲେ ମୋ ମୁନିବଙ୍କୁ ମାଂସ ଖାଇବାର ଇଚ୍ଛା ଅଛି । ସେହି ସମୟରେ ତତ୍‌କ୍ଷଣାତ୍ ଗୋଟିଏ ଛେଳି ଜେବ୍ଦ କଲେ ଏବଂ ପୁଣି ତାର ମାଂସକୁ ରାନ୍ଧି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ପଠାଇଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ କୁଟୁମ୍ବମାନଙ୍କ ପାଇଁ ମଧ୍ୟ ଦୁଆ କଲେ । (ଅଲ୍‌ଜାମେଅସ୍ ଶୋବଲ୍ ଇମାନ୍ ଖଣ୍ଡ-୮, ପୃଷ୍ଠା-୬୨-୬୩, ହଦିସ୍ ନଂ-୫୫୦୩.....୨୦୦୩)

ସାହାବାଙ୍କୁ ପ୍ରାରମ୍ଭରେ ନିଜ ପରିଜନଙ୍କୁ ଇସଲାମ ସମ୍ବନ୍ଧରେ ଅବଗତ କରିବା କଷ୍ଟକର ହେଉଥିଲା । କେଉଁ ଘରେ ପୁତ୍ର ମୁସଲମାନ ତ ପିତା ଅଣମୁସଲମାନ ଥିଲେ । ପୁଣି କୌଣସିଠାରେ ଦୁର୍ବଳ ସମ୍ପର୍କୀୟ ମୁସଲମାନ ହେବା ଯୋଗୁଁ ଅନ୍ୟ ସବଳ ସମ୍ପର୍କୀୟମାନେ ତାଙ୍କୁ ପ୍ରତାଡ଼ିତ କଲେଣି । ହଜରତ ଉମର ବିନ୍ ଜମୁଙ୍କ ପୂର୍ବରୁ ତାଙ୍କ ପୁତ୍ର ବୟତ୍ କରିନେଇଥିଲେ । ବାପା ମୁସ୍‌ରିକ୍ (ବହୁ ଈଶ୍ୱରବାଦୀ) ଥିଲା । ବାପାଙ୍କୁ ତବ୍‌ଲିଗ୍ କରିବାର ଯେବେ କୌଣସି ରାସ୍ତା ଦେଖା ନଗଲା ଅର୍ଥାତ୍ ବାପା ମାନୁନଥିଲେ ତେବେ ପୁତ୍ର ଏହି ରାସ୍ତା ବାହାର କଲେ କି ସେ ପ୍ରତିଦିନ ନିଜ ପିତାଙ୍କ ପୂଜ୍ୟ ପ୍ରତିମୂର୍ତି ଉଠାଇ ଅଳିଆ ଗଦାରେ ଫିଙ୍ଗି ଦେଉଥିଲେ ଯଦ୍ୱାରା ପିତା ତାଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ହୋଇ କହୁଥିଲେ କି ଯଦି ମୁଁ ଜାଣିଯିବି ଯେ କିଏ ମୋ ମୂର୍ତ୍ତି ସହିତ ଏପରି ବ୍ୟବହାର କରିଛି ତେବେ ମୁଁ ତାଙ୍କୁ ବହୁତ କଷ୍ଟକର ଦଣ୍ଡ ଦେବି । ଆର ଦିନକୁ ପୁଣି ପୁଅ ନିଜ ବାପାଙ୍କର ମୂର୍ତିକୁ ସାଥିରେ ନେଇ ସେହିପରି ବ୍ୟବହାର କରୁଥିଲା । କେଉଁ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

ପୃଷ୍ଠା- ୬ ର ଅବଶିଷ୍ଟାଂଶ ...

ତାର ବାପାକୁ ବଦ୍‌ନାମ୍ କରିବ ? ବେଶ୍ୟାଳୟକୁ ଯିବ? ଓ ଜୁଆ ଖେଳିବ, ମଦ ପିଇବ ବା ଏପରି କୁକର୍ମ କରିବ ଯଦ୍ୱାରା ତାର ବାପା ବଦ୍‌ନାମ୍ ହେବ" ପୁଣି କହୁଛନ୍ତି କି "ମୁଁ ଜାଣିଛି ଯେ କୌଣସି ବ୍ୟକ୍ତି ଏପରି କରିବାକୁ ପସନ୍ଦ କରିବ ନାହିଁ କିନ୍ତୁ ଯଦି ସେହି ଅମାନ୍ୟକାରୀ ପୁତ୍ର ଏପରି କରେ ତେବେ ଲୋକମାନଙ୍କ ମୁହଁ ବନ୍ଦ୍ ହେବନାହିଁ । ଲୋକମାନେ ବାପ ଆଡକୁ ହାତ ଉଠାଇ କହିବେ ଯେ ଇଏ ହେଉଛି ଅମୁକ ଲୋକର ପୁତ ଯିଏ ଅମୁକ ଅମୁକ କୁକାର୍ଯ୍ୟ କରୁଅଛି । ସୁତରାଂ ସେହି ଅମାନ୍ୟକାରୀ ପୁତ୍ର ନିଜେ ହିଁ ନିଜ ବାପାଙ୍କ ବଦ୍‌ନାମୀର କାରଣ ହୋଇଥାଏ । ଯେତେବେଳେ କୌଣସି ବ୍ୟକ୍ତି କୌଣସି ସଂଗଠନରେ ସାମିଲ ହୋଇଥାଏ ଏବଂ ତାହାର ମହାନତା ଓ ସମ୍ମାନ ପ୍ରତି ଯତ୍ନବାନ ହୋଇନଥାଏ ବରଂ ତାହାର ବିରୋଧାତ୍ମକ କାର୍ଯ୍ୟ କରେ ତେବେ ସେ ଅଲ୍ଲାଃଙ୍କ ନିକଟରେ ଧରାପଡ଼ିବ । **କାରଣ ସେ କେବଳ ନିଜକୁ ଧ୍ୱଂସ କରିନଥାଏ ବରଂ ଅନ୍ୟମାନଙ୍କ ପାଇଁ ମନ୍ଦ ନମୁନା ପ୍ରଦର୍ଶନ କରି ସେମାନଙ୍କୁ ସୌଭାଗ୍ୟ ପ୍ରାପ୍ତି ଓ ସତ୍‌ମାର୍ଗରୁ ବଂଚିତ ରଖିଥାଏ ।** (ଲୋକମାନେ ଯେତେବେଳେ ତାର ଖରାପ ନମୁନାକୁ ଦେଖିବେ ସେତେବେଳେ ଜମାତ୍ ଠାରୁ ସେ ଦୂରେଇ ଯିବେ, ପାଖକୁ ଆସିବେ ନାହିଁ । ଫଳତଃ ସେହି ସବୁ ସୌଭାଗ୍ୟ ଗୁଡିକ, ଯାହା ସବୁ ଜମାତ୍‌ରେ ସାମିଲ୍ ହେବା ଦ୍ୱାରା ମିଳିଥାଆନ୍ତା ସେଥିରୁ ବଂଚିତ ରହିବେ) ସୁତରାଂ ଯେଉଁପର୍ଯ୍ୟନ୍ତ ଆପଣମାନଙ୍କ ସାମର୍ଥ୍ୟ ରହିଛି ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କର ଏବଂ ନିଜର ପୂର୍ଣ୍ଣ ଶକ୍ତି ଓ ସାହସିକତାର ସହିତ ନିଜ ଦୁର୍ବଳତାକୁ ଦୂର କରିବାକୁ ଚେଷ୍ଟା କର । ଯେଉଁସ୍ଥଳେ ବିବଶ ହୋଇଯାଅ ସେଠାରେ ସତ୍ୟ ଓ ବିଶ୍ୱାସର ସହ ହାତ ଉଠାଅ କାରଣ ବିନମ୍ରତାର ସହିତ ଉଠିଥିବା ହାତ ଖାଲି ଫେରିନଥାଏ । ଆମେ ନିଜ ଅଭିଜ୍ଞତାରୁ କହୁଅଛୁ କି ଆମର ସହସ୍ର ଦୁଆ ସ୍ୱୀକାର ହୋଇଛି ଓ ହେଉଅଛି"। କହୁଛନ୍ତି କି ଯଦି କୌଣସି ବ୍ୟକ୍ତି ନିଜ ଭିତରେ ବା ନିଜ ଲୋକଙ୍କ ପାଇଁ ସହାନୁଭୂତିର ଗୁଣ ଓ ଜୋସ୍ ନରଖିଛି ତେବେ ନିଶ୍ଚିତ ରୂପେ ସେ କୃପଣ ଅଟେ"। (ଯଦି ସେ ଅନ୍ୟ ଲୋକମାନଙ୍କ ନିମନ୍ତେ ସହାନୁଭୂତି ନଦେଖାଉଛି ତେବେ ସେ ହେଉଛି କୃପଣ) "ଯଦି ମୁଁ କୌଣସି ଏପରି ମାର୍ଗ ଦେଖିବି ଯେଉଁଥିରେ କିଛି ଭଲ କଥା ଓ ପୁଣ୍ୟ ଥିବ ତେବେ ଏହା ମୋ ପାଇଁ ଉଦ୍ଦିଷ୍ଟ ଯେ ମୁଁ ଏ ବିଷୟରେ ଲୋକମାନଙ୍କୁ ଡାକି ଡାକି ଅବଗତ କରାଇବି । ଏ କଥାର ପରବାୟ ହେବା ଉଚିତ୍ ନୁହେଁ କି ଏହା ଉପରେ କିଏ ଅମଲ କରୁଛି ବା ନକରୁଛି" । (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୪୬-୧୪୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆପଣ କହୁଛନ୍ତି କି "ଯେପର୍ଯ୍ୟନ୍ତ ମଣିଷ ଚେଷ୍ଟା ନକରିଛି, ଦୁଆ ଦ୍ୱାରା କାମ ନନେଇଛି ସେପର୍ଯ୍ୟନ୍ତ ହୃଦୟରେ ପଡ଼ିଥିବା ମଳିନତା ଦୂର ହୋଇପାରିବ ନାହିଁ । ସୁତରାଂ ଅଲ୍ଲାଃତାଲା କହୁଛନ୍ତି- ଇନ୍ନଲ୍ଲାହା ଲାୟୁଗୈୟୁରୁ ମାବି କଉମିନ୍ ହତ୍ତା ୟୁଗୈୟୁରୁ ମାବି ଅନ୍‌ଫୁସିହିମ୍ । (ରାଦ୍:୧୨) ଅର୍ଥାତ୍ ଖୁଦାତାଲା ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟ ଓ ବିପଦ ଆପଦ, ଯେଉଁଗୁଡ଼ିକ ଏ କୌମ୍ ପରେ ଆସିଥାଏ, ଦୂରେଇ ଦିଅନ୍ତି ନାହିଁ ଯେପର୍ଯ୍ୟନ୍ତ ନିଜେ କୌମ୍ ଏହାକୁ ଦୂର କରିବା ପାଇଁ ଚେଷ୍ଟା ନକରେ । ସାହସ ନକରେ ଓ ବାହାଦୁରି ସହିତ କାର୍ଯ୍ୟ ନକରେ ତେବେ କାହିଁକି ପରିବର୍ତ୍ତନ ହେବ । ଏହା ଅଲ୍ଲାଃତାଲାଙ୍କର ଏକ ଅପରିବର୍ତିତ ସୁନ୍ନତ୍ ଅଟେ । ଯେପରି ଅଲ୍ଲାଃତାଲା କହୁଛନ୍ତି- ୱଲନ୍‌ତଜିଦା ଲିସୁନ୍ନତି ଲାହେ ତବ୍‌ଦିଲା । (ଅହ୍‌ଜାବ୍:୬୩) ସୁତରାଂ ଆମ ଜମାତ ହେଉ ବା ଆଉ କେହି ହେଉ ସେମାନେ ସେତେବେଳେ ତାଙ୍କ ନିଜର ଚରିତ୍ରକୁ ପରିବର୍ତ୍ତନ କରିପାରିବେ ଯେତେବେଳେ ସେମାନେ ଅହରହ ଚେଷ୍ଟା ଓ ଦୁଆର ସାହାଯ୍ୟ ନେବେ ନଚେତ୍ ଏହା ସମ୍ଭବ ନୁହେଁ" । (ମଲ୍‌ଫୁଜାତ୍, ଖଣ୍ଡ-୧, ପୃଷ୍ଠା-୧୩୭, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅଲ୍ଲାଃତାଲା ଆମକୁ ହଜୁର ସ.ଆଙ୍କ ସୁନ୍ଦର ଶିଷ୍ଟାଚାର ମୁତାବକ ଅମଳ କରି ନିଜ ଚରିତ୍ରକୁ ପ୍ରତ୍ୟେକ ପ୍ରକାର, ପ୍ରତ୍ୟେକ ଅବସରରେ ତଥା ପ୍ରତ୍ୟେକ ସ୍ଥାନରେ ଏବଂ ପ୍ରତ୍ୟେକ ଅବସ୍ଥାରେ ସୁନ୍ଦରରୁ ଅତି ସୁନ୍ଦର କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମ ଶିଷ୍ଟାଚାରର ସ୍ତର ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭକାରୀ ସାବ୍ୟସ୍ତ ହେଉ ନା କି ଲୋକଦେଖାଣିଆ । ଆମ ହୃଦୟରେ (ଅଲ୍ଲାଃଙ୍କ) ସୃଷ୍ଟି ପ୍ରତି ସଙ୍କୋଚ ସହାନୁଭୂତି ଉତ୍ପନ୍ନ ହେଉ, ଆମେ ଧର୍ମପରାୟଣତାର ସ୍ତର ବୃଦ୍ଧି କରିଚାଲୁ । ଆମେ ଯୁଗର ଇମାମଙ୍କୁ ସ୍ୱୀକାର କରିଛେ ତ ଆମର ଚିନ୍ତାଧାରା ସର୍ବଦା ଏପରି ରହିବା ଉଚିତ୍ କି ଆମର କୌଣସି କାର୍ଯ୍ୟ ଇସଲାମ, ହଜରତ ମହମ୍ମଦ ସ.ଆ ଓ ହଜରତ ମସିହ ମଉଦ ଆ.ସଙ୍କୁ ବଦନାମ କରିବାର କାରଣ ସାବ୍ୟସ୍ତ ନହେଉ ବରଂ ଇସଲାମର ସୁନ୍ଦର ଶିକ୍ଷାକୁ ଆମେ ପ୍ରଚାର ପ୍ରସାର କରି ସଂସାରବାସୀଙ୍କୁ ପ୍ରଭାବିତ କରିଚାଲୁ । ଆଠାରୁ ବଳି ଆମକୁ ନିଜ ଚାରିତ୍ରିକ ସ୍ତର ବୃଦ୍ଧି ନିମନ୍ତେ ପ୍ରତ୍ୟେକ ମୁହୂର୍ତ୍ତରେ ଚେଷ୍ଟା କରିବା ଏବଂ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ ତାହାର ପ୍ରାପ୍ତି ନିମନ୍ତେ ଦୁଆ କରିବା ଉଚିତ୍ ।

ଖୁତବାର ଶେଷରେ ହଜୁର ଅନୱର ଅ.ବ କହିଲେ- ନମାଜ ଜୁମା ପରେ ମୁଁ ଏକ ଜନାଯାଃ ଗାଏବ ମଧ୍ୟ ପାଠ କରାଇବି ଯାହାକି ଶ୍ରୀମାନ ଶେଖ୍ ଅବଦୁଲ୍ ମଜିଦ୍ ପିତା ଶେଖ୍ ଅବଦୁଲ୍ ହମିଦ୍ ସାହେବ ଡ଼େଫନସ୍ ସୋସାଇଟି କରାଚି ନିବାସୀଙ୍କର ଅଟେ । ଗତ ମାସ ୧୫ ତାରିଖ ଦିନ ୮୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଲା । **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ କୁଟୁମ୍ବରେ ଅହେମଦୀୟତ୍ ତାଙ୍କ ଜେଜେ ବାପା ହଜ୍‌ରତ୍ ଶେଖ୍ ନୁର୍ ଅହେମଦ୍ ସାହେବ୍ ଜଲନ୍ଧରୀଙ୍କ ଜରିଆରେ ଆସିଥିଲା ଯାହାଙ୍କାର ଚର୍ଚ୍ଚା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ପୁସ୍ତକ ଅଞ୍ଜାମେ ଆଥମ୍ ରେ ୩୧୩ ଜଣ ସାହାବାଙ୍କ ସୂଚୀରେ ୨୪୨ ନଂ ରେ ଶେଖ୍ ନୁର୍ ଅହେମଦ୍ ଜଲନ୍ଧର ହାଲ୍ ମୁମ୍ବାସା ନାମରେ ଦରଜ କରିଛନ୍ତି । (ଅନ୍‌ଜାମେ ଆଥମ୍ ରୁହାନି ଖଜାଏନ୍, ଖଣ୍ଡ-୧୧, ପୃଷ୍ଠା-୩୨୮) । ଇଏ ୧୯୨୯ରେ ଜଲନ୍ଧରରେ ଜନ୍ମ ହୋଇଥିଲେ । ତାଲିମୁଲ୍ ଇସ୍‌ଲାମ୍ କଲେଜ୍ କାଦିଆନ୍‌ରୁ FSC କରିବା ପରେ ସରକାରୀ କଲେଜ ଲାହୋର୍‌ରୁ କେମିକାଲ୍ ଇଞ୍ଜିନିୟରିଂ MSC କଲେ ଓ କଲେଜ୍‌ରେ ଟପର୍ ମଧ୍ୟ ହେଲେ । ପୁଣି ୧୯୫୧-୧୯୫୩ ପର୍ଯ୍ୟନ୍ତ ଏଠାରେ ୟୁ.କେ ର Surrey University ରେ ମେଟାଲୋଜିକାଲ୍ ଇଞ୍ଜିନିୟରିଂର ଶିକ୍ଷା ହାସଲ କଲେ । ଏହାପରେ ଆପଣଙ୍କୁ କରାଚିରେ ଜମାତି ଖିଦ୍‌ମାତ୍ (ସେବା) କରିବାର ସୌଭାଗ୍ୟ ମିଳିଲା । ସେକ୍ରେଟାରୀ ଜାଏଦାଦ୍, ସଦର୍ ଇମ୍‌ଦାଦ୍ କମିଟି, ହଲ୍‌କାର ସଦର ମଧ୍ୟ ଥିଲେ । ନାଏବ୍ ଅମୀର୍ କରାଚି ରୂପେ ମଧ୍ୟ ଖିଦ୍‌ମତ୍ କରିବାର ସୌଭାଗ୍ୟ ମିଳିଛି । ମଜ୍‌ଲିସ୍ ତହ୍‌ରିକ୍ ଯଦିଦ୍ ମର୍କଜିଆର ସଦସ୍ୟ ଥିଲେ । ଆପଣଙ୍କ ସନ୍ତାନ ମାନଙ୍କ ଭିତରେ ଜଣେ ଝିଅ ଅଛନ୍ତି ଯାହାଙ୍କ ନାମ ହେଉଛି ସଲ୍‌ମା ତାରିକ୍ ଯିଏ ତାରିକ୍ ସଜ୍ଜାଦ୍ ସାହେବଙ୍କ ସ୍ତ୍ରୀ ଅଟନ୍ତି ଏବଂ ଦୁଇଜଣ ନାତି ଅଛନ୍ତି ଓ ଜଣେ ନାତୁଣୀ ଅଛନ୍ତି ।

ତାଙ୍କ ନାତୀ ଲେଖୁଛନ୍ତି କି କାଦିଆନ୍‌ରେ ବୁଜୁରୁଗ୍ ମାନଙ୍କ ସୋହବତ୍‌ରେ ରହି ପିଲାଦିନୁ ଅଲ୍ଲାଃତାଲାଙ୍କ ସହିତ ଏକ ବିଶେଷ ସମ୍ପର୍କ ଥିଲା ଏବଂ କହୁଛନ୍ତି ମେଟ୍ରିକ୍ ପରୀକ୍ଷାର ଇଂରାଜୀ ପ୍ରଶ୍ନପତ୍ରର ଉତର ଭଲ ହେଲାନାହିଁ । ତେଣୁ ସେ ମସ୍‌ଜିଦ୍ ଆଡକୁ ଯାଉଥିଲେ । ରାସ୍ତାରେ ହଜ୍‌ରତ୍ ମୌଲାନା ଶେର୍ ଅଲ୍ଲୀ ସାହେବ୍ ମିଳିଲେ । ସେ ମସ୍‌ଜିଦ୍‌ରୁ ବାହାରୁଥିଲେ । ମୌଲାନା ସାହେବ୍ ପରୀକ୍ଷା ବିଷୟରେ ପଚାରି ବୁଝିଲେ । ସେ କହିଲେ ଭଲ ହୋଇନାହିଁ । ମୌଲାନା ଶେର୍ ଅଲୀ ସାହେବ୍ ହାତ ଉଠାଇ ସେଇଠି ହିଁ ଦୁଆ କଲେ ଏବଂ ତାଙ୍କୁ କହିଲେ ଯେ ଆପଣ ପାସ୍ ହୋଇଯିବେ । ଅର୍ଥାତ୍ ସୁସମ୍ବାଦ ଦେଲେ । କହୁଛନ୍ତି କି ଏହାପରେ ସେହି ଦୁଆ ଏପରି ଗ୍ରହଣୀୟ ହେଲା ଯେ ପ୍ରତ୍ୟେକ ପରୀକ୍ଷାରେ ମୁଁ ପାସ୍ ହୋଇ ଚାଲିଲି । ଅଭାବ ଓ ସ୍ୱଚ୍ଛଳ ବିଭିନ୍ନ ପ୍ରକାର ଅବସ୍ଥା ତାଙ୍କ ଉପରେ ଆସିଛି । ଏଠାରୁ ଯିବା ପରେ ଅନେକ ଚାକିରୀ ମଧ୍ୟ ସେ କଲେ । ଯମାତ୍‌ର ବିରୋଧ ଯୋଗୁ ମଧ୍ୟ ବା ଅଫିସର୍ ମାନଙ୍କର ଆପୋଷି କୁବୁଝାମଣା ଓ ଖରାପ ବ୍ୟବହାର ଯୋଗୁ ମଧ୍ୟ ତାଙ୍କୁ ଚାକିରୀରୁ ବାହାର କରିଦିଆଯାଉଥିଲା । ପରିଶେଷରେ ସେ ବ୍ୟବସାୟ ଆରମ୍ଭ କଲେ ଓ ଏ ଶପଥ କଲେ କି ନିଜ ଖର୍ଚ୍ଚ ପାଇଁ ଅଳ୍ପ କିଛି ରଖିବି । ବାକି ଯାହା କିଛି ମିଳିବ ସବୁ ଜମାତ୍‌କୁ ଦେଇଦେବି ଓ ଅଲ୍ଲାଃତାଲାଙ୍କ ଦୟାବଳରୁ ସେ ଅଲ୍ଲାଃତାଲାଙ୍କ ସହିତ ଯେଉଁ ପ୍ରତିଶ୍ରୁତି ବାନ୍ଧିଥିଲେ ତାକୁ ସାରାଜୀବନ ପୁରଣ କଲେ । ସେ ବିଜ୍‌ନେସ୍ କଲେ, କାରଖାନା ବସାଇଲେ । ସେଥିରୁ ଯାହା କିଛି ଲାଭ ମିଳୁଥିଲା ସବୁକିଛି ଜମାତ୍ ପାଇଁ ଖର୍ଚ୍ଚ କରୁଥିଲେ । ଜମାତ୍‌କୁ ସବୁବେଳେ ଚାନ୍ଦା ଦେଉଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ଯେବେ ଏମ୍.ଟି.ଏ ର ଶୁଭାରମ୍ଭ କଲେ ସେ ସମୟରେ ମଧ୍ୟ ସେ ତତ୍‌କ୍ଷଣାତ୍ ଏକ କୋଟି ଟଙ୍କା ଦେଲେ । ସେହିପରି ରୁଷିଆରେ ଏକଦା ମସ୍‌ଜିଦ୍ ନିର୍ମାଣ କରିବାର ଭାବନା ସୃଷ୍ଟି ହୋଇଥିଲା । ସେ ସମୟରେ ଏହି ତେହ୍‌ରିକ୍ ପୂର୍ବରୁ ଅହେମଦୀଙ୍କର ଗୋଟିଏ ରୁଷିୟ ପ୍ରତିନିଧି ମଣ୍ଡଳ ଏଠାକୁ ଆସି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ଗୋଟରେ ଉପସ୍ଥିତ ହେଲା ଓ କଥାବାର୍ତା ଚାଲିଥିଲା । ସେହି ସମୟରେ ହଜୁର୍‌ଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ବତାଇଲେ କି ଶେଖ୍ ସାହେବ୍ ବିନା କୌଣସି ତେହ୍‌ରିକ୍‌ରେ ଏହି ମୋଟା ଅଙ୍କର ଅର୍ଥ ସେଠିକାର ମସ୍‌ଜିଦ୍ ପାଇଁ ଦେଇଛନ୍ତି ଓ ପ୍ରାଇଭେଟ୍ ସେକ୍ରେଟାରୀ ତାଙ୍କୁ କହିଲେ କି ଏଥିରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ବହୁତ ଖୁସି ପ୍ରକାଶ କଲେ । ଏହିପରି ସେଠିକାର ମୁରବୀ ସାହେବ ଲେଖୁଛନ୍ତି କି ୨୦୧୦ ମସିହାରେ ଯେବେ ଦାରୁଲ୍ ଜିକର୍‌ରେ ଓ ମଡେଲ୍ ଟାଉନ୍‌ରେ ୨୮ ମଇ ର ଘଟଣା ଘଟିଲା ତେବେ ସେ କହୁଛନ୍ତି କି ସେହିଦିନ ସନ୍ଧ୍ୟାବେଳେ ମୁଁ ଦଫ୍‌ତର ଗଲି । ଦେଖିଲି ସେଠିକାର ସେକ୍ରେଟାରୀ ମାଲ୍ ଗୋଟିଏ ରସିଦ୍ କାଟୁଥିଲେ ଏବଂ ମୁଁ ଦେଖୁଥିଲି କି ଶୂନ ପରେ ଶୂନ ପକାଇ ଚାଲିଥିଲେ । ମୁଁ ତାଙ୍କୁ ପଚାରିଲି ଯେ ଆପଣ କୌଣସି ଭୂଲ୍ ତ କରୁନାହାଁନ୍ତି । ସେ କହିଲେ ନାଇ । ବରଂ ବର୍ତମାନ ଶେଖ୍ ସାହେବ୍ ସୟଦ୍ ବେଲାଲ୍ ଫଣ୍ଡ ନିମନ୍ତେ ଏକକୋଟି ଟଙ୍କା ଦେଇଯାଇଛନ୍ତି । ସେହିପରି ପବିତ୍ର କୋରାନ୍‌ର ପ୍ରକାଶନ ନିମନ୍ତେ ସେ ବହୁତ ମୋଟା ଅଙ୍କର ଅର୍ଥ ଦେଇଛନ୍ତି । କରାଚି ଜମାତ୍‌ର ବହୁତ ଗୁଡ଼ିକ ପ୍ରୋଜେକ୍ଟ ଥିଲା । ସେଥିପାଇଁ ଚାନ୍ଦା ଦେଇଛନ୍ତି ଓ ସେ ସବୁବେଳେ ବହୁତ ସାଧା ଓ ସରଳ ଜୀବନ ବିତାଇଛନ୍ତି । ତାଙ୍କର ଆବଭାବରୁ ଏହା ଲାଗୁନଥିଲା କି ଏ ବ୍ୟକ୍ତି ଦୁଇଟି ଫ୍ୟାକ୍ଟ୍ରିର ମାଲିକ ଓ ବଡ଼ ଧନୀ ବ୍ୟକ୍ତି ବୋଲି । କାରଣ ଯାହା ଉପାର୍ଜନ ହେଉଥିଲା ସେଥିରେ ନିଜ ପାଇଁ ଓ ନିଜ ଘରର ଖର୍ଚ୍ଚ ପାଇଁ ରଖି ବାକି ସବୁତକ ଜମାତ୍‌କୁ ଦେଇଦେଉଥିଲେ ଓ ଶେଷରେ ଏ ଓ୍ୱସିୟତ୍ କରିଯାଇଛନ୍ତି କି ମୋର ଯାହା ସମ୍ପତି ଅଛି ଏ ସବୁ ଜମାତ୍‌ର ହେବ । ଅଲ୍ଲାଃତାଲା ତାଙ୍କ ଉପରେ ତାର ଅଶେଷ କରୁଣା ପ୍ରଦାନ କରନ୍ତୁ ଏବଂ ତାଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ଓ ତାଙ୍କ ନାତୀ ନାତୁଣୀ ଓ ପିଲାମାନଙ୍କୁ, ଝିଅକୁ ମଧ୍ୟ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ଓ ସେମାନଙ୍କୁ ତାଙ୍କର ପୁଣ୍ୟ ନମୁନା ଉପରେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ନମାଜ ପରେ ତାଙ୍କର ନମାଜ ଯନାଜାଃ ଗାଏବ୍ ପଢ଼ାଇବି ।

ᚕᚕᚕᚕᚕᚕᚕᚕ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୧୨ ର ଅବଶିଷ୍ଟାଂଶ......

ସହିତ ମଧ୍ୟ ଅନ୍ୟାୟ କରନାହିଁ । ଇସ୍‌ଲାମ୍ ନ୍ୟାୟର ଶିକ୍ଷା ଦେଇଥାଏ । ଯେବେ କି ମୁସଲ୍‌ମାନ୍ ନ୍ୟାୟ କରୁନାହାଁନ୍ତି । ଇସ୍‌ଲାମ୍ ସରକାରଙ୍କ କାନୁନ୍ ବ୍ୟବସ୍ଥାକୁ ପାଳିବା ପାଇ ନିର୍ଦ୍ଦେଶ ଦେଇଥାଏ । କିନ୍ତୁ ସାଧାରଣତଃ ମୁସଲ୍‌ମାନ୍‌ମାନେ ଏହାକୁ ପାଳନ କରିନଥାନ୍ତି । ଏହିପରି ଆହୁରି ଅନେକ ଇସ୍‌ଲାମୀୟ ଶିକ୍ଷା ଉପରେ ଅମଲ କରୁନାହାଁନ୍ତି ବରଂ ଏହାର ବିପରୀତ ଲଢ଼େଇ ଝଗଡ଼ା କରୁଛନ୍ତି । ମୁସଲ୍‌ମାନ୍ ଦେଶଗୁଡିକ ନିଜ ଅଧିବାସୀମାନଙ୍କୁ ମାରୁଛନ୍ତି । ଲୋକମାନେ ସରକାରଙ୍କ ଖିଲାଫ୍‌ରେ ବିଦ୍ରୋହ କରୁଛନ୍ତି, ବିଦ୍ରୋହୀ ଗୋଷ୍ଠୀମାନ ସୃଷ୍ଟି ହେଉଛନ୍ତି । ସେମାନଙ୍କୁ ଯେତେବେଳେ ୟୁରୋପୀୟ ଲୋକମାନେ ଦେଖୁଛନ୍ତି ସେମାନେ ଭାବୁଛନ୍ତି କି ବୋଧହୁଏ ଇସ୍‌ଲାମ୍ ଏହିଭଳି ଧର୍ମ ଅଟେ । କିଛି ଲୋକ କଠୋରପନ୍ଥୀ ଅବଲମ୍ବନ୍ କରି ଦଙ୍ଗା ଫସାଦ୍, ହଣାମରା କରୁଛନ୍ତି । କିନ୍ତୁ ଯେବେ ଆମେ ତାଙ୍କୁ ବତାଉଛୁ କି ଏହା ଇସ୍‌ଲାମ୍ ନୁହେଁ, ଇସ୍‌ଲାମ୍ ତ ଶାନ୍ତିପ୍ରିୟ ଓ ସୌହାର୍ଦ୍ଦ୍ୟପୁର୍ଣ୍ଣ ଧର୍ମ ଅଟେ, ପ୍ରେମର ଧର୍ମ ଅଟେ । ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି । ତେଣୁ ଆମେ ଏହାକୁ କଠୋରପନ୍ଥୀ ବୋଲି କହିପାରିବୁ ନାହିଁ ।

ମୁଁ ବିଭିନ୍ନ ସ୍ଥାନରେ ଓ କନ୍‌ଫରେନ୍‌ସ ଗୁଡିକରେ ଏହା ବତାଉଛି କି ଇସ୍‌ଲାମ୍ ହେଉଛି ଏପରି । ତେବେ ଏହା ଶୁଣି ଲୋକମାନେ କହୁଛନ୍ତି କି ଯଦି ଇସ୍‌ଲାମ୍ ଏପରି ଅଟେ ତେବେ ତାହାହେଲେ ଏହାତ ବହୁତ ସୁନ୍ଦର୍ ଧର୍ମ ଅଟେ । ସେହିପରି ଯେବେ ଆମେ ଲିଫ୍‌ଲେଟ୍‌ସ୍ ବାଂଟୁଛୁ ସେତେବେଳେ ଲୋକମାନେ ପ୍ରକୃତ ଇସ୍‌ଲାମ୍ ବିଷୟରେ ଜାଣିପାରୁଛନ୍ତି । ଓ ଏଥିରେ ଲୋକମାନେ କହୁଛନ୍ତି କି ଏହିଭଳି ଇସ୍‌ଲାମ୍‌କୁ ତ ଆମେ ପସନ୍ଦ କରୁଛୁ । ଯଦି ତୁମେ ଏମ୍.ଟି.ଏ ଦେଖିବ ତ ସେଥିରେ ବିଭିନ୍ନ ପ୍ରୋଗ୍ରାମ୍ ଆସୁଛି, ୟୁରୋପୀୟ ଲୋକମାନେ ଏକଥାକୁ ପ୍ରକାଶ କରୁଛନ୍ତି । ଅର୍ଥାତ୍ ଯେଉଁ ଇସ୍‌ଲାମ୍‌କୁ ଯମାତ୍ ଅହେମଦୀୟା ଉପସ୍ଥାପନ କରୁଅଛି ଏହା ତ ବହୁତ ଭଲ ଇସ୍‌ଲାମ୍ ଅଟେ । ସୁତରାଂ ଅସଲ ଇସ୍‌ଲାମ୍ ହେଉଛି ତାହା ଯାହାକୁ ଆମେ ଅହେମଦୀମାନେ ବତାଉଛୁ ।

ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ଏ ଭବିଷ୍ୟବାଣୀ କରିଥିଲେ କି ମୁସଲ୍‌ମାନ୍ ମାନେ ଗୋଟିଏ ସମୟରେ ନଷ୍ଟ ହୋଇଯିବେ ଓ ଅସଲ ଶିକ୍ଷାକୁ ଭୁଲିଯିବେ । ସେହି ସମୟରେ ମସିହ୍ ମଉଦ୍ ଆ:ସ ଆସିବେ ଓ ପ୍ରକୃତ ବାସ୍ତବିକ ଇସ୍‌ଲାମ୍‌ର ଶିକ୍ଷାକୁ ବତାଇବେ । ତୁମେମାନେ ଅହେମଦୀ । ତେଣୁ ଲୋକମାନଙ୍କୁ ବତାଓ ଯେ ଯେଉଁ ଇସ୍‌ଲାମ୍‌କୁ ତୁମେମାନେ ଅନ୍ୟ ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଦେଖୁଅଛ ତାହା ପ୍ରକୃତ ଇସ୍‌ଲାମ୍ ନୁହେଁ ବରଂ ଯେଉଁ ଇସ୍‌ଲାମ୍‌କୁ ନବୀ କରିମ୍ ସ:ଆ:ସ ଆଣିଛନ୍ତି ଓ ପବିତ୍ର କୋରାନ୍ ଆମକୁ ବତାଇଛି ତାହା ଶାନ୍ତି ଓ ପ୍ରେମର ଇସ୍‌ଲାମ୍ ଅଟେ, ଆମେ ଅହେମଦୀମାନେ ଏହା ଉପରେ ଅମଲ କରୁଅଛୁ ।

ଆଉ ଜଣେ ଝିଅ ପ୍ରଶ୍ନ କଲେ କି ଅହେମଦୀ ଓ ଗଏର୍ ଅହେମଦୀ (ଅହେମଦୀ ଓ ଅଣ ଅହେମଦୀ ମୁସଲ୍‌ମାନ୍) ମାନଙ୍କ ମଧ୍ୟରେ କଣ ପାର୍ଥକ୍ୟ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଅହେମଦୀ ଓ ଗଏର୍ ଅହେମଦୀ ମଧ୍ୟରେ ପାର୍ଥକ୍ୟ ହେଉଛି ରସୁଲେ କରିମ୍ ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ ଓ ସୁରା ଜୁମାରେ ମଧ୍ୟ ଏହାକୁ ବର୍ଣ୍ଣନା କରାଯାଇଛି କି ଶେଷ ଯୁଗରେ ମସିହ୍ ମଉଦ୍ ଆସିବେ । ଗଏର୍ ଅହେମଦୀ ମଧ୍ୟ ଏହା ମାନୁଛନ୍ତି କି ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଆସିବେ, କିନ୍ତୁ ସେମାନେ କହୁଛନ୍ତି ମସିହ୍ ଆକାଶରୁ ଓହ୍ଲାଇବେ ଅର୍ଥାତ୍ ଇସା ଆ:ସ ଆକାଶରେ ଜୀବିତ ବସିଛନ୍ତି ଓ ପୁନର୍ବାର ଆସିବେ । ଯେବେ କି ଆମେ କହୁଛୁ କି କୌଣସି ମନୁଷ୍ୟ ସବୁବେଳେ ପାଇଁ ଜିବୀତ ରହିପାରିବ ନାହିଁ । ଯଦି କାହାକୁ ଜୀବିତ ରହିବାର ଥିଲା ତେବେ ସେ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସ । ଅଲ୍ଲାଃତାଲାଙ୍କର ସବୁଠାରୁ ପ୍ରୀୟ ନବୀ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସ । ଯେବେ ଆପଣ ସ:ଆ:ସ ଜୀବିତ ରହିଲେ ନାହିଁ ତେବେ ହଜ୍‌ରତ୍ ଇସା ଆ:ସ କିପରି ଜିବୀତ ରହିପାରିବେ । ଆମେ ଅନ୍ୟ ମୁସଲ୍‌ମାନ ମାନଙ୍କୁ କହୁଛୁ କି ତୁମେମାନେ ଭୁଲ୍ ବୁଝୁଛ । କୌଣସି ଲୋକ ଆକାଶରୁ ଓହ୍ଲାଇବେ ନାହିଁ ଓ ନା ମେହେଦୀଙ୍କ ସହିତ ମିଶି ସେ ହିଦାୟତ୍ ଦେବେ ନା ଇସାଇ ମାନଙ୍କୁ ହତ୍ୟା କରିବେ ବରଂ ମସିହ୍ ଓ ମେହଦୀ ହେଉଛନ୍ତି ଜଣେ ଓ ସେହି ମେହ୍‌ଦୀ ଓ ମସିହ୍ ମୁସଲ୍‌ମାନ୍ ମାନଙ୍କୁ ହିଦାୟତ୍ ଦେବେ ଓ ଦଲିଲ୍ ସହିତ ଅନ୍ୟ ଲୋକମାନଙ୍କର ଆରୋପକୁ ରଦ୍ଦ କରିବେ ଏବଂ ଲୋକମାନଙ୍କୁ କହିବେ କି ଅସଲ ଓ ପ୍ରକୃତ ଶିକ୍ଷା କଣ ବୋଲି ଓ ସମସ୍ତ ଲୋକମାନଙ୍କୁ ଗୋଟିଏ ହାତରେ ଏକତ୍ରିତ କରିବେ ।

ଆମେ ଅହେମଦୀମାନେ ଏହା ମାନୁଛୁ କି ଯେଉଁ ମସିହ୍ ଓ ମେହେଦୀକୁ ଆସିବାର ଥିଲା ସେ ଏହି ଉମ୍ମତ୍‌ରେ ଆସିଯାଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ସହି ବୁଖାରୀରେ ତାଙ୍କର ଏହି ଉମ୍ମତ୍‌ରେ ଆସିବା ସମ୍ବନ୍ଧରେ ସୁ ସମ୍ବାଦ ଦେଇଛନ୍ତି । ତେଣୁ ଯାହାକୁ ଆସିବାର ଥିଲା ସେ ଆସିଗଲେ । ଏବଂ ସେହି ମସିହ୍ ମଉଦ୍ ହେଉଛନ୍ତି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଆ:ସ । ଆମେ ତାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପେଶ୍‌ଗୋଇ ମୁତାବକ ମାନୁଛୁ ଯେବେକି ଗଏର୍ ଅହେମଦୀ କହୁଛନ୍ତି କି ସେ ଏପର୍ଯ୍ୟନ୍ତ ଆସିନାହାଁନ୍ତି । ସେ ଆକାଶରୁ ହିଁ ଓହ୍ଲାଇବେ ।

ମସିହ୍ ମଉଦ୍‌ଙ୍କ ଆଗମନ ବିଷୟରେ ଯେଉଁ ନିଦର୍ଶନ/ଚିହ୍ନ/ଲକ୍ଷଣ ମାନ ଦିଆଯାଇଥିଲା ତାହା ମଧ୍ୟ ପୁରା ହୋଇଗଲାଣି ସେଗୁଡିକ ମଧ୍ୟରୁ ନୁଆ ନୁଆ ଯାନ ବାହାନର ଉଦ୍ଭାବନ ହେବାର ଲକ୍ଷଣ ମଧ୍ୟ ଥିଲା । ଟ୍ରେନ୍ ହେଲା, ଜାହାଜ ହେଲା, ପୁଣି ସୂର୍ଯ୍ୟ ଓ ଚନ୍ଦ୍ରକୁ ରମ୍‌ଯାନ୍ ମାସରେ ପୂର୍ବ ନିର୍ଦ୍ଧାରିତ ତାରିଖ ଗୁଡିକରେ ଗ୍ରହଣ ଲାଗିବାର ନିଦର୍ଶନ ମଧ୍ୟ ଥିଲା । ତାହା ସବୁ ମଧ୍ୟ ପୂରଣ ହୋଇଗଲାଣି । ତେଣୁ ଆମ ପାଖରେ ଦଲିଲ୍ ଅଛି କି ପବିତ୍ର କୋରାନ୍ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଯାହାକୁ ଆସିବାର ଥିଲା ଓ ଆସି ସାରିଛନ୍ତି ଆମେ ତାକୁ ମାନି ସାରିଛୁ । ଏବେ ଆଉ କେହି ଆସିବେ ନାହିଁ । କିନ୍ତୁ ଅନ୍ୟ ମୁସଲ୍‌ମାନ୍ ମାନେ କହୁଛନ୍ତି କି ଇମାମ୍ ମେହ୍‌ଦୀଙ୍କୁ ଆକାଶରୁ ଓହ୍ଲାଇବାର ଥିଲା ।

ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣମାନେ ନିଦର୍ଶନ ଓ ଦଲିଲ୍ ଗୁଡିକୁ ମଧ୍ୟ ମନେରଖନ୍ତୁ । ଆଉ ଗୋଟିଏ ଝିଅ ପ୍ରଶ୍ନ କଲା କି ଆପଣଙ୍କର ପ୍ରତ୍ୟହ ଦିନଚର୍ଯ୍ୟା କଣ ? ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ-ମୁଁ ଅନେକ ଥର କହିସାରିଛି । ପୁଣି ମଧ୍ୟ ବତାଇ ଦେଉଛି ପାହାନ୍ତାରେ ନଫିଲ୍ ପଢ଼ିବା ପାଇଁ ଉଠୁଛି । ଏହାପରେ କିଛି ସମୟ ପବିତ୍ର କୋରାନ୍ ପାଠ କରୁଛି, ସୁନ୍ନତ ପଢୁଛି, ପୁଣି (ଫଜର୍) ନମାଜ ପଢ଼ିବା ପାଇଁ (ମସ୍‌ଜିଦ୍) ଯାଉଛି । ସେଠାରୁ ଫେରି ଅଳ୍ପ କିଛି ବ୍ୟାୟାମ କରୁଛି । ପୁଣି ପୁନର୍ବାର ପବିତ୍ର କୋରାନ୍‌ର ତଫ୍‌ସିର୍ ପଢୁଛି । ତା ପରେ ଟିକିଏ ଶୋଇ ଯାଉଛି । ପୁଣି ଉଠି ନାସ୍ତା କରୁଛି । ନାସ୍ତା ପରେ ଦଫ୍‌ତର୍ ଯାଉଛି । ବିଭିନ୍ନ ଦଫ୍‌ତର୍‌ରୁ ଓ ବିଭିନ୍ନ କମିଟିର ଲୋକମାନେ ସାକ୍ଷାତ୍‌କାର୍ କରିବା ପାଇଁ ଆସିଯାଆନ୍ତି । ସେହିପରି କିଛି ଦେଶର ଅମୀର୍‌ମାନେ ସାକ୍ଷାତ୍ କରିବା ପାଇଁ ଆସିଥାନ୍ତି । ଦୁଇ ତିନିଘଂଟା ଏହିପରି ବିତିଯାଏ । ପୁଣି ନମାଜ ଜୋହର୍ ପଢ଼ାଇବା ପାଇଁ ଯାଏ । ନମାଜ୍‌ରୁ ଆସି ଘରେ ମଧ୍ୟାହ୍ନ ଭୋଜନ କରେ । ତା ପରେ ଟିକିଏ ଆରାମ କରିଥାଏ । ପୁଣି ଉଠି ଦଫ୍‌ତର୍ ଯାଏ । ଦଫ୍‌ତର୍‌ର ଚିଠି ପତ୍ର ଏବଂ ବିଭିନ୍ନ ମିଶନ୍‌ରୁ ଆସିଥିବା ଚିଠି ପତ୍ର ଗୁଡିକ ଦେଖିଥାଏ । ସନ୍ଧ୍ୟାବେଳର ଚ' ପିଇସାରିବା ପରେ ଅସର୍ ନମାଜ୍ ପଢ଼ିବା ପାଇଁ ଯାଇଥାଏ । ପୁଣି ଲୋକମାନେ ସାକ୍ଷାତ୍ କରିବା ପାଇଁ ଆସିଥାଆନ୍ତି । ସେଥିରେ ଦେଢ଼ ଦୁଇଘଂଟା ବିତିଯାଏ । ପୁଣି ବାହାରୁ ଆସିଥିବା ଚିଠି ପତ୍ର ଦେଖେ । ଏହାପରେ ରାତ୍ର ଭୋଜନ କରିଥାଏ ଓ ନମାଜ ଇଶା ପଢ଼ିବା ପାଇଁ ଚାଲିଯାଏ । ଯଦି କେହି ନିକଟ ସମ୍ପର୍କୀୟ ସାକ୍ଷାତ୍ କରିବା ପାଇଁ ଆସିଯାଆନ୍ତି ତେବେ ପାଂଚ ସାତ ମିନିଟ୍ ତାଙ୍କ ସହିତ ମିଶେ । ପୁଣି ପୁନର୍ବାର ଦଫ୍‌ତର୍‌ରେ ଯାଇ ଚିଠିପତ୍ର ଦେଖିଥାଏ । ପୁଣି ରାତି ବଢ଼ିଯାଏ । ରାତି ଏଗାର ସାଢ଼େ ଏଗାର ହେବା ପରେ କିଛି ପୁସ୍ତକ ପଢ଼େ, ଖବରକାଗଜ ଇତ୍ୟାଦି ଦେଖିନିଏ, ପୁଣି ଟିକିଏ ଶୋଇଯାଏ ଏବଂ ପୁନର୍ବାର ସେହି ରୁଟିନ୍ ଆରମ୍ଭ ହୋଇଯାଏ । ଏହି ସମୟ ମଧ୍ୟରେ ଲୋକମାନଙ୍କ ନିକଟରୁ ବହୁତ ଗୁଡିଏ ଚିଠି ପତ୍ର ଆସିଥାଏ, ସେଗୁଡିକ ମଧ୍ୟ ଦେଖିଥାଏ । ସପ୍ତାହରେ ସାତ ଆଠ ହଜାର ଚିଠି ଆସୁଅଛି, ଯେଉଁ ଚିଠି ଗୁଡିକର ସଂକ୍ଷିପ୍ତ ସାର ମୋ ପାଖକୁ ଆସିଥାଏ ଓ ଛଅ-ସାତ ହଜାର୍ ଚିଠି ତ ଏହିଭଳି ଆସିଯାଏ । ତୁମେମାନେ ମଧ୍ୟ ଚିଠି ଲେଖ ।

ହଜୁର୍ ଅନୁଓ୍ୱର୍ ଝିଅ ପିଲାମାନଙ୍କୁ ପଚାରିଲେ କଣ ତୁମେମାନେ କେବେ ଚିଠି ଲେଖୁଛ । ମୋ ଦସ୍ତଖତ ସହିତ ଉତର ଆସିଥାଏ ବା ପ୍ରାଇଭେଟ୍ ସେକ୍ରେଟାରୀଙ୍କର ଦସ୍ତଖତ ଦ୍ୱାରା ଉତର ଆସିଥାଏ । ପୁଣି ପଚାରିଲେ ତୁମେମାନେ କଣ ଦେଖୁଛ । କାହା ଦସ୍ତଖତ ହୋଇ ଚିଠି ଗୁଡିକ ଆସେ । ତୁମମାନଙ୍କୁ କେବେ ତୁମ ଚିଠିର ଉତର ମିଳିଛି । ଏଥିରେ ପିଲାମାନେ ଉତର ଦେଲେ ଆମକୁ ହଜୁର୍ ଅନୁଓ୍ୱର୍‌ଙ୍କ ତରଫରୁ ଚିଠିର ଉତର ମିଳୁଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହିପରି ହିଁ ଦିନସାରା ବିତିଯାଏ ।

ଆଉ ଗୋଟିଏ ଝିଅ ପଚାରିଲେ କି କଣ ହଜୁର୍ ଖଲିଫା ହେବା ପୂର୍ବରୁ କେଉଁଠାରେ ଚାକିରୀ କରୁଥିଲେ ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ତ ଓ୍ୱକ୍‌ଫେ ଜିନ୍ଦେଗୀ (ନିଜ ଜୀବନକୁ ଉତ୍ସର୍ଗ କରିଦେବା) ଥିଲି । ଦଫ୍‌ତର୍‌ରେ ଜମାତ୍‌ର ହିଁ କାର୍ଯ୍ୟ କରୁଥିଲି । ଖଲିଫା ହେବା ପୂର୍ବରୁ ସଦର୍ ଅଞ୍ଜୁମାନ୍‌ରେ, ଯେଉଁଠି ଆମ ସେଂଟର୍‌ର କାର୍ଯ୍ୟାଳୟ ଗୁଡିକ ଅଛି, ସେଠାରେ ନାଜର୍ ଆଲା ଥିଲି । ତା ପୂର୍ବରୁ ନାଜର୍ ତାଲିମ୍ ମଧ୍ୟ ରହିଛି । ଶିକ୍ଷା କ୍ଷେତ୍ରରେ ଯେତେଗୁଡିକ ସମସ୍ୟା ଥିଲା ତାର ସମାଧାନ କରିବାକୁ ପଡୁଥିଲା । ତା ପୂର୍ବରୁ ତେହ୍‌ରିକ୍ ଯଦିଦ୍‌ରେ ଓ୍ୱକାଲତ୍ ମାଲ୍‌ରେ ଥିଲି ଏବଂ ତା ପୂର୍ବରୁ ଘାନାରେ ଥିଲି । ସ୍କୁଲ୍‌ରେ ମଧ୍ୟ ରହିଛି ଏବଂ ପ୍ରୋଜେକ୍ଟ ପରିଚାଳନା ମଧ୍ୟ କରିଛି । ମୁଁ ଓ୍ୱକ୍‌ଫେ ଜିନ୍ଦେଗୀ ଥିଲି । ତେଣୁ ପ୍ରଥମ ଦିନରୁ ନେଇ ଶେଷ ଦିନ ପର୍ଯ୍ୟନ୍ତ ଜମାତ୍‌ର ହିଁ କାର୍ଯ୍ୟ କରିଛି । ଯେଉଁମାନେ ଓ୍ୱକ୍‌ଫେ ନୌରେ ସାମିଲ୍ ଅଛନ୍ତି ସେମାନଙ୍କୁ ମଧ୍ୟ ମନେ ରଖିବା ଉଚିତ୍ କି ସେମାନଙ୍କୁ ଜମାତ୍‌ର ଅଧିକରୁ ଅଧିକ କାର୍ଯ୍ୟ କରିବା ଆବଶ୍ୟକ ।

ଆଉ ଗୋଟିଏ ଝିଅପିଲା ପଚାରିଲା କି ଜୀବନରେ ଥରେ ହଜ୍ କରିବା କାହିଁକି ଧାର୍ଯ୍ୟ ଅଟେ । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଧାର୍ଯ୍ୟ ନୁହେଁ । ଯିଏ ହଜ୍ ଗସ୍ତ ନିମନ୍ତେ ଖର୍ଚ୍ଚ ବହନ କରିପାରୁଥିବ, ଯାହାଙ୍କୁ ଗସ୍ତର ସବୁ ସୁବିଧା ଉପଲବ୍ଧ ଥିବ, କୌଣସି ପ୍ରକାରର ବିପଦ ନଥିବ ତେବେ ଯାଇ ତା ଉପରେ ଏହା ଧାର୍ଯ୍ୟ ଅଟେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମକ୍କା ବିଜୟ ପୂର୍ବରୁ ବହୁତ ଅସୁବିଧା ଥିଲା, ବିପଦ ଥିଲା । ଆପଣ ସ:ଆ:ସ ହଜ୍ କରିପାରିନଥିଲେ । ମକ୍କା ମଧ୍ୟ ଯାଇପାରୁନଥିଲେ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ-ଯଦି ସମସ୍ତ ସୁବିଧା ଉପଲବ୍ଧ ଥିବ ତେବେ ଜୀବନରେ ଥରେ ହଜ୍ କରିବା ଯଥେଷ୍ଟ ହେବ । କିନ୍ତୁ ହଜ୍ କରିବା କେବଳ ସେହି ଲୋକଙ୍କ ଉପରେ ଧାର୍ଯ୍ୟ ଅଟେ ଯାହାଙ୍କୁ ସବୁ ପ୍ରକାରର ସୁବିଧା ଉପଲବ୍ଧ ହୋଇଥାଏ । ବାଟଖର୍ଚ୍ଚ ମଧ୍ୟ ଥିବ, ରାସ୍ତାରେ କୌଣସି ବିପଦ ନଥିବ, ତେବେ ପୁଣି ତୁମେ ହଜ୍ କରିପାର । ଏହା ଭଲକଥା କିନ୍ତୁ ଯଦି ରାସ୍ତାରେ ପ୍ରତିବନ୍ଧକ ଥିବ ଓ ସେଥିଯୋଗୁ ତୁମେ ହଜ୍ କରିପାରୁନାହଁ ତେବେ କିଛି କଥା ନାହିଁ ।

ପୁଣି ଗୋଟିଏ ଝିଅ ପ୍ରଶ୍ନ ପଚାରିଲେ-ଆପଣ କେତେଗୋଟି ଭାଷା ଜାଣିଛନ୍ତି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- କିଛି ବି ଆସୁନାହିଁ । ଭଲ ଭାବେ କେବଳ ଉର୍ଦ୍ଦୁ ଆସୁଛି । ଆଉ କିଛିଟା ଇଂରାଜୀ ଆସୁଛି । ଆରବୀକୁ ମଧ୍ୟ ଅଳ୍ପ ବହୁତ ବୁଝି ଯାଉଛି ।

ଆଉ ଜଣେ ଝିଅ ପିଲା ପ୍ରଶ୍ନ ପଚାରିଲେ କି ଆପଣଙ୍କୁ କେଉଁ ପଶୁ ଭଲ ଲାଗେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସବୁ ପଶୁ ଭଲ ଲାଗନ୍ତି । ହଜୁର୍ ଅନୁଓ୍ୱର୍ ପୁଣି ତାଙ୍କୁ ପଚାରିଲେ କି ତୁମକୁ କେଉଁ ପଶୁ ଭଲ ଲାଗେ । କଣ ତୁମେ ଘରେ କୌଣସି ପଶୁ ପାଳିଛ କି ? ସେ ଝିଅ ଜଣକ ଉତର ଦେଲେ କି ତାକୁ ଛୋଟ କୁକୁର ପିଲା ଭଲ ଲାଗେ । ହଜୁର୍ ଅନୁଓ୍ୱର୍ କହିଲେ କି ଯଦି ଶିକାର ପାଇଁ ରଖିଛ ତେବେ ଠିକ୍ ଅଛି । ସେହିପରି ସୁରକ୍ଷା ନିମନ୍ତେ ଯଦି ରଖିଛ ତେବେ ଠିକ୍ ଅଛି ନଚେତ୍ କେବଳ ସଉକ ପାଇଁ ଯଦି ରଖିଛି ତେବେ ତାର କୌଣସି ଆବଶ୍ୟକତା ନାହିଁ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 19 April 2018 Issue No.16

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

### ୦୮ ମଇ ୨୦୧୬ ରବିବାର
### ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ନାସିରାତୁଲ୍ ଅହେମଦୀୟାଙ୍କ କ୍ଲାସ୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ନାସିରାତୁଲ୍ ଅହେମଦୀୟାଙ୍କ କ୍ଲାସ୍ ଆରମ୍ଭ ହେଲା । ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଜରିଆରେ ହେଲା । ଯାହାକୁ ଅଜିଜା ସବିକା ମେହ୍‌ମୁଦ୍ ପାଠ କଲେ । ଏହାପରେ ତାହାର ଉର୍ଦ୍ଦୁ ଅନୁବାଦ ଅଜିଜା ରୌଶାନା ଜାହିର୍ ଉପସ୍ଥାପନ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଡେନିସ୍ ଭାଷା ଜାଣିଥିବା ଲୋକଙ୍କ ନିମନ୍ତେ ଡେନିସ୍ ଅନୁବାଦ ମଧ୍ୟ ହେବାର ଉଚିତ୍ ଥିଲା । ଏହାପରେ ଅଜିଜା ସାଖ୍‌ରା ତାହିର୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ବର୍ଣ୍ଣିତ ଖିଲାଫତ୍ ସମ୍ବନ୍ଧରେ ଗୋଟିଏ ହଦିସ୍ ଉପସ୍ଥାପନ କଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜା ଶମାଇଲା ଶାହିଦ୍ ପଢ଼ି ଶୁଣାଇଲେ ।

ହଜ୍‌ରତ୍ ହୁଜେଫା ର:ଅ ବର୍ଣ୍ଣନା କରି କହୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ତୁମମାନଙ୍କ ମଧ୍ୟରେ ନବୁଓ୍ୱତ୍ କାଏମ୍ ରହିବ, ଯେ ପର୍ଯ୍ୟନ୍ତ ଅଲ୍ଲାଃ ଚାହିଁବେ । ପୁଣି ସେ ଏହାକୁ ଉଠାଇନେବ ଓ ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ (ନବୁଓ୍ୱତ୍‌ର ଅନୁସରଣରେ ଖିଲାଫତ୍) କାଏମ୍ ହେବ । ପୁଣି ଅଲ୍ଲାଃତାଲା ଯେବେ ଚାହିଁବେ ଏହି ନେମତ୍‌କୁ ଉଠାଇ ନେବେ । ପୁଣି ତା ତକ୍‌ଦିର୍ (ଶକ୍ତି) ମୁତାବକ ଦୁଃଖ ପହଂଚାଉଥିବା ସମ୍ରାଟ୍ ମାନଙ୍କର ସାମ୍ରାଜ୍ୟ କାଏମ୍ ହେବ । ଯେବେ ତାହା ଶେଷ ହୋଇଯିବ ତେବେ ତାର ଦ୍ୱିତୀୟ ତକ୍‌ଦିର୍ ମୁତାବକ ଅତ୍ୟାଚାରୀ ସମ୍ରାଟ୍ କାଏମ୍ ହେବେ । ଏପରିକି ଅଲ୍ଲାଃତାଲାଙ୍କର ଦୟା ଓ କରୁଣା ଜୋସ୍‌ରେ ଆସିବ ଓ ଏହି ଦୁଃଖ ଓ ଅତ୍ୟାଚାରର ଯୁଗକୁ ଶେଷ କରିଦେବ । ଏହାପରେ ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ କାଏମ୍ ହେବ । ଏହା କହି ଆପଣ ସ:ଆ:ସ ଚୁପ୍ ହୋଇଗଲେ ।

ଏହାପରେ ଅଜିଜା ୱନିସା ଅହେମଦ୍ ''ଖୋଲୋଫାଏ ରାଶ୍‌ଦିନ୍'' ବିଷୟରେ ବକ୍ତବ୍ୟ ପ୍ରଦାନ କଲେ ଏବଂ ଚାରିଜଣ ଖୋଲୋଫାଏ ରାଶ୍‌ଦିନ୍‌ଙ୍କ ସମ୍ବନ୍ଧରେ ସଂକ୍ଷିପ୍ତରେ ଚର୍ଚ୍ଚା କଲେ ।

ଏହାପରେ ଅଜିଜା ଅଲିଶା ବଟ୍, ଲବିନା ଜାଓ୍ୱେଦ୍, ମୁବଶିରା ଚିମା, ଅନିକା ଲଇକ୍, ମଶ୍‌ଅଲେ ଅହେମଦ୍ ଏବଂ ଅଜିଜା ଜାରା ତାରିକ୍ ନିମ୍ନଲିଖିତ ମନ୍‌ଜୁମ୍ କଲାମ୍ (କବିତା)କୁ କୋରସ୍ ଆକାରରେ ଅତି ସୁନ୍ଦର ଲଳିତ ସ୍ୱରରେ ପାଠ କଲେ ।

ହମାରା ଖିଲାଫତ୍ ପେ ଇମାନ୍ ହୈ
ଯେ ମିଲ୍ଲତ୍ କି ତନ୍‌ଜିମ୍ କି ଜାନ୍ ହୈ
ଖିଲାଫତ୍ ସେ ଜିନ୍ଦା ଦିଲୋଁ ମେ ଖୁଦା
ଖିଲାଫତ୍ ଗରିବୋଁ କା ହୈ ଆସ୍‌ରା
ନା କ୍ୟୁଁ ଜାନୋ ଦିଲ୍ ସେ ହୁଁ ଉସ୍‌ପର୍ ଫିଦା
ଉସିକେ ହୈ ଦମ୍ ସେ ହମାରା ବକା
ନା ହୋଗା କଭି ଆପ୍‌ନା ଇଖ୍‌ଲାସ୍ କମ୍
ବଢ଼େଗା ଉସିସେ ହମାରା କଦମ୍
ଖିଲାଫତ୍‌କା ଜବ୍‌ତକ୍ ରହେଗା କୟାମ୍
ନା କମ୍‌ଜୋର୍ ହୋଗା ହମାରା ନିଜାମ୍

ଏହାପରେ ଅଜିଜା ବସ୍‌ମା ଚିମା ଖିଲାଫତ୍ କି ବର୍‌କାତ୍ ପ୍ରସଙ୍ଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲିଖିତ ପାରାକୁ ଉପସ୍ଥାପନ କଲେ । ଏହା ନିମ୍ନରେ ଦିଆଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଖିଲାଫତ୍ ବିଷୟରେ ଅଲ୍‌ଓ୍ୱସିୟତ୍ ପତ୍ରିକାରେ କହୁଛନ୍ତି:-

(ଅଲ୍ଲାଃତାଲା) ''ଦୁଇ ପ୍ରକାରର କୁଦ୍‌ରତ୍ ପ୍ରକାଶ କରିଥାଏ । (୧)ପ୍ରଥମତଃ ନବୀମାନଙ୍କ ହାତରେ ନିଜ କୁଦ୍‌ରତ୍‌କୁ ପ୍ରକାଶ କରି ଦେଖାଏ । (୨)ଦ୍ୱିତୀୟତଃ ନବୀଙ୍କ ମୃତ୍ୟୁ ପରେ ଯେବେ ଅନେକ କଠିନତା ଓ ସମସ୍ୟ ଇତ୍ୟାଦି ଉପୁଜିଥାଏ ଏବଂ ସେତେବେଳେ ଶତୃମାନେ ଉତ୍ସାହିତ ହୋଇପଡନ୍ତି ଓ ଏହା ଭାବିଥାନ୍ତି କି ଏବେ ସବୁ କାମ ବିଗିଡ଼ିଗଲା ଓ ଏହା ମଧ୍ୟ ବିଶ୍ୱାସ କରିନେଇଥାଆନ୍ତି କି ଏବେ ଏହି ଜମାତ୍ ରସାତଳକୁ ଚାଲିଯିବ ଏବଂ ଜମାତ୍‌ର ଲୋକମାନେ ମଧ୍ୟ ଶଙ୍କାରେ ପଡ଼ିଯାଇଥାନ୍ତି ଓ ସେମାନଙ୍କର ମନୋବଳ ଭାଙ୍ଗିଯାଏ ଓ କିଛି ଅଭାଗା ମୁର୍‌ତଦ୍ (ଧର୍ମ ପରିତ୍ୟାଗ) ହୋଇଯାଇଥାଆନ୍ତି, ସେତେବେଳେ ଖୁଦାତାଲା ଦ୍ୱିତୀୟ ଥର ପାଇଁ ନିଜର ଶକ୍ତିଶାଳୀ କୁଦ୍‌ରତ୍‌କୁ ପ୍ରକାଶ କରିଥାଏ ଓ ପଡ଼ିଯାଇଥିବା ଜମାତ୍‌କୁ ନିଜେ ସମ୍ଭାଳି ନିଏ । ତେଣୁ ଯିଏ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବ ଖୁଦାତାଲାଙ୍କ ଏହି ଚମତ୍କାରିତାକୁ ସେ ଦେଖିନେବ ଯେପରିକି ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍ ର:ଅଙ୍କ ସମୟରେ ହେଲା । ଯେବେ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ମୃତ୍ୟୁକୁ ଏକ ଅସମୟ ମୃତ୍ୟୁ ରୂପେ ବିବେଚିତ କରାଗଲା ଓ ଅନେକ ଦେହାତି ଅଜ୍ଞ ମୁସଲ୍‌ମାନ୍ ମୁର୍‌ତଦ୍ ହୋଇଗଲେ । ଓ ସାହାବାମାନେ ମଧ୍ୟ ଦୁଃଖରେ ପାଗଳ ସଦୃଶ ହୋଇଗଲେ । ସେତେବେଳେ ଖୁଦାତାଲା ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍ ର:ଅଙ୍କୁ ଛିଡ଼ା କରାଇ ପୁନର୍ବାର ନିଜ କୁଦ୍‌ରତ୍‌ର ନମୁନା ଦେଖାଇଲେ....

ସୁତରାଂ ହେ ମୋର ପ୍ରିୟ ଲୋକମାନେ ! ପୂର୍ବରୁ ଅଲ୍ଲାଃତାଲା ଏହା କରିଆସିଛନ୍ତି କି ସେ ଦୁଇଗୋଟି କୁଦ୍‌ରତ୍ ଦେଖାଇଥାଏ । ଯଦ୍ୱାରା ବିରୋଧିମାନଙ୍କର ଦୁଇଟି ମିଥ୍ୟା ଖୁସିକୁ ପାଣିରେ ପକାଇ ଦିଏ । ତେଣୁ ଏବେ ସମ୍ଭବ ନୁହେଁ କି ଖୁଦାତାଲା ନିଜର ପୁରୁଣା ସୁନ୍ନତ୍ (କାର୍ଯ୍ୟାବଳୀ)କୁ ଛାଡ଼ିଦେବ । ତେଣୁ ଯାହାକିଛି ମୁଁ ତୁମ ସମ୍ମୁଖରେ ବର୍ଣ୍ଣନା କଲି ସେଥିରେ ଦୁଃଖିତ ହୁଅନାହିଁ ଏବଂ ତୁମର ମନ ବ୍ୟତିବ୍ୟସ୍ତ ନହେଉ । କାରଣ ତୁମପାଇଁ ଦ୍ୱିତୀୟ କୁଦ୍‌ରତ୍‌କୁ ଦେଖିବା ମଧ୍ୟ ଜରୁରୀ ଅଟେ ଓ ତାହା ଆସିବା ତୁମପାଇଁ ଉତମ ଅଟେ । କାରଣ ତାହା ସର୍ବକାଳୀନ ଯାହାର ସିଲ୍‌ସିଲା କୟାମତ୍ ପର୍ଯ୍ୟନ୍ତ ରହିବ । ଏବଂ ସେହି ଦ୍ୱିତୀୟ କୁଦ୍‌ରତ୍ ସେପର୍ଯ୍ୟନ୍ତ ଆସିପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ନଯାଇଛି । କିନ୍ତୁ ମୁଁ ଯେବେ ଯିବି ସେତେବେଳେ ପୁଣି ଖୁଦା ସେହି ଦ୍ୱିତୀୟ କୁଦ୍‌ରତ୍‌କୁ ତୁମପାଇଁ ପଠାଇଦେବେ ଯିଏ ସବୁବେଳ ପାଇଁ ତୁମ ସହିତ ରହିବ । ଯେପରି ବରାହିନେ ଅହେମଦୀୟାରେ ଅଲ୍ଲାଃତାଲାଙ୍କର ପ୍ରତିଶୃତି ରହିଛି ଓ ଉକ୍ତ ପ୍ରତିଶୃତି ମୋ ପାଇଁ ନାହିଁ ବରଂ ତୁମପାଇଁ ସେଇ ପ୍ରତିଶୃତି ଅଛି । ଯେପରିକି ଖୁଦାତାଲା କହୁଛନ୍ତି କି ମୁଁ ଏହି ଜମାତ୍‌କୁ, ଯିଏ ତୋର ଅନୁସରଣ କରିବ, ତାକୁ କୟାମତ୍ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରାଇବି ।

ଏହାପରେ ଅଜିଜା ଆମେନା ସୟଦ୍ ଓ ଅଜିଜା ଉଜ୍ଜା ବିଲାଲ୍ ଖୋଲୋଫା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପିଲାମାନଙ୍କୁ ପ୍ରଶ୍ନ ପଚାରିବାର ଅନୁମତି ପ୍ରଦାନ କଲେ ।

ଗୋଟିଏ ଝିଅ ପ୍ରଶ୍ନ ପଚାରିଲେ କି ଯେବେ ଆପଣ ଆସିଥିଲେ ସେତେବେଳେ ଗୋଟିଏ ନଜମ୍ ପଢ଼ିବା ବିଷୟରେ ଚର୍ଚ୍ଚା କରିଥିଲେ । କଣ ତାହା ଏବେ ପଢ଼ିନେବୁ । ଏହି ନଜମ୍‌ଟି ଦୁର୍‌ରେ ସମିନ୍‌ର ଅଟେ ଏବଂ ''ସୁବ୍‌ହାନା ମଇଁ ୟରାନି'' ଅଟେ । ଆଉ ଜଣେ ଝିଅ କସିଦା ପଢ଼ିବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କେବଳ ଦୁଇପଦ ପଢ଼ିବା ପାଇଁ ନିର୍ଦ୍ଦେଶ ଦେଲେ ଓ *ୟା ରବ୍‌ବି ସଲ୍ଲି ଆଲା ନବିୟିକା ଦାଇମନ୍* କୁ ବାରମ୍ବାର ପଢ଼ିବା ପାଇଁ ନିର୍ଦ୍ଦେଶ ଦେଲେ ।

ଆଉ ଜଣେ ଝିଅ ପ୍ରଶ୍ନ ପଚାରିଲେ କି ହଜୁର୍ ଅନୁଓ୍ୱର୍ ଏପର୍ଯ୍ୟନ୍ତ କେତେଥର ପବିତ୍ର କୋରାନ୍‌ର ତିଲାଓ୍ୱତ୍ ସମ୍ପୂର୍ଣ୍ଣ କରିଛନ୍ତି । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅଗଣତି ଥର । କେବେ ଗଣିନାହିଁ । ବର୍ଷକରେ ଛଅ ସାତ ଥର ସମ୍ପୂର୍ଣ୍ଣ ହୋଇଯାଏ ।

ଆଉ ଜଣେ ଝିଅ ପଚାରିଲେ କି ଯେତେବେଳେ ଆପଣ ଖଲିଫା ହେଲେ ସେତେବେଳେ ଆପଣଙ୍କୁ କିପରି ଲାଗୁଥିଲା ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ପୂର୍ବରୁ ଅନେକଥର ଏ ବିଷୟରେ କହିସାରିଛି । ମୋ ଭିଡିଓକୁ ପୁନର୍ବାର ଦେଖିନିଅ । ବହୁତ ବୋଝ ପଡ଼ିଥାଏ ଓ ବହୁତ କଷ୍ଟକର କାମ ଅଟେ ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ସ୍କୁଲ୍‌କୁ ଯିବା ସମୟରେ କେତେ ବୟସର ଝିଅପିଲା ଓଢ଼ଣୀ ଘୋଡିହେବା ଉଚିତ୍ ? ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ବାର ବର୍ଷରୁ । କିନ୍ତୁ ଲଜ୍ଜାଶୀଳ ପୋଷାକ ହେବା ଉଚିତ୍ ।

ଆଉଜଣେ ଝିଅ ପ୍ରଶ୍ନ କଲେ କି ଯେତେବେଳେ ଆପଣ ଛୋଟ ପିଲା ଥିଲେ ସେତେବେଳେ କି ପ୍ରକାରର ଦୁଷ୍ଟାମି କରୁଥିଲେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଶ୍ଚିତ ରୂପେ କରିଥିବି କିନ୍ତୁ ଏବେ ମୋର ମନେନାହିଁ । ମୁଁ ଅଧିକାଂଶ ସମୟ ସୁଲାହ୍ କରାଉଥିଲି ।

ଆଉ ଜଣେ ଝିଅ ପ୍ରଶ୍ନ କଲେ ଆପଣ ଯେତେବେଳେ ଛୋଟ ଥିଲେ ସେତେବେଳେ ମା'ଙ୍କ କଥାକୁ ମାନୁଥିଲେ ବା ମା'ଙ୍କୁ ସାହାଯ୍ୟ କରୁଥିଲେ କି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପ୍ରତ୍ୟେକ ହୁକୁମ୍ ମାନୁଥିଲି ଓ ବଜାର୍ ଯାଇ ସଉଦାପତ୍ର ଆଣିଦେଉଥିଲି ।

ଆଉ ଜଣେ ପଚାରିଲେ ଯେ ଆପଣଙ୍କର କେଉଁ ରଙ୍ଗଟି ପସନ୍ଦ ? ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ବିଷୟରେ କେବେ ଚିନ୍ତା କରିନାହିଁ । ସବୁରଙ୍ଗ ଠିକ୍ ଅଛି ।

ଆଉ ଜଣେ ଝିଅ ପ୍ରଶ୍ନ ପଚାରିଲେ କି ଯେତେବେଳେ ଆପଣଙ୍କ ପାଖରେ ସମୟ ମିଳେ ସେତେବେଳେ କଣ ଆପଣ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରଥମେ ରାନ୍ଧୁଥିଲି କିନ୍ତୁ ଏବେ ସମୟ ମିଳୁନହିଁ । ଆଉ ଜଣେ ପ୍ରଶ୍ନ ପଚାରିଲେ କି ଆପଣଙ୍କର ପସନ୍ଦଯୋଗ୍ୟ ଫୁଲ କେଉଁଟି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଗୋଲାପି ଫୁଲ ।

ଏ ପ୍ରଶ୍ନର ଉତରରେ କି ଆପଣଙ୍କ ପସନ୍ଦ ଯୋଗ୍ୟ ଡିସ୍ କଣ ? ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ସବୁ ପ୍ରକାରର ସ୍ୱାଦିଷ୍ଟ ରନ୍ଧା ଯାଇଥିବା ଖାଦ୍ୟ ଭଲ ଲାଗେ । ଏପରିକି Sea Food ମଧ୍ୟ ଭଲ ଲାଗେ । ଆଉ ଜଣେ ଝିଅ ପ୍ରଶ୍ନ କଲେ କି ଆପଣଙ୍କର ପସନ୍ଦଯୋଗ୍ୟ ଖେଳ କଣ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହି ପ୍ରଶ୍ନକୁ ପୁଅପିଲାମନେ ମଧ୍ୟ ପଚାରିଥିଲେ । ପିଲାଦିନେ, ଯୌବନ ଅବସ୍ଥାରେ କ୍ରିକେଟ୍ ଖେଳୁଥିଲି ।

ଆଉ ଗୋଟିଏ ଝିଅ ପ୍ରଶ୍ନ କଲା-ୟୁରୋପୀୟ ଲୋକମାନେ ଇସ୍‌ଲାମ୍‌କୁ କାହିଁକି ଘୃଣା କରୁଛନ୍ତି ଏବଂ ଅଲ୍ଲାଃତାଲାଙ୍କୁ କାହିଁକି ମାନୁନାହାଁନ୍ତି ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବହୁତ ମୁସଲ୍‌ମାନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନୁ ନାହାଁନ୍ତି, ସେମାନଙ୍କ ଭିତରେ ପ୍ରକୃତ ଇସ୍‌ଲାମ୍‌ର ଶିକ୍ଷା ନାହିଁ । ମୁସଲ୍‌ମାନ୍‌ମାନେ ଇସ୍‌ଲାମ୍‌ର ପ୍ରକୃତ ଓ ବାସ୍ତବିକ ଶିକ୍ଷାକୁ ଭୁଲ୍‌ରୂପେ ଉପସ୍ଥାପନ କରୁଛନ୍ତି । ଇସ୍‌ଲାମ୍ କହୁଛି କି ଶତୃଙ୍କ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan